


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୫ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 DECEMBER 2023

Vol.No. 34 ■ No. 318■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବୁଡ଼ିଲା ଚେନ୍ନାଇ: ଭାସିଗଲା କାର, ବିମାନ ବନ୍ଦରରେ ପଶିଲା ପାଣି



ନୂଆଦିଲ୍ଲୀ, ୦୪/୧୨ : ଜୁଆଡେ ଚାହିଁବ ଖାଲି ପାଣି ଆଉ ପାଣି। ଚେନ୍ନାଇରେ ଦେଖିବାକୁ ମିଳିଛି ବାତ୍ୟା ମିଗଜୋମ୍‌ର ପ୍ରଭାବ। ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗିରହିଛି। ଫଳରେ ଉବୁଟୁବୁ ହେଉଛି ଚେନ୍ନାଇ। ପ୍ରବଳ ବର୍ଷା ଯୋଗୁ ଅନେକ ସ୍ଥାନରେ ଜଳାର୍ଣ୍ଣବ ପରିସ୍ଥିତି ସୃଷ୍ଟି ହୋଇଛି। ଚେନ୍ନାଇର ଇଷ୍ଟକୋଷ୍ଟ ରୋଡ୍‌ରେ ପ୍ରବଳ ବର୍ଷା ଯୋଗୁ ନିର୍ମାଣାଧୀନ କାନ୍ଥ ଭୁଶୁଡି ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ଚେନ୍ନାଇର ବିଭିନ୍ନ ସ୍ଥାନରେ ପାଣି ଜମି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି ବିମାନ ବନ୍ଦରେ ମଧ ପାଣି ପଶି ଯାଇଥିବା ଦେଖିବାକୁ ମିଳିଛି। ଚେନ୍ନାଇ ଏୟାରପୋର୍ଟ ରନ୍‌ୱେ ବର୍ଷା ପାଣିରେ ବୁଡିଯାଇଛି। ଫଳରେ ଅନେକ ବିମାନ ଉଡାଣ ବାତିଲ ହୋଇଛି। ସେହିପରି ଘରେ ଭିତରେ ପାଣି ପଶି ଯାଇଛି। ପାର୍କିଂରେ ରଖାଯାଇଥିବା କାର ମଧ ଭାସି ▶▶ପୃଷ୍ଠା ୭

## ଆଜି ଓ ବୁଧବାର ଓଡ଼ିଶାରେ ପ୍ରବଳ ବର୍ଷା: ଚିନ୍ତାରେ ଚାଷୀ



ଭୁବନେଶ୍ୱର, ୦୪/୧୨ (ନି.ପ୍ର): ବାତ୍ୟା 'ମିଗ୍‌ଜୋର'ର ପ୍ରଭାବ ଓଡ଼ିଶାରେ ପଡ଼ିବ ! ବାତ୍ୟା ପ୍ରଭାବରେ ମଙ୍ଗଳବାର ଓ ବୁଧବାର ଓଡ଼ିଶାରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୯୦ରୁ ୧୦୦ କିମି ବେଗରେ ପବନ ହୋଇବ। ମଝିରେ ମଝିରେ ଝଟକା ପବନ ଘଣ୍ଟା ପ୍ରତି ୧୧୦ ବେଗରେ ବୋହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବର୍ଷାକୁ ଦେଖି ଚିନ୍ତାରେ ପଡ଼ି ଯାଇଛି ଚାଷୀ। ତରତର ହୋଇ ବିଲରେ କଟାଯାଇଥିବା ଧାନକୁ ଖଳାକୁ ନେଇ ଆସୁଥିବା ଦେଖିବାକୁ ମିଳୁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ମଙ୍ଗଳବାର ଦକ୍ଷିଣ ଉପକୂଳ ଓଡ଼ିଶା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ପୁରୀ, କଳାହାଣ୍ଡି, ନବରଙ୍ଗପୁର ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବାକି ଜିଲ୍ଲାରେ ମଧ ବର୍ଷା ହୋଇପାରେ। ▶▶ପୃଷ୍ଠା ୭

## ପୂର୍ବତନ ସହକର୍ମୀଙ୍କୁ ଛାଡ଼ିଲେନି: ୧୦ ହଜାର ଟଙ୍କା ଲାଂଚ ନେଇ ଧରାପଡ଼ିଲେ ବରିଷ୍ଠ କିରାଣି



ଅନୁଗୋଳ, ୦୪/୧୨ (ନି.ପ୍ର): ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଫିସର ବରିଷ୍ଠ କିରାଣି ନିତ୍ୟାନନ୍ଦ ଗାଇଗରିଆ। ଭିଜିଲାନ୍ସ ଟିମ୍ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛି। କିଶୋରନଗର ବ୍ଲକ୍ ଅଫିସରେ ପୂର୍ବରୁ ପିଅନ ଥିବା ପୂର୍ଣ୍ଣଚନ୍ଦ୍ର ଭୁକ୍ତା ଏବେ ଅନୁଗୋଳ ଜିଲ୍ଲା କ୍ରୀଡ଼ା ବିଭାଗରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। କିଶୋରନଗର ବ୍ଲକ୍ ଅଫିସ୍‌ରେ କାମ କଲା ବେଳେ ତାଙ୍କର ଦରମା ସଂପର୍କିତ କିଛି କାମ ଅଟକି ଯାଇଥିଲା। ସେହି କାମ ପାଇଁ ସେ ବରିଷ୍ଠ କିରାଣି ନିତ୍ୟାନନ୍ଦ ଗାଇଗରିଆଙ୍କ ପାଖକୁ ବାରମ୍ବାର ଯାଉଥିଲେ। ▶▶ପୃଷ୍ଠା ୭

## ହନିଟ୍ରାପ୍ ମାମଲାରେ ଅର୍ଚ୍ଚନା ନାଗଙ୍କୁ ମିଳିଲା ଜାମିନ



ଭୁବନେଶ୍ୱର, ୦୪/୧୨ (ନି.ପ୍ର): ବହୁ ଚର୍ଚ୍ଚିତ ହନି ଟ୍ରାପ୍ ମାମଲାରେ ଅର୍ଚ୍ଚନା ନାଗଙ୍କୁ ମିଳିଲା ଜାମିନ। ଇଡି ମାମଲାରେ ଅର୍ଚ୍ଚନାଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ। ପୂର୍ବରୁ ୨ଟି ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳି ସାରିଥିଲା। ସମସ୍ତ ୩ଟି ମାମଲାରେ ଜାମିନ ମିଳିଥିବାରୁ ଜେଲରୁ ମୁକୁଳିବା ସ୍ପଷ୍ଟ। ବର୍ତ୍ତମାନ ଝାରପଡ଼ା ଜେଲ୍‌ରେ ବନ୍ଦୀ ଜୀବନ କାଟୁଛନ୍ତି ଅର୍ଚ୍ଚନା। ରାଜଧାନୀର ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇ କୋଟି କୋଟି ଟଙ୍କା ସମ୍ପତ୍ତିର ମାଲିକ ହୋଇଥିଲା। ଏହି ମାମଲା ସମଗ୍ର ରାଜ୍ୟର ଆଲୋଡ଼ନ ବିଷୟ ପାଲଟିଥିଲା। ଏନେଇ ଅଭିଯୋଗ ହେବା ପରେ ଅର୍ଚ୍ଚନା ନାଗ ଚମ୍ପଟ ମାରିଥିଲା। ପରବର୍ତ୍ତୀ ସମୟରେ ଅର୍ଚ୍ଚନାକୁ ଗିରଫ କରିଥିଲା କମିଶନରେଟ୍ ପୁଲିସ୍। ଏଥିସହ ତାଙ୍କ ସ୍ୱାମୀ ଜଗବନ୍ଧୁ ଓ ବନ୍ଧୁ ଖଗେଶ୍ୱରଙ୍କୁ ଗିରଫ କରିଥିଲା କମିଶନରେଟ୍ ପୁଲିସ୍ ଝାରପଡ଼ା ଜେଲ୍ ପଠାଇ ଦେଇଥିଲା। ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଥିବା ଏହି ହାଇପ୍ରୋଫାଇଲ୍ ମାମଲାରେ ବହୁ ବଡ଼ବଡୁଆଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଥିଲା। ଏପରିକି ଶାସକ ବିଜେଡିର କେତେକ ବରିଷ୍ଠ ନେତାଙ୍କ ଫଟୋ ଭାଇରାଲ୍ ହୋଇଥିଲା। ରାଜନେତାଙ୍କ ସହିତ ଅର୍ଚ୍ଚନା ନାଗଙ୍କ ▶▶ପୃଷ୍ଠା ୭

## ଦିନଟିଏ ବଢ଼ିଲା କଟକ ବାଲିଯାତ୍ରା



କଟକ, ୦୪/୧୨ (ନି.ପ୍ର): ଐତିହାସିକ କଟକ ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଛି। ଲୋକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆଜି ବାଲିଯାତ୍ରାର ଶେଷ ଦିନ ଥିଲା। ସୂଚନା ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା କଟକର ଐତିହାସିକ ବାଲିଯାତ୍ରା ଆଜି ଶେଷ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସାଧାରଣ ଲୋକଙ୍କ ଉତ୍ସାହ ଓ ଆଗ୍ରହକୁ ଦୃଷ୍ଟିରେ ରଖି ବାଲିଯାତ୍ରା ଅବଧିକୁ ଆଉ ଗୋଟିଏ ଦିନ ବଢ଼ାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନିର୍ଦ୍ଦେଶ ଦେଇଛନ୍ତି।

## ମିଜୋରାମରେ ସରକାର ଗଢିବ ଜେପିଏମ: ହାରିଗଲେ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା




ନୂଆଦିଲ୍ଲୀ, ୦୪/୧୨ : ବହୁମତ ମତ ସହ ମିଜୋରାମରେ ସରକାର ଗଢିବାକୁ ଯାଉଛି ଜୋରମ ପିପୁଲ୍ସ ମୁଭମେଣ୍ଟ। ଶାସକ ମିଜୋ ନ୍ୟାସନାଲ ଫ୍ରଣ୍ଟକୁ ଚକମା ଦେଇ ଏଥର ସରକାର ଗଢିବାକୁ ଯାଉଛି ଏହି ଆଞ୍ଚଳିକ ଦଳ। ୪୦ଟି ଆସନ ବିଶିଷ୍ଟ ଏହି ବିଧାନସଭାରେ ମ୍ୟାଜିକ୍ ନଂ ୨୧ ଥିବାବେଳେ ଏହାକୁ ହାସଲ କରିସାରିଛି ଜୋରମ ପିପୁଲ୍ସ ମୁଭମେମ୍ଟ। ସେପଟେ ମୁଖ୍ୟମନ୍ତ୍ରୀ ଥିବା ଜୋରାମଥାଙ୍ଗା ଇଷ୍ଟ-୧ ଆସନରୁ ହାରି ଯାଇଛନ୍ତି। ଟଚଗ ପ୍ରାର୍ଥୀ ଲଥାନସାଙ୍ଗା ତାଙ୍କୁ ୨୧୦୧ ଭୋଟରେ ପରାସ୍ତ କରିଛନ୍ତି। ମିଜୋ ନ୍ୟାସନାଲ ଫ୍ରଣ୍ଟର କେବଳ ମୁଖ୍ୟମନ୍ତ୍ରୀ ନୁହଁନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମଧ ପରାସ୍ତ ହୋଇଛନ୍ତି। ଦଳ ପୂର୍ବ ଥର ଗାଦି ଅକ୍ତିଆର କରିଥିଲେ ମଧ ଏଥର ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଅନ୍ୟପଟେ ଜୋରମ ପିପୁଲ୍ସ ମୁଭମେଣ୍ଟର ଅଧିକାଂଶ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଲାଲଦୁହୋମା ସର୍ଚିପ୍ ଆସନରୁ ବିଜୟୀ ହୋଇଛନ୍ତି। ପ୍ରତିପକ୍ଷ ଗଘର ଦଳ ପ୍ରାର୍ଥୀଙ୍କୁ ୨,୯୮୨ ▶▶ପୃଷ୍ଠା ୭

## ଓଡ଼ିଶାରେ ବି ଗେମଚେଞ୍ଜର ହେବ 'ମୋଦି ଗ୍ୟାରେଣ୍ଟି': ବଢ଼ିଲା ବିଜେଡି ଅଡୁଆ



ଭୁବନେଶ୍ୱର, ୦୪/୧୨ (ନି.ପ୍ର): ସୁଚିନ୍ତିତ ରଣନୀତି ଓ ନିର୍ବାଚନୀ ପ୍ରତିଶ୍ରୁତିକୁ 'ମୋଦି ଗ୍ୟାରେଣ୍ଟି'ର ନାଁ ଦେଇ ହିନ୍ଦି ହାର୍ଟଲ୍ୟାଣ୍ଡରେ ବୃହତ୍ ବିଜୟ ହାସଲ କରିଛି ବିଜେପି । ମଧ୍ୟପ୍ରଦେଶ, ରାଜସ୍ଥାନ ଓ ବିଶେଷକରି ପଡ଼ୋଶୀ ଛତିଶଗଡ଼ରେ ସମସ୍ତଙ୍କୁ ଚକମା ଦେଇ ବିଜେପି ନିଜର ସର୍ବକାଳୀନ ରେକର୍ଡ ସିଟ୍ ହାତେଇଛି । ବିଜେପିର ବୃହତ୍ ବିଜୟ ପରେ ଓଡ଼ିଶାରେ କ୍ଷମତାସୀନ ବିଜେଡି ଟେନସନରେ । ଦୀର୍ଘ ୨ଦଶନ୍ଧି ଧରି ରାଜ୍ୟରେ କ୍ଷମତାରେ ରହିବା ନେଇ ଯେଉଁ କୌଶଳ ବିଜେଡି ଆପଣାଇଛି ତାହା ଏବେ ପ୍ରଭାବହୀନ ହେବାରେ ଲାଗିଛି । ଯଦି ସବୁକିଛି ଠିକଠାକ୍ ରୁହେ ଓ କେନ୍ଦ୍ରୀୟ ବିଜେପି ନେତୃତ୍ୱ ବିଜେଡି ପ୍ରତି ଥିବା କୋହଳ ଆଭିମୁଖ୍ୟରେ ପରିବର୍ତ୍ତନ କରନ୍ତି ତା'ହେଲେ ଓଡ଼ିଶାରେ ନବୀନଙ୍କ ଦୁର୍ଗ ଭୁଷୁଡ଼ିବାକୁ ବେଶୀ ସମୟ ଲାଗିବ ନାହିଁ । ଆଉ ବିଜେଡିକୁ କ୍ଷମତାଚ୍ୟୁତ କରିବା ପାଇଁ ରାଜ୍ୟରେ ଏବେ ଅନୁକୂଳ ମାହୋଲ ରହିଥିବା ରାଜନୀତିକ ବିଶ୍ଳେଷକମାନେ ▶▶ପୃଷ୍ଠା ୭

## ପୁଣି ଅଶାନ୍ତ ହେଲା ମଣିପୁର: ସଂଘର୍ଷରେ ୧୩ ମୃତ



ନୂଆଦିଲ୍ଲୀ, ୦୪/୧୨ : ପୁଣି ଅଶାନ୍ତ ହେଲା ମଣିପୁର। ଇଣ୍ଟରନେଟ୍ ସେବା ଉପରୁ ସୋମବାର ବ୍ୟାନ୍ ହଟିବା ପରେ ପୁଣିଥରେ ଏଠାରେ ହିଂସା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ପରସ୍ପରକୁ ଉପରକୁ ଗୁଳିମାଡ଼ କରିଛନ୍ତି ଦୁଇ ଗୋଷ୍ଠୀ। ଏଥିରେ ଉପୟ ପକ୍ଷରୁ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଆଜି ମଧ୍ୟାହ୍ନରେ ଏହି ସଂଘର୍ଷ ଘଟିଛି। ମଣିପୁରର ଟେଙ୍ଗନୋପାଲ ଜିଲ୍ଲାର ସାଇବେଲ ନିକଟରେ ଲେଟୁଥି ଗାଁରେ ଦୁଇ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଗୁଳିବିନିୟ ହୋଇଥିଲା। ଇଣ୍ଟରନେଟ୍ ସେବା ଉପରେ ଲାଗିଥିବା ବ୍ୟାନ୍ ହଟିବା ପରେ ଏହି ହିଂସା ଘଟଣା ସାମ୍ନାକୁ ଆସିଛି। ଜଣେ ସେନା ଅଧିକାରୀଙ୍କ କହିବା ମୁତାବକ, ୧୩ ଜଣଙ୍କ ମୃତଦେହ ମିଳିଛି। ସେମାନଙ୍କ ନିକଟରୁ କୌଣସି ହତିଆର ଜବତ ହୋଇନାହିଁ। ତେବେ ସମସ୍ତ ମୃତକ ଲିଥୁ ଅଞ୍ଚଳର ନୁହନ୍ତି, ଏମାନେ ଅନ୍ୟ କୌଣସି ଅଞ୍ଚଳରୁ ଆସିଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୂରା ମାମଲାର ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ମେ' ୩ ତାରିଖରୁ ମଣିପୁରରେ ଅଶାନ୍ତ ଲାଗି ରହିଛି। ଦୁଇ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷରେ ଅତିକମ୍‌ରେ ୧୮୨ ଜଣ ପ୍ରାଣ ହରାଇଛନ୍ତି। ଏଥିସହ ୫୦ ହଜାରରୁ ଅଧିକ ଲୋକେ ବାସ ହରା ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ମଣିପୁରରେ ମେ' ୩ ତାରିଖକୁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ତେବେ ୭ ମାସ ପରେ ଆଜି ଏହି ବ୍ୟାନ୍ ହଟିବା ପରେ ପୁଣିଥରେ ଏଠି ହିଂସା ଦେଖିବାକୁ ମିଳିଛି।

## ବାତ୍ୟା ପାଇଁ ୬୦ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ମିଗ୍‌ଜୋମ୍' ଏବଂ ଏହାର ପ୍ରଭାବରେ ହେବାକୁ ଥିବା ପ୍ରବଳ ବର୍ଷାକୁ ନେଇ ପୂର୍ବତଟ ରେଳବାଇ ପକ୍ଷରୁ ୨୪ ଘଂଟିଆ ଜରୁରୀକାଳୀନ କଂଟ୍ରୋଲ ରୁମ୍ ଖୋଲାଯାଇଛି। ବାତ୍ୟା ସଂପର୍କରେ ପୂର୍ବ ପ୍ରସ୍ତୁତି ପାଇଁ ନିରୀକ୍ଷଣ କରାଯାଇଛି। ସେହିପରି ଯାତ୍ରୀମାନଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ଏ ପର୍ଯ୍ୟନ୍ତ ୬୦ଟି ଟ୍ରେନ୍ ବାତିଲ କରାଯାଇଛି। ଏଥିରେ ଭୁବନେଶ୍ୱର, ପୁରୀ ଏବଂ ବିଶାଖାପାଟଣାରୁ ଯାତ୍ରା ଆରମ୍ଭ କରୁଥିବା କିଛି ଟ୍ରେନ୍ ଏବଂ ଅନ୍ୟ ଜୋନରୁ ଆସୁଥିବା କିଛି ଟ୍ରେନ୍ ମଧ ସାମିଲ ଅଛି। ସେହିପରି ଯାତ୍ରୀଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି।

## ୩ ରାଜ୍ୟରେ ପରାଜୟ ପରେ 'ଇଣ୍ଡିଆ' ମେଣ୍ଟକୁ ଝଟକା : ବିରୋଧୀଙ୍କ ବୈଠକରେ ସାମିଲ ହେବନି ତୃଣମୂଳ କଂଗ୍ରେସ



ନୂଆଦିଲ୍ଲୀ, ୦୪/୧୨ : ୩ ରାଜ୍ୟରେ ବିଜେପିର ବଡ ବିଜୟ ପରେ ଏବେ ବିରୋଧୀ ଇଣ୍ଡିଆ ମେଣ୍ଟକୁ ଲାଗିଛି ବଡ ଝଟକା । ଆସନ୍ତା ବୁଧବାର ବିରୋଧୀ ଇଣ୍ଡିଆ ମେଣ୍ଟର ବୈଠକ ହେବାକୁ ଥିବାବେଳେ, ଏହି ବୈଠକରେ ଯୋଗଦେବେନି ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ । ତେବେ ଏହି ବୈଠକରେ ତୃଣମୂଳ କଂଗ୍ରେସର କୌଣସି ବି ନେତା ଯୋଗ ଦେବେନି ବୋଲି ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ, ବିରୋଧୀ ମେଣ୍ଟର ଏହି ବୈଠକ ନେଇ ତୃଣମୂଳ କଂଗ୍ରେସକୁ କୌଣସି ଖବର ଦିଆଯାଇନି । ତେଣୁ ଏଥିପାଇଁ ମମତା ବାନାର୍ଜୀ ଏହି ଦିନ ତାଙ୍କ କାର୍ଯ୍ୟକ୍ରମ ରଖିଛନ୍ତି । ଏହି କାରଣରୁ ସେ ଆସନ୍ତା ବୁଧବାର ଦିନ ହେବାକୁ ଥିବା ବିରୋଧୀ ଇଣ୍ଡିଆ ମେଣ୍ଟର କାର୍ଯ୍ୟକ୍ରମରେ ▶▶ପୃଷ୍ଠା ୭

## ତେଲଙ୍ଗାନାରେ କିଏ ହେବେ ମୁଖ୍ୟମନ୍ତ୍ରୀ ?: ଖଡଗେ ନେବେ ନିଷ୍ପତ୍ତି



ନୂଆଦିଲ୍ଲୀ, ୦୪/୧୨ : ତେଲଙ୍ଗାନାରେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ସେ ନେଇ ନିଷ୍ପତ୍ତି ନେବେ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ। ଆଜି ତେଲଙ୍ଗାନା କଂଗ୍ରେସ ବିଧାୟକ ଦଳର ବୈଠକ ଏହି ନିଷ୍ପତ୍ତି ହୋଇଥିବା କହିଛନ୍ତି ଏଆଇସିସି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକା ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର। ଏହି ବୈଠକ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶିବକୁମାର କହିଥିଲେ, କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ସେ ନେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ନିଷ୍ପତ୍ତି ନିଅନ୍ତୁ ବୋଲି ସମସ୍ତ ନବନିର୍ବାଚିତ ବିଧାୟକ କହିଛନ୍ତି। ତେଲଙ୍ଗାନା ▶▶ପୃଷ୍ଠା ୭

## ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳନ ଅବସରରେ .....

# ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ : ଆଡଭୋକେଟ ଅମର କୁମାର ପାଳ



ବାଲେଶ୍ୱର ଜିଲ୍ଲାସ୍ତରୀୟ ବିଭିନ୍ନ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ଅନ୍ୟତମ ହେଉଛି। "ଆସୋସିଏସନ ଫର ସୋସିଆଲ ହେଲ୍‌ଥ ଆଡଭାନ୍‌ସମେଣ୍ଟ (ଆଶା)" । 'ଆଶା' ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ରହିଛି ଜିଲ୍ଲାର ବସ୍ତାବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତ ଅଧୀନ ସାନଖୁଡୀ ଠାରେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଏହାର ସ୍ୱତନ୍ତ୍ର ଦୃଷ୍ଟି ରହିଛି ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାମାନଙ୍କରେ ଦିବ୍ୟାଙ୍ଗମାନଙ୍କର ଉନ୍ନତି ସଂପର୍କରେ। ଏଥି ନିମନ୍ତେ ଏହି ସଂଗଠନ ପକ୍ଷରୁ ସାନଖୁଡୀ ଠାରେ ମୂକ, ବଧିରଙ୍କ ନିମନ୍ତେ ସ୍ଥାପିତ ହୋଇଛି ଏକ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ। ଏହି ସଂଗଠନ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ଥିବା ବେଳେ ଏହି ସଂଗଠନକୁ ଶିଖରରେ ପହଞ୍ଚାଇବାର ଶ୍ରେୟ ଯାଏ ଏହାର ସଂସ୍ଥାପକ ତଥା ସଂପାଦକ ଆଡଭୋକେଟ ଅମରକୁମାର ପାଳଙ୍କୁ।

ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳନ ଅବସରରେ ଆଡଭୋକେଟ ଅମରକୁମାର ପାଳଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରାଯାଉଛି। ୧୯୭୨ମସିହାରେ ସାନଖୁଡୀ ଗ୍ରାମର ମାତା ବାସନ୍ତୀଲତା ଓ ପିତା ଶମ୍ଭୁନାଥ ପାଳ ଙ୍କ ଦ୍ୱିତୀୟ ସନ୍ତାନ ଭାବେ ଜନ୍ମ ଗ୍ରହଣ କରିଥିଲେ ଅମର। ପିତାଙ୍କ ମୃତ୍ୟୁ ପରେ ମାତା ବାସନ୍ତୀଲତା ନିଜର ଶାରିରୀକ ଅକ୍ଷମତା ସତ୍ତ୍ୱେ ଆର୍ଥିକ ଅନଟନକୁ ଖାତିର ନ କରି ବହୁ ଦୁଃଖକଷ୍ଟରେ ଦୁଇପିଲାଙ୍କୁ ସୁଯୋଗ୍ୟ ମଣିଷ କରିବାରେ ଶତତ ଚେଷ୍ଟିତ ଥିଲେ। ଅମର ମାତାଙ୍କ ସ୍ୱପ୍ନକୁ ସାକାର କରି ବହୁ ଦୁଃଖକଷ୍ଟ ମଧ୍ୟରେ ବି.ଏ.ଏଲ୍.ଏଲ୍.ବି. କରିପାରିଥିଲେ। ପିଲାଟି ବେଳୁଁ ଶାରିରୀକ ଅକ୍ଷମ ମାତାଙ୍କୁ ଦେଖି ଅକ୍ଷମ ବ୍ୟକ୍ତିଙ୍କ ସେବା ଓ ଉନ୍ନତି ନିମନ୍ତେ କିଛି କରିବାକୁ ମାନସିକସ୍ତରରେ ସ୍ଥିର କରିଥିଲେ। ଉଚ୍ଚଶିକ୍ଷିତ ହେବା ପରେ ଚାକିରୀ ନ କରି କିମ୍ବା ଓକିଲାତି ନ କରି ସାମାଜିକ କାର୍ଯ୍ୟରେ ଅମର ନିଜକୁ ନିୟୋଜିତ କରିଥିଲେ। ସାମାଜିକ କାର୍ଯ୍ୟ ଆରମ୍ଭରେ ଗ୍ରାମରେ କ୍ଲବ ଗଠନକରି ବିଭିନ୍ନ ସାମାଜିକ କାର୍ଯ୍ୟ କରିଥିଲେ। ମାଗଣା ଚକ୍ଷୁ ପରୀକ୍ଷା ଶିବିର, ବୃକ୍ଷରୋପଣ ଆଦି ସାମାଜିକ କାର୍ଯ୍ୟ କରିଥିଲେ ମଧ ଉପଯୁକ୍ତ ସହଯୋଗ ମିଳି ପାରି ନ ଥିଲା ତାଙ୍କୁ। ତେବେ ଏଥିରେ ନିରାଶ ହେବା ପରିବର୍ତ୍ତେ ଅମର ନିଜସ୍ୱ ଉଦ୍ୟମରେ ୨୦୦୦ମସିହାରେ ଆରମ୍ଭ କଲେ "ଆଶା' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ। ୨୦୦୨ମସିହାରେ ସରକାରଙ୍କ ଦ୍ୱାରା ପଂଜୀକୃତ ହୋଇଥିଲା ଏହି ସଂଗଠନ। ସଂଗଠନର ସଂପାଦକ ଭାବେ ଅମର କାର୍ଯ୍ୟ କରି ସମାଜର ଦୁର୍ବଳ ତଥା ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ର ଉନ୍ନତି ନିମନ୍ତେ ଅହରହ ଉଦ୍ୟମ ଆରମ୍ଭ କରିଥିଲେ। ମାଗଣା ଚକ୍ଷୁ ଅସ୍ତ୍ରୋପଚାର ଶିବିର, ବୃକ୍ଷରୋପଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ତଥା ସେମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ନିମନ୍ତେ ବିଭିନ୍ନ ଧନ୍ଦାମୂଳକ ପ୍ରଶିକ୍ଷଣ ଶିବିର ଆଦି ଆୟୋଜନ କରିବା ସହିତ ସମାଜର ଦଳିତ, ଅବହେଳିତ ଦିବ୍ୟାଙ୍ଗ ଶିଶୁମାନଙ୍କ ଶିକ୍ଷାନିମନ୍ତେ ୨୦୦୩ ମସିହାରେ ଏହି ସଂଗଠନ ମାଧ୍ୟମରେ ସାନଖୁଡି ଠାରେ ଆରମ୍ଭ ହେଲା "ଲକ୍ଷ୍ମୀ-ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ"। ଏହାପରେ ୨୦୧୭ ମସିହାରେ ଏଇନା ଏଲିସା ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟ ତଥା ବହୁମୁଖୀ ଭିନ୍ନକ୍ଷମଙ୍କ ଚିକିତ୍ସା ନିମନ୍ତେ ୨୦୧୬ ମସିହାରେ 'ଆଶା ଫିଜିଓଥେରାପଟିକ ସେଣ୍ଟର' ପ୍ରତିଷ୍ଠା କରି ଦିବ୍ୟାଙ୍ଗମାନଙ୍କର ଶିକ୍ଷା ସ୍ୱାସ୍ଥ୍ୟ ନିମନ୍ତେ ନିଜସ୍ୱ ଉଦ୍ୟମରେ ସମ୍ବଳ ସଂଗ୍ରହ କରି ଚଳାଇ ଆସୁଥିଲେ। ଯାହା ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ବର୍ତ୍ତମାନ ଅନୁଦାନ ପ୍ରଦାନ କରୁଅଛନ୍ତି।

ପ୍ରତ୍ୟେକ ସଫଳ ବ୍ୟକ୍ତିଙ୍କ ପଛରେ ନାରୀର ଭୂମିକା ରହିଥିବା କୁହାଯାଏ। ଅମରଙ୍କ ଏହି ସଫଳତା ପଛରେ ମାତା ବାସନ୍ତୀଲତାଙ୍କ ଶିକ୍ଷା, ଦିଗ୍‌ଦର୍ଶନ ଓ ପ୍ରୋତ୍ସାହନ ରହିଥିବା ବେଳେ ପତ୍ନୀ ମଂଜୁବତୀ ବିଶ୍ୱାଳଙ୍କ ଅବଦାନ ଅତୁଳନୀୟ। ସାଧାରଣତଃ ମହିଳାମାନେ ସୁଖ, ସ୍ୱାଚ୍ଛନ୍ଦ୍ୟରେ ବିଶ୍ୱାସ ରଖୁଥିବା ବେଳେ ମଂଜୁବତୀ ସ୍ୱାମୀଙ୍କ କର୍ମକୁ ଅନୁସରଣ କରି କାନ୍ଧକୁ କାନ୍ଧ ମିଳାଇ ସାମାଜିକ କାର୍ଯ୍ୟରେ ନିୟୋଜିତ ରହି ନିଜ ସଂସାରକୁ ମଧ ଉତ୍ତମ ଭାବେ ଚଳାଇ ରଖି ନିଜର ପୁଅ ପ୍ରଜ୍ଞା ପ୍ରକାଶ ଓ ଝିଅ ଏଲିନା ଏଲିଶାକୁ ସୁଯୋଗ୍ୟ କରିପାରିଛନ୍ତି।

ଆଡଭୋକେଟ ପାଳଙ୍କୁ ତାଙ୍କ ଜୀବନର ବଡ ଉପଲବ୍ଧି ସଂପର୍କରେ ପ୍ରଶ୍ନ ହେଲେ ସ୍ୱାଧୀନତା ଆନ୍ଦୋଳନର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଦିଲ୍ଲୀର ଲାଲକିଲ୍ଲା ଠାରେ ଆୟୋଜିତ ଉତ୍ସବରେ ଅଂଶଗ୍ରହଣ କରି ନିଜକୁ ଗୌରବାନ୍ୱିତ ମନେ କରନ୍ତି ବୋଲି କହନ୍ତି। ସଂଗଠନ ଓ ନିଜର ଭବିଷ୍ୟତ ସଂପର୍କରେ ପ୍ରଶ୍ନର ଉତ୍ତର ଦେଇ ସେ କହନ୍ତି ଯେ, 'ନିଜ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ସମାଜସେବାରେ ଜଡିତ ରହିବେ ଓ ସଂଗଠନ ମାଧ୍ୟମରେ ଦିବ୍ୟାଙ୍ଗମାନଙ୍କର ଉନ୍ନତି କରିଚାଲିବେ'।

## ଶୀତ ବସ୍ତ୍ର ପାଇ ପ୍ରୀତ ହେଲେ ବ୍ରାହ୍ମଣ

ପୁରୀ, ୦୪/୧୨ (ନି.ପ୍ର): ସେବା ହିଁ ପରମ ଧର୍ମ। ଏହି ମନ୍ତ୍ରକୁ ପାଥେୟ କରି ଉତ୍କଳ ବିଦ୍ୱତ ପରିଷଦ ଚଳିତ ବର୍ଷ ଶୀତ ବସ୍ତ୍ର ବଂଟନ କାର୍ଯ୍ୟ ଆରମ୍ଭ କରିଛି। ପୂର୍ବ ବର୍ଷ ମାନଙ୍କ ଭଳି ଏହି କାର୍ଯ୍ୟକ୍ରମ ଶ୍ରୀମନ୍ଦିରର ମୁକ୍ତିମଣ୍ଡପ ଓ ପଣ୍ଡିତ ସଭାର ଶହେ ଜଣ ବ୍ରାହ୍ମଣଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇ ଶୁଭାରମ୍ଭ କରାଯାଇଥିଲା। ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖସ୍ଥ ମଣ୍ଡପରେ ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ ରଥ, ମୁକ୍ତି ମଣ୍ଡପର ସମ୍ପାଦକ ଅଜିତ ମିଶ୍ର, ମୁକ୍ତି ମଣ୍ଡପ ପଣ୍ଡିତ ସଭାର ଉପସଭାପତି ଉମାବଲ୍ଲଭ ମହାପାତ୍ର, ସହ ସମ୍ପାଦକ ରଘୁନାଥ ମିଶ୍ରଙ୍କ ଉପସ୍ଥିତିରେ ପଣ୍ଡିତ ବ୍ରାହ୍ମଣ ମାନଙ୍କୁ ଶୀତ ବସ୍ତ୍ର ଓ ଦକ୍ଷିଣା ବଣ୍ଟନ କରାଯାଇଥିଲା। ବ୍ରାହ୍ମଣମାନେ ପ୍ରୀତ ହୋଇ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ସ୍ୱସ୍ତି ବାଚନ କରିଥିଲେ। ଉତ୍କଳ ବିଦ୍ୱତ ପରିଷଦର ସମ୍ପାଦକ ବିଜୟ କୃଷ୍ଣ ବ୍ରହ୍ମା, କୋଷାଧ୍ୟକ୍ଷ କମଳାକାନ୍ତ ଆଚାର୍ଯ୍ୟ, ସଦସ୍ୟ ବିରଂଚି ମିଶ୍ର, ଦିବ୍ୟ ରଞ୍ଜନ ଦାଶ, ଜ୍ୟୋତି ମହାପାତ୍ର, ଭବାନୀ ସାମନ୍ତରାୟ, ରାଜେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଗାମୀ ଦିନରେ ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ସମାଜର ବିଭିନ୍ନ ଅସହାୟ ଓ ଅବହେଳିତ ବର୍ଗଙ୍କୁ ଶୀତ ବସ୍ତ୍ର ବଂଟନ କରାଯିବ ବୋଲି ଶ୍ରୀ ରଥ କହିଛନ୍ତି।

## ପାଣିକୋଇଲିରେ ଆକାଶଙ୍କ ମିଶନ ସବୁଜ କୋରେଇ ଅଭିଯାନରେ ବୃକ୍ଷ ବଂଟନ

କୋରେଇ, ୦୪/୧୨ (ନି.ପ୍ର): ପାଣିକୋଇଲି ଗ୍ରାମପଂଚାୟତରେ ଆକାଶଙ୍କ ସବୁଜ ମିଶନ କାର୍ଯ୍ୟକ୍ରମ ଜରିଆରେ ଚାରା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚାନ୍ଦପୁର ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିରଠାରୁ ଏକ ବିଶାଳ ମଟରସାଇକେଲ ଶୋଭା ଯାତ୍ରାରେ କୋରେଇର ପୂର୍ବତନ ବିଧାୟକ ବର୍ତମାନ ଓଡିଶା ସରକାରଙ୍କର ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକଙ୍କୁ ପାଣିକୋଇଲି, ଅଳତିରୀ ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଆକାଶ ଦାସନାୟକ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ମୁରବୀ ଓ ମା'ମାନଙ୍କ ସହିତ ବୃକ୍ଷରୋପଣ କରିଥିଲେ । ପାଣିକୋଇଲି, ଅଳତିରୀ ଗ୍ରାମରେ ୪୦୦୦ ବୃକ୍ଷ ବଂଟନ କରାଯାଇଥିଲା । ପିଜୁଳି, ଆମ୍ବ, ପଣସ ଆଦି ଫଳବୃକ୍ଷ ବଂଟନ କରାଯାଇଥିଲା । ବର୍ତମାନ ଜଳବାୟୁ ପରିବର୍ତନ ଯୋଗୁ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ଘଟୁଛି । ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଧନଜୀବନ ହାନୀ ହେଉଛି । ଗଛ ଲଗାଇବା ଦ୍ୱାରା ଏହିସବୁ ସମସ୍ୟାରୁ କିଛିମାତ୍ରାରେ ମୁକ୍ତି ମିଳିପାରିବ ବୋଲି ଆଶା ବାନ୍ଧିଛନ୍ତି ଶ୍ରୀ ଦାସନାୟକ । ଏହା ସହିତ ଏହି ଗଛ ଛାଇରେ ଲୋକେ ଆରାମ ପାଇବେ, ରାସ୍ତାରେ ଯାତାୟତ କରୁଥିବା ପଥଚାରୀମାନେ ଟିକେ ବିଶ୍ରାମ ନେଇପାରିବେ ଏବଂଫଳ ଫଳିଲେ ତା'ର ଫଳ ଖାଇ ଲୋକେ ଭୋକ ମେଂଟାଇ ପାରିବେ ବୋଲି ଶ୍ରୀ ଦାସନାୟକ କହିଛନ୍ତି । ନିଜର କର୍ମମୟ ଜୀବନରୁ ସମୟ ବାହାରକରି ସମସ୍ତଙ୍କୁ କିଛି କିଛି ଗଛ ଲଗାଇବାକୁ ନିବେଦନ କରିଛନ୍ତି । ତାଙ୍କର ଏହି ପ୍ରୟାସ ଆଗାମୀ ପିଢିପାଇଁ ନିଶ୍ଚିତ ପ୍ରେରଣା ଯୋଗାଇବ । ସମସ୍ତଙ୍କ ସହଯୋଗରେ ବୃକ୍ଷରୋପଣ କରିବା । କୋରେଇକୁ ସବୁଜସୁନ୍ଦର କରି ଗଢିତୋଳିବା । ଆଗାମୀ ଦିନରେ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଘରେ ଘରେ ଗଛ ପହଂଚାଇବା ପାଇଁ ଶ୍ରୀ ଦାସନାୟକ ପ୍ରୟାସ ଜାରି ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ଗ୍ରାମପଂାୟତର ପୂର୍ବତନ ସରପଂଚ ବିଷ୍ଣୁଚରଣ ରାଉତ, କଳ୍ପତରୁ ମହାପାତ୍ର, ସୂର୍ଯମଣି ପଣ୍ଡା, ଆନନ୍ଦ ସାହୁ,ଶଶିକାନ୍ତ ମଲ୍ଲିକ, ନିରଞ୍ଜନ ନାୟକ, ପୂର୍ବତନ ସମିତି ସଭ୍ୟ ସେକ. ଜହର ଅଲ୍ଲୀ, ସରପଂଚ ପଦ୍ମାବତୀ ପଣ୍ଡା, ବରିଷ୍ଠନାଗରିକ ମଂଚ ସଭାପତି ନୃସିଂହ ଦଳାଇ, ମମତା ପଣ୍ଡା, ତାରିଣୀ ପଟ୍ଟନାୟକ, ଆମେ ବିପଦର ସାଥୀର ସମସ୍ତ ସଦସ୍ୟ, ହେଲ୍‌ପିଂ ଗ୍ରୁପର ସଦସ୍ୟ, ପୂର୍ବତନ ସମିତି ସଭ୍ୟ କୁଳମଣି ଦାସ, ଅଶୋକ ବାରିକ, କାର୍ତିକ ସାହୁ, ଲକ୍ଷ୍ମୀଧର କରଣ, ମହେନ୍ଦ୍ର ପ୍ରତାପ ସିଂ, ପ୍ରହଲ୍ଲାଦ ପଣ୍ଡା, ୩୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ରାଜେନ୍ଦ୍ର ରାଉତ, ରମେଶ ଭୂୟାଁ, ଦିବାକର ମହାପାତ୍ର, ନକୁଳ ସାମନ୍ତରାୟ, ଅଶୋକ ସାହୁ, ରାହାସ ମହାନ୍ତି, ଚିତରଞ୍ଜନ ନାୟକ, ଗୋପାଳ ସେଠୀ, ଶୁଭଙ୍କରମହାପାତ୍ର, ବିଜୟ ମହାପାତ୍ର, ଅନାମ ମହାପାତ୍ର, ଦିନବନ୍ଧୁ ସାହୁ, ପଦନ ଦାସ, ମୃତ୍ୟୁଞ୍ଜୟ ନାୟକ, ଜିତେନ୍ଦ୍ର ସିଂହ, ମାଧବାନନ୍ଦ ପରିଡା, ରାଜେନ୍ଦ୍ର ନାୟକ, କଟେଶ୍ୱର ରାଓ, ଅମୂଲ୍ୟ ନାୟକ, ତୁଷାର ସ୍ୱାଇଁ, ତରୁଣ ନାୟକ, ରାଜେନ୍ଦ୍ର ବିହାରୀ, ପିତାମ୍ବର ନନ୍ଦ, କୈଳାସ ପଟ୍ଟନାୟକ, ସେକ ସାଓ୍ୱନ, ରାଜକିଶୋର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ବିଶିଷ୍ଟ ସମାଜସେବୀ ମଧୁ ମହାନ୍ତିଙ୍କ ନର୍ଲା ଗସ୍ତ ଓ ସମାବେଶ

ଭବାନୀପାଟଣା, ୦୪/୧୨ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବେହେରାପାଟି ସାନ୍ଦୁଲ ନଦୀ ଖେଳ ପଡିଆ ଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବି, ସାମ୍ବାଦିକ ମଧୁ ମହାନ୍ତି ଯୋଗଦେଇ କଳାହାଣ୍ଡିର ବିକାଶ ପାଇଁ ତାଙ୍କ ସ୍ୱପ୍ନ ଥିଲା, ସ୍ୱପ୍ନ ସାକାର କରିବାକୁ ସେ ଆଗେଇ ଆସିଥିବା ପ୍ରକାଶ କରିଛନ୍ତି। ଦୀର୍ଘ ୨୫ ବର୍ଷ ପରେ ସେ କଳାହାଣ୍ଡି ବିକାଶ କରିବା ପାଇଁ ବାହାରିଛନ୍ତି। ସେ ପ୍ରଥମେ ଭବାନୀପାଟଣା, ଦ୍ୱିତୀୟ ଧର୍ମଗଡ଼, ତୃତୀୟରେ ନର୍ଲା ଗସ୍ତରେ ଦେଖିବାକୁ ମିଳିଥିଲା। ସମାବେଶରେ ନର୍ଲା, ରାମପୁର, ଲାଞ୍ଜିଗଡ, କର୍ଲାମୁଣ୍ଡା ଓ କେସିଙ୍ଗାରୁ ହଜାର ହଜାର ଲୋକଙ୍କୁ ଦେଖିବାକୁ ମିଳିଥିଲା। ନର୍ଲା କଲେଜ ଛକ ଠାରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟ ଆରମ୍ଭ ହୋଇଥିଲା। ମଧୁ ମହାନ୍ତିଙ୍କ ମୁଖ୍ୟ ଲକ୍ଷ୍ୟ ଯୁବପିଢିକୁ କେମିତି ରୋଜଗାର ଦିଆଯିବ, ସ୍ୱଚ୍ଛ ଶାସନ ସ୍ୱଚ୍ଛ ସେବା ପାଇଁ ଆଗେଇବେ ଶ୍ରୀ ମହାନ୍ତି ତାଙ୍କର ମୂଳ ଲକ୍ଷ୍ୟ।

## କେନ୍ଦ୍ରାପଡ଼ା ବ୍ଲକର ପଂଚାୟତ ଯୁବ ବିଜେଡି ସଭାପତିଙ୍କ ନାମ ଘୋଷଣା

କେନ୍ଦ୍ରାପଡ଼ା, ୦୪/୧୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅଧିନ ୨୭ଟି ପଂଚାୟତର ଯୁବ ବିଜେଡି ସଭାପତିଙ୍କ ନାମ ତାଲିକା ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟଙ୍କ ଅନୁମୋଦନ କ୍ରମେ ପ୍ରକାଶ ପାଇଛି । ପୁରୁଷୋତମପୁର ପଂଚାୟତର ସରୋଜକାନ୍ତ ମହାନ୍ତି, ଗାଙ୍ଗପଡା-ଅସିତ ବନ୍ଧୁ ଧଳ, ଭାଗବତପୁର-ସରଫରାଜ ଖାନ, ଘାଗରା-ରାଜେଶ କୁମାର ଜେନା, ଚାରିଗାଁ-ସୁଶାନ୍ତ ସେଠୀ, ଇନ୍ଦୁପୁର-ବୀର କିଶୋର ସେଠୀ, ଧୂମାତ-ସୁବିକାଶ ନାୟକ, କୋର-ସବ୍ୟସାଚୀ ସାମଲ, କଂସାର-ପତିତପାବନ ସାହୁ, ଶ୍ୟାମସୁନ୍ଦରପୁର-ସଂଜିବ କୁମାର ନାୟକ, ଢୋଲ-କଳାକାର ମଲିକ, କୁତରଙ୍ଗ-ଦେବଦତ ଜେନା, ଚନ୍ଦନପୁର-ବିଶ୍ୱନାଥ ବିଶ୍ୱାଳ, ସାନମାଣତିଆ-ସୁଲେଖ ସାହୁ, କପାଳେଶ୍ୱର-ମାନସ ରଞ୍ଜନ ଦାସ, ଜମଧର-ଜୟନ୍ତ କୁମାର ଜେନା, ବାରୋ-ପଙ୍କଜ କୁମାର ପ୍ରଧାନ, ନିକିରାଇ-କେଶବ ଚନ୍ଦ୍ର ପତି, ପଳସିଂହା-ରଜନୀକାନ୍ତ ରାଉତ, ଓସ୍ତପୁର-ପ୍ରଶାନ୍ତ କୁମାର ସାମଲ, ଆୟବା-ସନ୍ତୋଷ କୁମାର ଦାସ, କେଶପୁର-ଶ୍ରୀକାନ୍ତ ସାହୁ, ଗୁଲନଗର-ହିମାଂଶୁ ଶେଖର ସାହୁ, କଳପଡା-ହିମାଂଶୁ ଜେନା, ଚକ୍ରୋଡା-ପ୍ରତାପ କୁମାର ରାଉତ, ଭରତପୁର- ଦେବବ୍ରତ ମଲ୍ଲ, ବଗଡା-ସୁବାଷ ବିଶ୍ୱାଳ ପ୍ରମୁଖଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବ୍ଲକ ଯୁବ ବିଜେଡି ସଭାପତି ସଙ୍ଗମ କେଶରୀ ସାମଲ ସୂଚନା ଦେଇଛନ୍ତି ।

## ପେନ୍‌ସନ୍ ଦାବି ନେଇ ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମାହୂତି ଧମକ ଦେଲା ପୂର୍ତ୍ତ ୱାର୍କଚାର୍ଜଡ୍ ସଂଗଠନ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ପେନ୍‌ସନ୍ ଦିଅ, ନଚେତ୍ ନିବାସ ସମ୍ମୁଖରେ ସମୂହ ଆତ୍ମାହୂତି ଦିଅ - ଏକମାତ୍ର ଦାବିରେ ନିଖିଳ ଓଡ଼ିଶା ୱାର୍କସ୍ ଡିପାର୍ଟମେଂଟ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ଆସୋସିଏସନ୍‌ର ଜରୁରୀ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି । ସ୍ଥାନୀୟ କର୍ମଚାରୀ ଭବନ, ୟୁନିଟ୍-୫ ଭୁବନେଶ୍ୱରଠାରେ ସଂଘ ସଭାପତି ଅଶୋକ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଶତାଧିକ ଜିଲ୍ଲା ପ୍ରତିନିଧି ଯୋଗଦେଇ ଏହି ନିଷ୍ପତି ନିଆଯାଇଥିବାର ସଂଘର ସାଧାରଣ ସମ୍ପାଦକ ଅରୁଣ କେଶରୀ ପରିଡ଼ା ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି । ସଂଘର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବାହିନୀପତି, ସାଧାରଣ ସମ୍ପାଦକ ଅରୁଣ କେଶରୀ ପରିଡ଼ା ପେସ୍ ବିବୃତିରେ କହିଛନ୍ତି ଯେ, ଜେ.ସି. ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ଦିଆଗଲା। ଅଥଚ ଡି.ଏଲ୍.ଆର / ଏନ୍.ଏମ୍.ଆର. ଓ ୱାର୍କଚାର୍ଜଡ୍ ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ସୁବିଧାରୁ ବଂଚିତ କରାଗଲା । ସୁତରାଂ ୧୯୯୭ ମସିହାରେ ଅର୍ଥ ବିଭାଗ ଜାରି କରିଥିବା ରିଜୋଲ୍ୟୁସନ୍‌ରେ ଡିଏଲ୍‌ଆର, ଏନ୍‌ଏମ୍‌ଆର, ୱାର୍କଚାର୍ଜଡ୍, ଜେ.ସି. ବର୍ଗର କର୍ମଚାରୀଙ୍କୁ ନିୟମିତ ନିଯୁକ୍ତିରେ ଅବସ୍ଥାପିତ କରିବା ପାଇଁ ଏକ ସଂକଳ୍ପ ପତ୍ର ଜାରି କରିଥିଲା । ୨୦୧୯ ମସିହାରେ ଅର୍ଥ ବିଭାଗ ଜାରି କରିଥିବା ରେଜୋଲ୍ୟୁସନ୍‌ରୁ ଜେ.ସି. କର୍ମଚାରୀଙ୍କୁ ସଂଯୁକ୍ତ କରି ଅନ୍ୟ ବର୍ଗର କର୍ମଚାରୀଙ୍କୁ ଅଣଦେଖା କରି ପେନ୍‌ସନ୍ ଫାଙ୍କିବା ଏହା ସରକାରଙ୍କ ଅଭିନବ ଚାଲ୍ ବୋଲି ସଂଘ ବିଭିନ୍ନ ଯୁକ୍ତିରେ କହିଛି । ତେବେ ଯଦି ଜେ.ସି. ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ସୁବିଧା ପ୍ରଦାନ କରାଯାଇଛି, କ'ଣ ପାଇଁ ଡିଏଲ୍‌ଆର, ଏନ୍‌ଏମ୍‌ଆର ଓ ୱାର୍କଚାର୍ଜଡ୍ ଏହି ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ସୁବିଧାରୁ ବଂଚିତ କରାଯାଇଛି ବୋଲି ସଂଘ ପ୍ରଶ୍ନ ଉଠାଇଛି । ପ୍ରତି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିବା ପ୍ରତିନିଧିମାନେ କହିଛନ୍ତି ଯେ, ନିକଟ ଅତୀତରେ ସରକାର ବହୁ ମକଦ୍ଦମାର ସମ୍ମୁଖୀନ ହୋଇ ଏହି ବର୍ଗର କର୍ମଚାରୀମାନଙ୍କୁ ପେନ୍‌ସନ୍ ନ ଦେବା ପାଇଁ ମାନ୍ୟବର ଓଡ଼ିଶା ହାଇକୋର୍ଟରେ ମକଦ୍ଦମା ଜାରି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତଥା ବିଧି ବିଭାଗ ଅନୁମୋଦନ ଗ୍ରହଣ କରିଛି । ତେବେ ସଂଘ ବିଭିନ୍ନ ଯୁକ୍ତିରେ ଦର୍ଶାଇଚି ଯେ, ଜେ.ସି. କର୍ମଚାରୀଙ୍କୁ ସରକାର ପେନ୍‌ସନ୍ ପ୍ରଦାନ କରିଛନ୍ତି। ୧୯୮୨ ମସିହାରୁ ଡିଏଲ୍‌ଆର, ଏନ୍‌ଏମ୍‌ଆର ଓ ୱାର୍କଚାର୍ଜଡ୍ ଭାବେ କାର୍ଯ୍ୟ କରି ଆସିଥିବା ଏହି ବର୍ଗର କର୍ମଚାରୀଙ୍କୁ ପେନ୍‌ସନ୍ ନ ଦେବା ପାଇଁ ସରକାର କ'ଣ ପାଇଁ ଚିନ୍ତା କରିଛନ୍ତି ବୋଲି ସଂଘ ବିଭିନ୍ନ ଯୁକ୍ତିରେ ସରକାରଙ୍କୁ ସମାଲୋଚନା କରିଛି । ତେବେ ଆଗାମୀ ଡିସେମ୍ବର ୨୮ତାରିଖରେ ସହସ୍ରାଧିକ କର୍ମଚାରୀ ନବୀନ ନିବାସରେ ପହଂଚି ପେନ୍‌ସନ୍ ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନ କରିବେ । ଯଦି ନବୀନ ସରକାର ଏହି ଏକମାତ୍ର ଦାବି ପ୍ରତି ଅବହେଳା ପ୍ରଦର୍ଶନ କରିବେ, ତେବେ ସମୂହ ଆତ୍ମାହୂତି ଦେବାପାଇଁ ପଛାଇବେ ନାହିଁ ବୋଲି ସଂଘ ଚେତାବନି ଦେଇଛି ।

## ନେପାଳରେ ୫ଲକ୍ଷରୁ ଅଧିକ ୱେବସାଇଟ୍ ଉପରେ କଟକଣା

କାଠମାଣ୍ଡୁ, ୦୪/୧୨ ନେପାଳ ସରକାର ପାଂଚ ଲକ୍ଷରୁ ଅଧିକ ୱେବସାଇଟ୍ ଉପରେ କଟକଣା ଜାରି କରିଛନ୍ତି । ଏଥିରେ ଅଧିକାଂଶ ସରକାରୀ ବିଭାଗରେ ବିନା ପଞ୍ଜିକୃତ ଡେଟିଂ, ଅନଲାଇନ ଗେମିଂ, ଅନଲାଇନ ଜୁଆ ଓ ପର୍ନ ସାଇଟ୍ ରହିଛି । ଏହି ସାଇଟ ବନ୍ଦ ନେଇ ନେପାଳ ଦୂରସଂଚାର ପ୍ରାଧିକରଣ ସୂଚନା ଦେଇଛି । ନେପାଳ ଦୂରସଂଚାର ଅଧିକାରୀଙ୍କ ସୂଚନା ମୁତାବକ, ଦେଶର ଆଇନ ଓ ସରକାରଙ୍କ ନିର୍ଦ୍ଦେଶ ବିରୋଧରେ ଚାଲୁଥିବା ୱେବସାଇଟକୁ ବନ୍ଦ କରିଦିଆଯାଇଛି ।

## ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ଉତ୍ସବ

### ଓଡ଼ିଶାରେ ମହିଳା ସଶକ୍ତିକରଣ ଦିଗରେ ବିଶ୍ୱବିଦ୍ୟାଳୟର ଅବଦାନ ଉଲ୍ଲେଖନୀୟ: ରାଜ୍ୟପାଳ

ଭୁବେନଶ୍ୱର, ୦୪/୧୨ (ନି.ପ୍ର): ଚଳିତ ଶତାବ୍ଦୀ ଭାରତର। ଭାରତ ବିଶ୍ୱର ନେତୃତ୍ୱ ନେବାକୁ ଯାଉଛି। ସଂପ୍ରତି ଭାରତ ବିଶ୍ୱେର ପଂଚମ ବିଶାଳ ଅର୍ଥର୍ବ୍ୟବସ୍ଥା। ଖୁବ୍ ଶୀଘ୍ର ତୃତୀୟ ସ୍ଥାନେର ପହଂଚିବ। ବିକାଶର ଏହି ଧାରାକୁ ତ୍ୱରାନ୍ୱିତ କରିବାେର ନାରୀ ଶକ୍ତି ଅଗ୍ରଣୀ ଭୂମିକା ନେବ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି।

ଆଜି ରମାେଦବୀ ବିଶ୍ୱବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ସମାେରାହେର ଯୋଗେଦଇ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ କହିଛନ୍ତି ଯେ, ଏେବ ନାରୀମାେନ ପ୍ରାୟ ପ୍ରେତ୍ୟକ କ୍ଷେତ୍ରେର ବିପୁଳ ସଫଳତା ଅର୍ଜର୍ନ କରିବା ସହ ନେତୃତ୍ୱ ନେଉଛନ୍ତି। ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀଙ୍କ ମାଗର୍ଦଶର୍ନେର ଅେନକ ଦୂରଦୃଷ୍ଟିସଂପନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରାଯାଉଛି। ନିକଟେର ସଂିଧାନ ସଂେଶାଧନ କରି ନାରୀଶକ୍ତି ବନ୍ଦନ ଅଧିନିୟମ ଆଣି ନାରୀଶକ୍ତିର ଉପେଯାଗ ଓ ପ୍ରେୟାଗକୁ ସଶକ୍ତ କରାଯାଇଛି। ନାରୀଶକ୍ତିର ସମ୍ମାନ ଓ ଅଧିକାର ପାଇଁ ସରକାରଙ୍କ ପ୍ରତିବଦ୍ଧତା ଓ ଆନ୍ତରିକତା ବେଶ୍ ପ୍ରେରଣାଦାୟୀ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଆହୁରି କହିଛନ୍ତି ଯେ, ଜାତୀୟ ଶିକ୍ଷାନୀତି ୨୦୨୦ ଏକ ପ୍ରଗତିଶୀଳ ପ୍ରୟାସ। ଜ୍ଞାନ ଆଧାରିତ ବ୍ୟବସ୍ଥାକୁ ଏହା ସୁଦୃଢ଼ କରିବ। ଦକ୍ଷତା ଓ କୌଶଳ ବିକାଶଠୁ ଆରମ୍ଭ କରି ମାତୃଭାଷାେର ଶିକ୍ଷାଦାନ ଏବଂ ନବସୃଜନ ଓ ଅନୁସନ୍ଧାନକୁ ପ୍ରୋତ୍ସାହନ ମାଧ୍ୟମେର ଦେଶ ଉଜ୍ଜଳ ଭବିଷ୍ୟତକୁ ଯାତ୍ରା କରିବ। ଏକ ବିକଶିତ ଓ ଆତ୍ମନିର୍ଭର୍ର ଭାରତ ନିର୍ମାଣ ଦିଗେର ନାରୀଶକ୍ତିର ଗରିଷ୍ଠ ଭୂମିକା ରହିଛି ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାତ୍ରା ବେଶ୍ ଅର୍ଥପୂର୍ଣ୍ଣ ଓ ପ୍ରେରଣା ପ୍ରଦାୟକ। ଓଡ଼ିଶାେର ମହିଳା ସଶକ୍ତିକରଣ ଦିଗେର ବିଶ୍ୱବିଦ୍ୟାଳୟର ଅବଦାନ ଉେଲ୍ଲଖନୀୟ। ଯେଉଁ ଲକ୍ଷ୍ୟ ଓ ଉେଦ୍ଦଶ୍ୟକୁ ନେଇ ଏ ଯାତ୍ରା ଆରମ୍ଭ ହୋଇଥିଲା ଏବଂ ଭବିଷ୍ୟତର ଆହ୍ୱାନ ଓ ଆବଶ୍ୟକତାକୁ ସାମ୍ନା କରିବାକୁ ପ୍ରସ୍ତୁତି ସଂପକର୍େ ଆତ୍ମସମୀକ୍ଷା ହିଁ ଆଜିର ଅନୁଚିନ୍ତା। ମା' ରମାେଦବୀ ଚିର ପ୍ରେରଣାର ଉତ୍ସ। ତାଙ୍କ ନୀତି ଓ ଆଦଶର୍େ ଅନୁପ୍ରାଣିତ ହୋଇ ନିଜକୁ ଗଢ଼ିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟପାଳ ଛାତ୍ରୀମାନଙ୍କୁ ସେମ୍ବାଧିତ କରି କହିଛନ୍ତି ଯେ, ସଫଳତାେର ଅତି ଉଲ୍ଲସିତ ହୁଅ ନାହିଁ କି ବିଫଳତାେର ଭାଙ୍ଗି ପଡନାହିଁ। ନିଜ ଉପେର ଆସ୍ଥା ଓ ଭରସା ରଖ। ଅନ୍ୟ କାହା ସହିତ ନୁହେଁ ନିଜ ସହ ପ୍ରତିଦ୍ୱନ୍ଦିତା କରିବାକୁ ରାଜ୍ୟପାଳ କହିଛନ୍ତି। ପ୍ରତିଷ୍ଠା ଦିବସ ସମାେରାହେର ବିଶ୍ୱବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀ, କୁଳସଚିବ ଶ୍ୟାମଳୀ ମହାପାତ୍ର, ସ୍ନାତେକାତ୍ତର ପରିଷଦର ଅଧ୍ୟକ୍ଷ ଚଣ୍ଡୀ ଚରଣ ରଥ ବିଶ୍ୱବିଦ୍ୟାଳୟର ସ୍ଥିତି ଓ ପ୍ରଗତି ସଂପକର୍େ ସୂଚନା ଦେଇଥିେଲ। ଉତ୍ସବେର ଦକ୍ଷିଣ କୋରିଆର ବୌଦ୍ଧ ସନ୍ନ୍ୟାସୀ ଭେନ୍. ସୀମ୍ ସାନ୍ ମାନବ କଲ୍ୟାଣେର ମହିଳାଙ୍କ ଯୋଗଦାନ ଉପେର ଗୁରୁତ୍ୱ ଆେରାପ କରିଥିେଲ। ସମ୍ମାନନୀୟ ଅତିଥି ତଥା 'ସ୍ୱାଭିମାନ'ର ପ୍ରତିଷ୍ଠାତା ଓ ମୁଖ୍ୟନିର୍ବାହୀ ଶ୍ରୁତି ମହାପାତ୍ର ନିଜ ଜୀବନ ଯାତ୍ରାର ଅନୁଭବ ଓ ଉପଲବ୍ଧି ପ୍ରକାଶ କରିଥିେଲ। ଏହି ଅବସରେର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ପୁସ୍ତକ ଉେନ୍ମାଚିତ ହେବା ସହ ବିଭିନ୍ନ ପ୍ରତେଯାଗିତାର କୃତି ପ୍ରତେଯାଗୀମାନଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିେଲ। ପ୍ରାରେମ୍ଭର ରାଜ୍ୟପାଳଙ୍କ ଦ୍ୱାରା ମା' ରମାେଦବୀ ମ୍ୟୁଜିଅମ ଉଦ୍‌ଘାଟିତ ହୋଇଥିଲା ।

## ସାଙ୍ଗମାନଙ୍କ ସହ ମିଶି ଭଉଣୀକୁ ଦୁଷ୍କର୍ମ ଓ ହତ୍ୟା: ଭାଇ ସମେତ ୪ ଗିରଫ

କନ୍ଧମାଳ, ୦୪/୧୨ (ନି.ପ୍ର): ନିଜ ରକ୍ତର ଭଉଣୀକୁ ସାଙ୍ଗମାନଙ୍କ ସହ ଜଙ୍ଗଲରେ ଗଣଦୁଷ୍କର୍ମ ଏବଂ ପରେ ଘଟଣା ଜଣାପଡ଼ିବା ଭୟରେ ଭାଇ ସାଙ୍ଗ ମାନଙ୍କ ସହିତ ମିଶି ନିଜ ଭଉଣୀକୁ ତଂଟି ଚିପି ଟାଙ୍ଗିଆରେ ହାଣି ହତ୍ୟା କରି ମୃତଦେହକୁ ଭାଇ ଜଙ୍ଗଲରେ ପଥର ଖୋଲରେ ଫିଙ୍ଗିଦେଇଥିଲା। ଏଭଳି ଏକ ଅଭାବନୀୟ ଓ ଲଜ୍ଜାଜନକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅଧୀନ ଚାହାଳି ପଂଚାୟତ ଲିଆଗଡ଼ ଗ୍ରାମରେ। ମୃତକ ଜଣକ ହେଲେ ପୁଷ୍ପାଞ୍ଜଳି ଭୋଇ (୨୫) । ଏହାପରେ ଭଉଣୀ ନିଖୋଜ ହୋଇଥିବା ନେଇ ବଡ଼ ଭାଇ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଭଉଣୀ ନିଖୋଜ ହୋଇଥିବା ଅଭିଯୋଗ କରିଥିବା ଅଭିଯୋଗକାରୀ ବଡ଼ ଭାଇ ହିଁ ଭଉଣୀ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ। ପୋଲିସ ଏହି ଘଟଣାରେ ବଡ଼ ଭାଇ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବଡ଼ ଭାଇ ପରେସ ଭୋଇ, ଟୁନା ଭୋଇ, ଚନ୍ଦ୍ରମଣି ଭୋଇ, ବିମଳା ନାୟକ ।

ସୂଚନା ପ୍ରକାରେ, ଚକାପାଦ ଥାନା ଚାହାଳି ପଂଚାୟତ ଲିଆଗଡ ଗ୍ରାମର ପୁଷ୍ପାଞ୍ଜଳି ନିଜ ବାପା ଭରତଙ୍କ ସହିତ ରହୁଥିଲେ। ଘର ଠାରୁ କିଛି ଦୂରରେ ତାଙ୍କ ବଡଭାଇ ପରେଶ ଭୋଇ ତାଙ୍କ ସ୍ତ୍ରୀଙ୍କ ସହିତ ଅଲଗା ରୁହନ୍ତି। କିନ୍ତୁ ବଡ଼ ଭାଇର ନିଜ ଶାଳୀ ସହ ଅନୈତିକ ସମ୍ପର୍କ ପୁଷ୍ପାଞ୍ଜଳି ଦେଖିବା ପରେ ସେ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଭାଇ ଭଉଣୀଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। କାଳେ ଭଉଣୀ ଏହି ଘଟଣା ଚାରିଆଡେ ପ୍ରଘଟ କରିଦେବ ଭାବି ସେ ପୁଷ୍ପାଞ୍ଜଳିକୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ଗତ ନଭେମ୍ବର ୩ ତାରିଖରେ ପୁଷ୍ପାଞ୍ଜଳି ପତ୍ର ସଂଗ୍ରହ ପାଇଁ ଗାଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ପରେଶ ମଧ ସେହି ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲା। ଭଉଣୀଙ୍କୁ ସେଠାରେ ଦେଖି ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲା। ଏହାପରେ ସେ କିଛି ସାଙ୍ଗଙ୍କୁ ଫୋନ କରି ସେଠାକୁ ଡକାଇ ଥିଲା। ସମସ୍ତେ ମିଶି ସେଠାରେ ମଦ ପିଇବା ପରେ ପରେଶଙ୍କ ସାଙ୍ଗ ମାନେ ପୁଷ୍ପାଞ୍ଜଳିଙ୍କୁ ଗଣଦୁଷ୍କର୍ମ କରିଥିଲେ। ପୁଷ୍ପାଞ୍ଜଳି ଚିତ୍କାର କରିବାରୁ ପରେଶ ତାର ତଂଟି ଚିପି ଦେଇଥିଲେ। ପୁଷ୍ପାଞ୍ଜଳି ମୂର୍ଚ୍ଛା ହେବା ପରେ ସେ ଡାଳ କାଟିବା ପାଇଁ ଆଣି ଥିବା ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିଲେ। ଏହାପରେ ସମସ୍ତେ ମିଶି ମୃତଦେହକୁ ନିକଟସ୍ଥ ଏକ ପାହାଡ ଖୋଲ ଭିତରେ ପକାଇ ଦେଇଥିଲେ। ଝିଅ ଘରକୁ ନ ଆସିବାରୁ ବାପା ଖୋଜାଖୋଜି କରି ମଧ କୌଣସି ସନ୍ଧାନ ପାଇନଥିଲେ । ନଭେମ୍ବର ୬ ତାରିଖ ଦିନ ମୁଖ୍ୟ ଅଭିଯୁକ୍ତ ପରେଶ ଭଉଣୀଙ୍କ ନିଖୋଜ ନେଇ ଚକାପାଦ ଥାନାରେ ଏତଲା ଦେଇଥିଲେ । ଘଟଣା ପରେ ପୋଲିସ କଟଡି ଜଙ୍ଗଲରୁ ପୁଷ୍ପାଞ୍ଜଳିଙ୍କ ଗଳିତ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୁଷ୍ପାଞ୍ଜଳିଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡିଥିଲା।

# ସାମାଜିକ ଓ ଆଧ୍ୟାତ୍ମିକ ଚେତନାରେ ପ୍ରଥମାଷ୍ଟମୀ



## ଯଶସ୍ୱିନୀ ପଟ୍ଟନାୟକ

ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ପ୍ରଥମାଷ୍ଟମୀ ବା ପଢ଼ୁଆଁ ଅଷ୍ଟମୀ ଭାବରେ ଘରେ ଘରେ ପରିଚିତ । ଏହା ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଅତୀତରେ ମାର୍ଗଶୀର ମାସକୁ ବର୍ଷର ଆଦ୍ୟ ମାସ ବୋଲି ଗଣନା କରାଯାଇ ଏହି ମାସରୁ ବର୍ଷ ଆରମ୍ଭ ହେଉଥିଲା । ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ବାସ୍ତବରେ ଏହିଦିନ ପରିବାରର ଜ୍ୟେଷ୍ଠସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ଏଣ୍ଡୁରୀ ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ବର୍ଷ ତମାମ ବିଭିନ୍ନ ପର୍ବ ଓ ପର୍ବାଣୀରେ ସ୍ୱାଭାବିକ ଭାବରେ ପିଠାପଣା ହେଉଥିବାବେଳେ ପ୍ରଥମାଷ୍ଟାମୀ ଦିନରେ ଛେନା, ଗୁଡ଼, ନଡ଼ିଆପୁର, ବିରି ଏବଂ ଉଆପକ୍ଷୀଆ ଚାଉଳରେ ସ୍ୱତନ୍ତ୍ର ଭାବରେ ହଳଦୀପତ୍ର ବ୍ୟବହାର କରାଯାଇ ପିଠା ପ୍ରସ୍ତୁତ ହୋଇଥାଏ । ଗୋଟିଏ ହାଣ୍ଡିର ମୁହଁରେ କନା ବାନ୍ଧି ତାହାକୁ ଚୁଲି ଉପରେ ରଖାଯାଇ ପିଠା ତିଆରି ହୁଏ । ଯାହାକୁ ଅଥାରହାଣ୍ଡି କୁହନ୍ତି । ପ୍ରଥମାଷ୍ଟମୀକି ପଢ଼ୁଆଁ ଅଷ୍ଟମୀ କୁହାଯାଏ ବାସ୍ତବିକ ଏହାହେଉଛି ପ୍ରଥମାର ଅପଭ୍ରଂଶ । ସାଧାରଣତଃ ମାମୁଁ ଘର ଜ୍ୟେଷ୍ଠ ଭଣଜା ବା ଭାଣିଜିମାନଙ୍କୁ ଏହି ଦିନରେ ପଢ଼ୁଆଁ କରନ୍ତି ।

ଶ୍ରୀମନ୍ଦିରରେ ଏହି ପର୍ବ ମହାଡ଼ମ୍ବରରେ ପାଳିତ ହୋଇଥାଏ । ଏହି ଦିନ ଭୋଗମଣ୍ଡପରେ ତିନିବାଡ଼ରେ ମଇଲମ ଓ ମହାସ୍ନାନ ପରେ ବିଗ୍ରହ ମାନଙ୍କୁ ନୂଆ ବସ୍ତ୍ର ଲାଗି କରାଯାଏ । ଚନ୍ଦନ ବିଜେ ହୋଇଆସି ଚନ୍ଦନଲାଗି ବଢ଼ିଲେ ବେଶ ହୁଏ । ଏହାପରେ ମହାପ୍ରଭୁ ଡୋର ଲାଗି ଓ କର୍ପୂର ଲାଗି ହୁଅନ୍ତି । ଏହାପରେ ନିର୍ଦ୍ଦିଷ୍ଟ ସେବକଙ୍କ ଦ୍ୱାରା ତିନିବାଡ଼ରେ ବରୁଣ ପୂଜା ହୁଏ । ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ମଙ୍ଗଳାର୍ପଣ, ଫୁଲପରିଆ, ଖଦି, ଛେଦା ପ୍ରସାଦ ଲାଗି ପରେ ବନ୍ଦାପନା ହୋଇଥାଏ । ପରେ ଦୈନନ୍ଦିନ ବିଧି ପାଳିତ ହୋଇଥାଏ । ସେହିପରି ପ୍ରତ୍ୟେକ ଘରେ ପ୍ରଥମାଷ୍ଟମୀ ପର୍ବ ପରମ୍ପରା ଓ ବିଧିବିଧାନର ସହ ପାଳନ କରାଯାଏ । କୂଳରେ ପ୍ରଥମ ଜାତ ସନ୍ତାନକୁ ନୂଆ ପୋଷାକ ପିନ୍ଧାଇ ବନ୍ଦାପନା କରାଯାଏ । ଏହି ଦିନ ତାର ସୁଖ ସମୃଦ୍ଧି ଓ ଦୀର୍ଘଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ । ବଡ଼ପୁଅ ବା ଝିଅର ଦୀର୍ଘଜୀବନ କାମନା କରି ମା'ମାନେ ଷଠୀଦେବୀଙ୍କ ପୂଜା କରିଥାନ୍ତି । ନବବସ୍ତ୍ର ଓ ବନ୍ଦାପନା କରିବାର ଏହି ବିଧିକୁ ପଢ଼ୁଆଁ ହେବା କହିଥାନ୍ତି । ପ୍ରଥମାର ଅପଭ୍ରଂଶ ହେଉଛି ପଢ଼ୁଆଁ । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ନୂଆ ବସ୍ତ୍ର ମାମୁଁ ଘରୁ ଆସିଥାଏ । ଜ୍ୟେଷ୍ଠ ପୁତ୍ର ପରିବାରରେ ପିତା ସମାନ । ତେଣୁ ତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରଥମାଷ୍ଟମୀ ଓ ଜ୍ୟେଷ୍ଠପୂର୍ଣ୍ଣିମା ଦିନ ପ୍ରଥମ ସନ୍ତାନକୁ ପୂଜା କରିବାର ବିଧି ଆମ ସମାଜରେ ପ୍ରଚଳିତ । ଏଣ୍ଡୁରୀ ପିଠା ଏ ପର୍ବର ବିଶେଷତ୍ୱ । ଏଥିପାଇଁ ହଳଦୀ ପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏନାହିଁ । ପ୍ରଥମାଷ୍ଟମୀ ଦିନଟି ବିଶେଷକରି ଆମ ପିଲାମାନଙ୍କର ଏକ ଖୁସି ଓ ଆନନ୍ଦର ଦିନ। ନୂଆବସ୍ତ୍ର ପିନ୍ଧି ନିଜେ ସୁସଜ୍ଜିତ ହୋଇ ଘରେ ସୁସ୍ୱାଦୁ ପିଠା ଓ ମାମୁଁଘର ପ୍ରଦତ୍ତ ନୂତନ ପୋଷାକପତ୍ର ପିନ୍ଧି ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ନେବା ଏକ ସ୍ମରଣୀୟ ଦିନ। ତେବେ ଆଧ୍ୟାତ୍ମିକ ଚେତନାରେ ପ୍ରଥମାଷ୍ଟମୀର ଏକ ସ୍ୱତନ୍ତ୍ରତା ରହିଛି। ଆମ ଓଡ଼ିଆ କଥନିକାରେ ଏକ କଥା ରହିଛି ଜ୍ୟେଷ୍ଠାୟ ନମଃ ଅର୍ଥାତ୍ ପରିବାରରେ ବା ସମାଜରେ ଜ୍ୟେଷ୍ଠ ବା ବରିଷ୍ଠ ମାନଙ୍କୁ ସମ୍ମାନ ପ୍ରଦାନ କରାଯାଏ। ସେହିପରି ପରିବାରର ପ୍ରଥମ ଆଗତ ସନ୍ତାନଟିକୁ ସମ୍ମାନ ପୂର୍ବକ ଏହି ଦିବସର ଆନ୍ତର୍ନିହିତ ତାତ୍ପର୍ଯ୍ୟ। କେବଳ ଘରର ବଡ଼ପୁଅ ନୁହେଁ ସମାଜର ବରିଷ୍ଠ ମାନଙ୍କୁ ଏବଂ ଆମ ସମୟର ଯେଉଁମାନେ ଆମ ଠାରୁ ଏ ସମାଜକୁ ପୂର୍ବରୁ ଆସିଛନ୍ତି ସେମାନଙ୍କର ଗୁରୁତ୍ୱ ସେମାନଙ୍କର ଅଭିଜ୍ଞତା ଓ ସେମାନଙ୍କର ଆଶୀର୍ବାଦ ସହ ଭଲ ପାଇବାର କାମନା ରଖିବା ଏହି ଦିବସର ସ୍ୱତନ୍ତ୍ରତା ହେଉ। ପ୍ରଥମାଷ୍ଟମୀର ଏହି ଅନ୍ତର୍ନିହିତ ଚେତନା ସମସ୍ତଙ୍କ ଭିତରେ ପ୍ରକଟିତ ହେଲେ ଏହି ଦିବସର ଗୁରୁତ୍ୱ ଓ ଉପଲବ୍ଧି ଆହୁରି ମହନୀୟ ହୋଇପାରିବ।

+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ,



## ମୁନା ପାଳିବ ପ୍ରଥମାଷ୍ଟମୀ
### ନିରଞ୍ଜନ ସାହୁ

ପ୍ରଥମାଷ୍ଟମୀ ଯେ ଆସିଛି
ମୁନା ପଢ଼ୁଆଁ ହେବ
ନୂତନ ପୋଷାକ ପିନ୍ଧିକି
ମନ ଭୁଲେଇ ଦେବ ।
ଚନ୍ଦନ , ସିନ୍ଦୁର ନାଇବ
ହେବ ବଢ଼ିଆ ବେଶ
ଅତି ଯତନରେ କୁଣ୍ଡାଇ
ଥିବ ତାହାରି କେଶ ।
ମନ୍ଦିରକୁ ଦିଅଁ ଦର୍ଶନେ
ଯିବ ଆଶିଷ ଲାଗି
ଠାକୁରଙ୍କ ଠାରୁ ଆଣିବ
ସୁଖ , ସନ୍ତୋଷ ମାଗି ।
ଏଣ୍ଡୁରି ପିଠାକୁ ଖାଇବ
ମନ ହରଷ କରି
ହଳଦୀ ପତର ବାସ୍ନାରେ
ନାସା ଯାଉଛି ଭରି ।
ଘରର ଯେ ଜ୍ୟେଷ୍ଠ ସନ୍ତାନ
ତାହା ପାଇଁ ଏ ପର୍ବ
ଜ୍ୟେଷ୍ଠ ସନ୍ତାନର ମହତ୍ତ୍ୱ
ବୁଝିଥାଆନ୍ତି ସର୍ବ ।
ଘରର ଉତ୍ତର ଦାୟିତ୍ୱ
ଜ୍ୟେଷ୍ଠ ସନ୍ତାନ ନିଏ
କିଏ ଅବା ସେହି ମୂଲ୍ୟକୁ
କେବେ ଫେରାଇ ଦିଏ ?
ଏଣ୍ଡୁରି ଛୁଇଁକି ମୁନା ଯେ
ବଜ୍ର ଶପଥ ନେବ
ଭାଇଭଉଣୀଙ୍କ ଦାୟିତ୍ୱ
ତା'ର କର୍ତ୍ତବ୍ୟ ହେବ ।
ଗୁରୁଜନେ କରି ପ୍ରଣାମ
ଶକ୍ତି ମାଗିବ ମୁନା
ସଭିଏଁ କହିବେ , ' ଧନରେ
ତୁ ଗୋଟେ ଖାଣ୍ଟି ସୁନା ।'

+ନିହଲ ପ୍ରସାଦ ,
ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

## ପ୍ରଥମାଷ୍ଟମୀରେ ଏତିକି ଅଳି...
### ରାମଚନ୍ଦ୍ର ବେହେରା

ମାର୍ଗଶୀର ମାସ ଶୁଭ କୃଷ୍ଣ ପକ୍ଷ
ପୁଣ୍ୟ ଅଷ୍ଟମୀ ତିଥିରେ
ପୋଢୁହାଁ ଅଷ୍ଟମୀ ପରବ ଆସିଛି
ଆମ ଉତ୍କଳ ଭୂଇଁରେ।
ମାମୁଁ ଆଣିଛନ୍ତି ନୂଆ ପରିଧାନ
ଭଣଜା ଭାଣିଜୀ ପାଇଁ
ଅରୁଆ ଚାଉଳ ଫୁଲ ଓ ଚନ୍ଦନ
ଶ୍ରଦ୍ଧାରେ ସାଥୀରେ ନେଇ।
ଜ୍ୟୈଷ୍ଠ ସନ୍ତାନର ପୂଜାବିଧି ହେବ
ଶଂଖ ହୁଳହୁଳି ସ୍ୱନେ
ଗୃହେ ବିରାଜିବେ
ଷଠୀ ମହାମାୟୀ
ସୁଖ ଭରିଦେବେ ମନେ।
ପିତାମାତାଂକର ଆଶିଷ ମିଳିବ
ଦୀର୍ଘାୟୁ ହେବ ସନ୍ତାନ
ଗୁରୁ ଗୁରୁଜନ ଶୁଭାଶିଷେ ତା'ର
କାମନା ହୋଇବ ପୂର୍ଣ୍ଣ।
ଚାଉଳ ବିରିର ମିଶ୍ରଣେ ବନିବ
ପ୍ରସିଦ୍ଧ ପିଠା ଏଣ୍ଡୁରୀ
ମାତାଂକ ଚରଣେ
ଭୋଗ ଲାଗିହେବ
ସାଥେ କାକରା ଓ କ୍ଷିରୀ।
ଜ୍ୟୈଷ୍ଠ ସନ୍ତାନର ଭବ୍ୟ ସନମାନ
ଦେଇଥାଏ ଏହି ପର୍ବ
ଜ୍ୟୈଷ୍ଠ ରଖିଥାଏ କୁଳର ସମ୍ମାନ
ମାନି ଭାଇଚାରା ଭାବ।
ଆତ୍ମୀୟଂକ ପାଇଁ
ସାଜେ ସେ ରକ୍ଷକ
ବାଣ୍ଟିଥାଏ ସ୍ନେହ ଶ୍ରଦ୍ଧା
ତା'ର ଆଦର୍ଶରେ କନିଷ୍ଠ ଚାଲନ୍ତି
ଭୁଲି ବାଧା ଅସୁବିଧା।
ଆସରେ ସଭିଏଁ ଜ୍ୟୈଷ୍ଠ ସନ୍ତାନକୁ
ହୃଦୟେ ସମ୍ମାନ ଦେବା
ତା ଜୀବନ ପଥ ହେଉ କୁସୁମିତ
ପ୍ରଭୁଂକୁ ଅଳି କରିବା।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ପ୍ରଥମାଷ୍ଟମୀ
### କୀର୍ତ୍ତନ ସାହୁ

ସାଉଁଟି ହୁଏ
ସୌଭାଗ୍ୟର ଫୁଲ
ଗଢି ହୁଏ ଖୁସିର ମିନାର
ଆନନ୍ଦର ଲହରୀ
ଛୁଟି ଯାଏ ପ୍ରତିଟି ହୃଦୟକୁ
ସାରା ପରିବାରରେ
ଏକ ଚମକ ଖେଳି ଯାଏ
ଆସିଥାଏ ପ୍ରଥମାଷ୍ଟମୀ
ମାର୍ଗଶିର ମାସ
କୃଷ୍ଣ ପକ୍ଷ ଅଷ୍ଟମୀ ତିଥି
ଖୋଜା ପଡେ ବଡ ସନ୍ତାନକୁ
ଆଦର ଅଭ୍ୟର୍ଥନା ସମ୍ମାନ
ଅଜାଡ଼ି ହେଇ ପଡେ
ବନ୍ଦାପନାର ପର୍ବ ଆସେ
ଅରୁଆ ଚାଉଳ ଫୁଲ
ଧୂପ ଦୀପ ଦୁବ
ବରକୋଳି ପତ୍ର ସମ୍ଭାରରେ
ହସ ଖୁସିର ମାହୋଲ
ସାରା ପରିବାରରେ
ପୁଲକର ପଦ୍ମ ଫୁଲ
ପ୍ରସ୍ଫୁଟିତ ହୁଏ
ଆମ ପରମ୍ପରା
ଆମ ସଂସ୍କୃତିର ଝଲକ
ଝଲସି ଉଠେ
ଆତ୍ମ ତୃପ୍ତିର ସ୍ୱାଦ ବାରି ହୁଏ
ହଳଦୀ ପତ୍ରର ବାସ୍ନା ଭରା
ଏଣ୍ଡୁରି ପିଠାରେ
ଏମିତି ହ୍ୱେଲାରେ
ଆତ୍ମ ବିଭୋର ହେଇ ହୁଏ
ସାରା ପରିବାର ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ପ୍ରଥମାଷ୍ଟମୀର ମହକ
### ସତ୍ୟଜିତ୍ ମହାପାତ୍ର

ଘରେ ଘରେ ପିଠା ତା ସାଙ୍ଗରେ ମିଠା
ସବୁଠି ଆନନ୍ଦ ଖୁସି
ହଳଦି ପତରେ ଏଣ୍ଡୁରି ପିଠାରେ
ପୁରପଲ୍ଲୀ ଯାଏ ବାସି।

ପଢୁଆଁ ହେବେଟି ଜ୍ୟେଷ୍ଠ ସନ୍ତାନଟି
ପ୍ରଥମାଷ୍ଟମୀର ଦିନେ
ନୂଆ ଡ୍ରେସ୍ ପିନ୍ଧି ସାଙ୍ଗ ହାତେ ଛନ୍ଦି
ବୁଲିଥାନ୍ତି ସ୍ଥାନେ ସ୍ଥାନେ ।

ମାମୁଁର ମନଟି ଭଣଜା ପାଇଁଟି
କାହିଁ କେଇଦିନୁ ଭାବେ
ଫଳମୂଳ ଧରି ଆସେ ନେଇକରି
କାଳେ ଅପେକ୍ଷାରେ ଥିବେ।

ଶିତର କାକରେ ସକାଳ ସୂର୍ଯ୍ୟରେ
ଘର ଅଗଣାଟି କହେ
କୋକିଳ ନାଦରେ ପ୍ରଥମାଷ୍ଟମୀରେ
ମହମହ ମନ ମୋହେ।

+ମାଣିକଡିହା, ଖୋସାଲପୁର,
ଦଶରଥପୁର, ଯାଜପୁର
ମୋ: ୯୮୬୧୪୦୦୦୨୯

## ପ୍ରଥମାଷ୍ଟମୀ ଆସିଛି ହସି
### ନଳିନୀ ଦାଶ

କାର୍ତ୍ତିକ ବିଦାୟ ନେଲାଣି ଧରାରୁ
ଆସିଅଛି ମଗୁଶୁର
ଗଜ ବାହାନରେ ଲକ୍ଷ୍ମୀ ଆସିଲେଣି
ହସିଲା ଗାଆଁ ସହର ।
ରଙ୍ଗଣୀ ସେବତୀ ଗେଣ୍ଡୁ ମକଦଲି
ଫୁଟି ଦିଶଇ ସୁନ୍ଦର
ଝୋଟି ଚିତା ଲେଖା ସବୁ ଘରେ ହୁଏ
ଲକ୍ଷ୍ମୀପାଦ ମନୋହର ।
ମଗୁଶୁର ମାସେ ପ୍ରଥମାଷ୍ଟମୀ
ହସ ଖୁସି ନେଇ ଆସେ
ଧୂପ ଦୀପ ଫୁଲ ଝୁଣା ଅଗୁରରେ
ଘରଟି ଆମର ବାସେ ।
ପୋଢୁଆଁ ପିଲାଙ୍କ ପାଇଁ ଦିନଟିଏ
ଖୁସିର ପସରା ନେଇ
ବୋଉ କରିଲାଣି ଏଣ୍ଡୁରି ପିଠାକୁ
ହଳଦୀ ପତର ଦେଇ ।
ନୂଆ ଚାଉଳକୁ ବାଟି ଦିଏଝୋଟି
ପିଢ଼ାରେ ସଜେଇ ଦେଇ
ଗୋବର ଗୁଳାଟି ବସେ ଧାନଶିଂଶା
ଫୁଲ ସିନ୍ଦୂର ଲଗେଇ ।
ମାମୁଁ ଘରୁଆସେ ଅଷ୍ଟମୀ ପରବେ
ପୋଢୁଆଁ ପିଲାଙ୍କ ପାଇଁ
ନୂଆ ଜାମା ପିନ୍ଧି ବନ୍ଦାଣ ହୁଅନ୍ତି
ପିଠା ଭୋଗ ବାଢ଼ି ଦେଇ ।
ମାଆ ମହାଲକ୍ଷ୍ମୀ ବନ୍ଦାଣ ହୁଅନ୍ତି
ଗେଣ୍ଡୁଫୁଲକୁ ଲଗେଇ
ସବୁ ଘରେ ପୂଜା ହୁଅଇ ମାଆର
ଆଶିଷ ପାଇବା ପାଇଁ ।

+ଭିକାରିପଡା, ଶରଣକୁଳ,
ନୟାଗଡ଼।
ମୋ: ୬୩୭୦୦୯୫୨୪୧

## ପ୍ରଥମାଷ୍ଟମୀ
### ଆଦ୍ୟାଶା ମହାପାତ୍ର

ଅତୀତ ଯୁଗରେ ବରଷ ଆରମ୍ଭ
ଆଦ୍ୟ ମାର୍ଗଶୀର ଥିଲା
ଏଇ ମାସ କୃଷ୍ଣ ଅଷ୍ଟମୀ ତିଥିଟି
ପଢୁଆଁ ଅଷ୍ଟମୀ ହେଲା ।

ସାରା ଜଗତର ଶ୍ରେଷ୍ଠ ଜ୍ୟେଷ୍ଠ ପୁତ୍ର
ଅଟନ୍ତି ଯେ ଜଗନ୍ନାଥ
ନିଆଳି ମାଧବ ମାମୁଙ୍କ ପ୍ରଦତ୍ତ
ବସ୍ତ୍ରେ ହୋନ୍ତି ସୁଶୋଭିତ ।

ଆମ ପରମ୍ପରା ଜ୍ୟେଷ୍ଠ ଙ୍କୁ ସମ୍ମାନ
ଦେଇଥାଏ ବିଧିମତେ
ପ୍ରଥମ ସନ୍ତାନ ପାଇଁ ଏହି ତିଥି
ପୁତ୍ର କନ୍ୟା ନିର୍ବିଶେଷେ ।

ମାତୃତ୍ୱ ପିତୃତ୍ୱ ସୁଖ ଯେଣୁ ସିଏ
ଦେଇଥାନ୍ତି ପ୍ରଥମରେ
କେତେ ସବୁ ଖୁସି ଆଶା କଳପନା
ସବୁରି ମନେ ସଞ୍ଚରେ ।

ଭଣଜା ଭାଣିଜୀ ଭାବ ବନ୍ଧନରେ
ବନ୍ଧା ମାମୁଘର ପ୍ରାଣ
ଅତି ଶରଧାରେ ଆଣିଥାନ୍ତି ବାଛି
ନବ ବସ୍ତ୍ର ପରିଧାନ ।
ହଳଦୀ ପତ୍ରର ଏଣ୍ଡୁରି ପିଠାରେ
ନବାନ୍ନର ପୂଜାଥାଳି
ଘରର ଇଷ୍ଟଙ୍କୁ ପୂଜା ଅରପଣେ
ଦିଅନ୍ତି ଆଶିଷ ଢାଳି ।

ଶାଶ୍ୱତ ସଂପର୍କେ ବନ୍ଧା ଏ ଜୀବନ
ଧନ୍ୟ ଆମ ରୀତିନୀତି
ସବୁଠୁ ନିଆରା ଆମ ପରମ୍ପରା
ମହାନ ଆମ ସଂସ୍କୃତି ।

+ନୂଆପଡା, କଟକ

## ପ୍ରଥମାଷ୍ଟମୀ
### କସ୍ତୁରୀ ଚରଣ ରାଉତ

ମାସ ମଧ୍ୟେ ସାର ଅଟେ ମାର୍ଗଶିର
ଲକ୍ଷ୍ମୀଙ୍କର ହୁଏ ପୂଜା
ଧନଧାନ୍ୟେ ଘର ଥାଏ ଭରପୂର
ଉଡ଼େ ଭକତିର ଧ୍ୱଜା ।
ଓଡ଼ିଆଙ୍କ ଘରେ ମାର୍ଗଶୀର ମାସ
କୃଷ୍ଣପକ୍ଷର ଅଷ୍ଟମୀ
ଜ୍ୟେଷ୍ଠ ସନ୍ତାନଙ୍କୁ
ପୋଢୁଆଁ କରନ୍ତି
ନାମ ତା' ପ୍ରଥମାଷ୍ଟମୀ ।
ମାମୁଁ ଘରୁ ଆସେ
ନୂତନ ପୋଷାକ
ପ୍ରଥା ପରମ୍ପରା ଧରି
ହଳଦୀ ପତରେ ପିଠା କରିଥାନ୍ତି
ନାମ ତାହାର ଏଣ୍ଡୁରି ।
ପ୍ରଥମ ସନ୍ତାନ ମଙ୍ଗଳ ମନାସି
ଚନ୍ଦନ ସିନ୍ଦୁର ନେଇ
ବନ୍ଦାପନା କରେ ଜନନୀ ତାହାର
ଶୁଭ ଆଶୀର୍ବାଦ ଦେଇ ।
ବିଶ୍ୱାସ ରହିଛି ବାପାଙ୍କ ଉତ୍ତାରେ
ଜ୍ୟେଷ୍ଠ ହିଁ ଘରର କର୍ତ୍ତା
ଭାଇଭଉଣୀଙ୍କ ଭରଣପୋଷଣ
କରିଥାଆନ୍ତି ସର୍ବଥା ।

ସତ୍ୟବାଦୀ ହାଇସ୍କୁଲ୍,
ଧଣ୍ଡାମାଳ, ବଲାଙ୍ଗିର
ମୋ. ୮୯୧୭୩୯୭୩୪୮

## ପୋଢୁଆଁ କରିବା ପାଇଁ
### ଜୟକୃଷ୍ଣ ସାହୁ

ପୋଢୁଆଁ କରିବା ପାଇଁ,
ବୋଉ କହୁଥିଲା ଏବର୍ଷ ଆସିବେ
ତୋର ବଡ଼ମାମୁ ମାଇଁ
ଆସିବେନି ତୋର ଅଜା,
କାହାଠାରୁ ଗପ କ୍ୱିତା ଶୁଣି ତୁ
କରିବୁ କେମିତି ମଜା ?
ବଡ଼ମାମୁ ମୋର ଶୃଙ୍ଖଳିତ ଲୋକ
ମାଇଁ ସରଳିଆ ଭାରି
ଅଜା ମୋ ଅଟନ୍ତି ଭାରି ରସିକିଆ
ଆଇ ମୋ ଅଟେ ଚତୁରୀ
ଦେଖି ତାଙ୍କୁ ଲାଗେ ଖୁସି,
ବେଶି ଖୁସିଲାଗେ
ଯେବେ ଦେଖାହୁଏ
ସାନମାମୁ ଝିଅ ଲୁସି।
ମାମୁଘରୁ ମୋର ଯିଏବି ଆସନ୍ତୁ
ପୋଢୁଆଁ କରିବା ପାଇଁ
ଆଣିଥବେ ନୂଆ ପ୍ୟାଣ୍ଟ୍ କୁରୁତା
ଏଥିରେ ସନ୍ଦେହ ନାହିଁ
ଆଣିଥିବେ ପିଠାପଣା,
ଆଇ ଦେଇଥିବ ସୁଆଦ ଆଚାର
ଏ କଥା ଆଗରୁ ଜଣା।
ସାନମାଇଁ ମୋର ବାନ୍ଧି ଦେଇଥିବେ
ବାଡ଼ି ପରିବାରକୁ କିଛି
ଚୁନା ମାଛ ବୋଉ ଭଲପାଏ ବୋଲି
ଆଇ ଦେଇଥିବ ବାଛି
ଆଜି ବିଦ୍ୟାଳୟ ଛୁଟି,
ମିଠା ଆଣିବାକୁ ବାହାରି ଗଲେଣି
ବାପା ଧରି ଆମ ସ୍କୁଟି।

+କପିଳ ପ୍ରସାଦ,
ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭



## ପ୍ରଥମାଷ୍ଟମୀ
### ଜଗଦୀଶ ସାହୁ


ଧାନ କାଟିବାକୁ ମାଧବ ଭାଇ
ବିଲକୁ ଗଲାଣି ପଖାଳ ଖାଇ
ହାତରେ ଧରି ଦାଆ
ଅରୁଆ ଚାଉଳ ହୋଇବ ସେ ଧାନ
କହିଛି ତାର ମାଆ !

ପ୍ରଥମାଷ୍ଟମୀର ଶୁଭ ସକାଳ
ପୂଜାରେ ଲାଗିବ ସେଇ ଚାଉଳ
ପଢୁଆଁ ପୁଅଝିଅ
ଆସନେ ବସାଇ ଗେଣ୍ଡୁଫୁଲ ଦୁଇ
କାନରେ ଖୋସିଦିଅ !

ହଳଦୀ ପତରେ ଏଣ୍ଡୁରୀପିଠା
ସୁଆଦ ନିଆରା ବଳିକି ମିଠା
ଖାଇଲେ ଖୁସି ବଢେ
ବରଷକେ ଥରେ ମାସ ମଗୁଶୀରେ
ପରବ ଗୋଟି ପଡ଼େ !

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

# ଡାଏଟରେ ଆପଣାନ୍ତୁ ଏହି ସବୁ ଖାଦ୍ୟ: ସୁସ୍ଥ ରହିବ ମସ୍ତିଷ୍କ



ମାନବ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମସ୍ତିଷ୍କ। ଶରୀରର ସମସ୍ତ ଅଙ୍ଗକୁ ପରିଚାଳିତ କରିଥାଏ ଏହି ଅଙ୍ଗ। କେବଳ ଏତିକି ନୁହେଁ, ମସ୍ତିଷ୍କ ଶରୀରର ଅନ୍ୟ ଅଙ୍ଗଗୁଡ଼ିକୁ ମଧ୍ୟ ନିୟନ୍ତ୍ରିତ କରିଥାଏ। ହୃଦ ସ୍ପନ୍ଦନ, ହଜମ ପ୍ରକ୍ରିୟା, ହାତ ଏବଂ ଗୋଡର ଗତିବିଧି ସବୁ ମସ୍ତିଷ୍କର ନିର୍ଦ୍ଦେଶରେ ହୋଇଥାଏ। ଯଦି ମସ୍ତିଷ୍କ ସଠିକ୍ ଭାବରେ କାମ ନକରେ ତେବେ ସମଗ୍ର ଶରୀର ସ୍ଥାଣୁ ପାଲଟିଯିବ।

ଅଣ୍ଡା:- ଅଣ୍ଡାରେ କୋଲିନ୍ ନାମକ ଏକ ପୋଷକ ତତ୍ତ୍ୱ ରହିଥାଏ, ଯାହା ମସ୍ତିଷ୍କ କୋଷଗୁଡ଼ିକର ବୃଦ୍ଧି ଏବଂ କାର୍ଯ୍ୟକାରିତାକୁ ଉନ୍ନତ କରିଥାଏ। ଏହା ନ୍ୟୁରୋଟ୍ରାନ୍ସମିଟର ଭାବରେ ମଧ୍ୟ କାମ କରେ। ଅଣ୍ଡାରେ ପ୍ରୋଟିନ୍ ଏବଂ ସୁସ୍ଥ ଚର୍ବି ଭରପୂର ପରିମାଣରେ ଥାଏ, ଯାହା ମସ୍ତିଷ୍କକୁ ଶକ୍ତି ଯୋଗାଇଥାଏ। ଏଥିସହ ଅଣ୍ଡାରେ ପ୍ରଚୁର ମାତ୍ରାରେ ଥିବା ଆଇରନ୍, ଜିଙ୍କ, ସେଲେନିୟମ୍, ଆୟୋଡିନ୍ ଏବଂ ଭିଟାମିନ୍ ଇ୧୨ ସ୍ମୃତି ଶକ୍ତି ବୃଦ୍ଧି କରିଥାଏ। ପ୍ରତିଦିନ ଅଣ୍ଡା ଖାଇବା ଫଳରେ ଜଣେ ବ୍ୟକ୍ତିର ଏକାଗ୍ରତା ଏବଂ ମସ୍ତିଷ୍କ ଅଧିକ ଧ୍ୟାନ କୈନ୍ଦ୍ରିକ ହୋଇଥାଏ।

ବାଦାମ ଓ ଅଖରୁଟ:- ବାଦାମରୁ ଭିଟାମିନ୍ ଇ, ଓମେଗା-୩ ଫ୍ୟାଟି ଏସିଡ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରୋଟିନ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ। ଏହିସବୁ ଉପାଦାନ ମସ୍ତିଷ୍କ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିବା ସହ ନୂତନ କୋଷ ଗଠନ ଏବଂ ମସ୍ତିଷ୍କକୁ ଶକ୍ତି ଯୋଗାଇଥାନ୍ତି। ସେହିପରି ଡ୍ରାଏ ଫ୍ରୁଟ୍ସର ରାଜା କୁହାଯାଉଥିବା ଅଖରୁଟରେ ଭିଟାମିନ୍-ଇ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଭରପୂର ପରିମାଣରେ ଥାଏ, ଯାହା ମସ୍ତିଷ୍କ ପାଇଁ ବେଶ୍ ଉପକାରୀ। ଡାଏଟରେ ଦିନକୁ ଦୁଇଟି ଅଖରୁଟ ଯୋଗ କରି ମସ୍ତିଷ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରିବେ।

ତାଜା ଫଳ ଏବଂ ପନିପରିବା:- ବ୍ଲୁବେରି, ଷ୍ଟ୍ରବେରି ସହ ଗାଜର ଏବଂ ବ୍ରୋକଲି ପରି ପନିପରିବାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ଥାଏ। ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଖାଦ୍ୟ ମସ୍ତିଷ୍କ କୋଷକୁ ସୁରକ୍ଷା ଦେଇଥାଏ। ଏହା ବ୍ୟତୀତ, ଓମେଗା-୩ ଫ୍ୟାଟି ଏସିଡ୍ ମଧ୍ୟ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ, ଏହା ମସ୍ତିଷ୍କ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରନ୍ତି। ଫୋଲେଟ୍, ଆଇରନ୍, ଜିଙ୍କ ଏବଂ ଭିଟାମିନ୍-କେ ଭଳି ଖଣିଜ ପଦାର୍ଥ ମିଳୁଥିବା ପନିପରିବା ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ।

ଦୁଗ୍ଧ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ:- ଦୁଗ୍ଧରେ କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ ଇ୧୨ ଏବଂ ଭିଟାମିନ୍-ଡି ପରି ପୋଷକ ତତ୍ତ୍ୱ ରହିଥାଏ। ଏହିସବୁ ଉପାଦାନ ମସ୍ତିଷ୍କ କୋଷ ବୃଦ୍ଧି ଏବଂ କାର୍ଯ୍ୟକୁ ଦୃଢ କରନ୍ତି। ଏଥିରେ ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍ ମଧ୍ୟ ରହିଥାଏ, ଯାହା ମସ୍ତିଷ୍କକୁ ଶକ୍ତି ଯୋଗାଇଥାଏ ଏବଂ ନ୍ୟୁରନ୍(ସ୍ନାୟୁ) ଯୋଗାଯୋଗରେ ଉନ୍ନତି ଆଣିଥାଏ। ତେଣୁ ଦୁଗ୍ଧ କିମ୍ବା ଦୁଗ୍ଧ ଜାତୀୟ ଖାଦ୍ୟ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ।

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୦୫ ଡିସେମ୍ବର ୨୦୨୩, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜଳବାୟୁ ଶିଖର ସମ୍ମିଳନୀ...

ଦୁବାଇରେ ଜାତିସଂଘ ଦ୍ୱାରା ଆୟୋଜିତ ୨୮ତମ ଜଳବାୟୁ ଶିଖର ସମ୍ମିଳନୀ ଆରମ୍ଭ ହୋଇଛି। କୋପ୍ ୨୮ ନାମରେ ପରିଚିତ ବିଶ୍ୱର ଏହି ଗୁରୁତ୍ୱପୂର୍ଣ୍ଣ ଶିଖର ସମ୍ମିଳନୀ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଶ୍ୱର ପ୍ରାୟ ୧୯୦ ଦେଶରୁ ପାଖାପାଖି ୯୮ ହଜାର ପ୍ରତିନିଧି ଭାଗ ନେବେ। ପ୍ରତିନିଧିତ୍ୱ ଓ ପ୍ରସଙ୍ଗ ଦୃଷ୍ଟିରୁ ଏହା ବିଶ୍ୱର ସର୍ବବୃହତ୍ ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶିଖର ସମ୍ମିଳନୀ। ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ହେଲା ବିଶ୍ୱର ତାପମାତ୍ରା ବୃଦ୍ଧିକୁ ଶିଳ୍ପ ବିପ୍ଳବ ସମୟର ସ୍ଥିତିଠାରୁ ୧.୫ ଡିଗ୍ରୀ ସେଲ୍‌ସିୟସ ଅଧିକ ମଧ୍ୟରେ ସୀମିତ ରଖିବା। ସେଥିପାଇଁ ପାରମ୍ପରିକ ଜୀବାଶ୍ମ ଇନ୍ଧନର ବ୍ୟବହାର କମାଇ ଅଣପ୍ରଦୂଷଣକାରୀ ସ୍ୱଚ୍ଛ ତଥା ଅକ୍ଷୟଶକ୍ତି ବ୍ୟବହାରକୁ ବଢ଼ାଇବା ନିମନ୍ତେ ବିଶ୍ୱସ୍ତରୀୟ ଚୁକ୍ତି ସ୍ୱାକ୍ଷର କରିବା। ପ୍ରସଙ୍ଗ ଅତି ଗୁରୁତ୍ୱପୂର୍ଣ୍ଣ। ତେବେ ଖାଲି ରାଜିନାମା କରିଦେଲେ ତାପମାତ୍ରା ବୃଦ୍ଧି ସମସ୍ୟାକୁ ନିୟନ୍ତ୍ରଣ କରିହେବ ନାହିଁ। ଅର୍ଥନୈତିକ ବିକାଶ ପାଇଁ ସବୁ ବିକାଶଶୀଳ ଓ ବିକଶିତ ଦେଶ ଏବେ କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନକୁ ପ୍ରଚୁର ପରିମାଣରେ ବ୍ୟବହାର କରୁଛନ୍ତି। ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଏବେ ପରିବେଶ ଏବଂ ଜୀବଜଗତ ପାଇଁ ଘୋର ବିପଦ ସୃଷ୍ଟି କରିଛି। ପ୍ରାୟ ଦୁଇଶହ ବର୍ଷ ଧରି ଏହି ଇନ୍ଧନ ବ୍ୟବହାର ପ୍ରଥମ ଶିଳ୍ପ ବିପ୍ଳବ ପରଠାରୁ ଚାଲିଛି ଯେ ସେଥିରେ ଲଗାମ ଲାଗିପାରୁ ନାହିଁ। ତେଣୁ ବିଶ୍ୱର ତାପମାତ୍ରା ଅଙ୍ଗାରକାମ୍ଳ ସ୍ତର ବୃଦ୍ଧି ଯୋଗୁଁ ବଢ଼ିଛି ଏବଂ ଏହା ଜଳବାୟୁ ପରିବର୍ତ୍ତନ ଓ ପରିବେଶ ବିପର୍ଯ୍ୟୟର ମୁଖ୍ୟ କାରଣ। ଏହି କାରଣରୁ ଏବେ ସୁଦ୍ଧା ବିଶ୍ୱର ତାପମାତ୍ରା ଏହି ୨୦୦ ବର୍ଷ ମଧ୍ୟରେ ଏକ ଡିଗ୍ରୀ ସେଲସିୟସରୁ ଅଧିକ ବଢ଼ି ସାରିଛି। ୨୦୫୦ ସୁଦ୍ଧା ଏହା ୧.୫ ଡିଗ୍ରୀ ଓ ୨୧୦୦ ମସିହା ସୁଦ୍ଧା ୩.୬ ରୁ ୭.୨ ଡିଗ୍ରୀ ସେଲ୍ ?ସିୟସକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ସୁତରାଂ ଏହି ତାପମାତ୍ରା ବୃଦ୍ଧିକୁ ଶିଳ୍ପ ବିପ୍ଳବ ସମୟଠାରୁ ସର୍ବାଧିକ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାକୁ ଜାତିସଂଘ ଗୁରୁତ୍ୱ ଦେଉଛି। ଏହି ରାଜିନାମାର ସଫଳତା ବିକଳ୍ପ ସ୍ୱଚ୍ଛ ଇନ୍ଧନ ଉତ୍ସ ଉପରେ ନିର୍ଭର କରେ। ସୌର, ଜଳ ଓ ପବନ ସହିତ ଅନ୍ୟାନ୍ୟ ଅଣପାରମ୍ପରିକ ଅକ୍ଷୟ ଶକ୍ତିକୁ ସେଥିପାଇଁ ବିନିଯୋଗ କରିବାକୁ ହେବ। ଏହା ପ୍ରୟାସ ମଧ୍ୟ ସହଜ ନୁହେଁ। ଏଭଳି ବିକଳ୍ପ ଶକ୍ତି ଉତ୍ପାଦନ ପାଇଁ ପ୍ରଚୁର ସମ୍ବଳ ତଥା ଉନ୍ନତ ଜ୍ଞାନକୌଶଳ ଲୋଡ଼ା। ସବୁ ବିକାଶଶୀଳ ରାଷ୍ଟ୍ର ତାହାକୁ କାର୍ଯ୍ୟକାରୀ କରିବାକୁ ଅର୍ଥବଳ ଏବଂ ଯନ୍ତ୍ରବଳ ପାଇବେ ନାହିଁ। ଦ୍ୱିତୀୟ ପ୍ରସଙ୍ଗ ହେଉଛି ଉନ୍ନତ ଓ ସମ୍ବଳସମୃଦ୍ଧ ଦେଶମାନେ ଏବେ ବିଶ୍ୱର ପ୍ରମୁଖ ପ୍ରଦୂଷଣକାରୀ। ଏ କ୍ଷେତ୍ରରେ ଚୀନ୍, ଆମେରିକା, ଭାରତ, ରୁଷିଆ, ଜାପାନ, ଜର୍ମାନୀ, ଇରାନ, ଦକ୍ଷିଣ କୋରିଆ, ସାଉଦୀ ଆରବ ଓ ଇଣ୍ଡୋନେସିଆ କ୍ରମାନ୍ୱୟରେ ୧ରୁ ୧୦ମ ସ୍ଥାନରେ ରହିଛନ୍ତି। ସର୍ବାଧିକ ପ୍ରଦୂଷଣକାରୀ ଚୀନ୍ ବର୍ଷକୁ ୧୦,୦୬୫ ନିୟୁତ ଟନ୍ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ କରୁଥିବାବେଳେ ଆମେରିକା ୫୪୧୬ ନିୟୁତ ଟନ୍, ଭାରତ ୨୬୫୪ ନିୟୁତ ଟନ୍, ରୁଷିଆ ୧୭୧୧ ନିୟୁତ ଟନ୍, ଜାପାନ ୧୧୬୨ ନିୟୁତ ଟନ୍ ଅଙ୍ଗାରକାମ୍ଳ ନିଷ୍କାସନ କରୁଛନ୍ତି। ତେବେ ଏଠି ଭାରତ ପ୍ରସଙ୍ଗରେ ପ୍ରଶ୍ନ ଉଠୁଛି ଯେ ମୁଣ୍ଡପିଛା ହିସାବରେ ଭାରତର ଅଙ୍ଗାରକାମ୍ଳ ନିର୍ଗମନ ୧.୭୮ ମେଟ୍ରିକ୍ ଟନ୍ ଥିବାବେଳେ ବିଶ୍ୱରେ ଏହି ହାର ୪.୪୪ ମେଟ୍ରିକ୍ ଟନ୍। ତେଣୁ ଆମେରିକା ସମେତ ପାଶ୍ଚାତ୍ୟ ବିକଶିତ ଧନୀ ରାଷ୍ଟ୍ର ଏବଂ ଅନ୍ୟ ଶିଳ୍ପୋନ୍ନତ ଦେଶଙ୍କର ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ଭାରତ ତୁଳନାରେ ଢେର ଅଧିକ। ଭାରତ ଭଳି ବିକାଶଶୀଳ ରାଷ୍ଟ୍ରକୁ ଏହି ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଦାୟୀ କରାଯାଇ ନପାରେ। ତଥାପି ସ୍ୱତଃପ୍ରବୃତ୍ତ ଭାବେ ଭାରତ ପାରମ୍ପରିକ ଶକ୍ତି ଉତ୍ପାଦନ ଏବଂ ବିନିଯୋଗ ହ୍ରାସ କରି ସବୁଜ / ଅକ୍ଷୟ ଉର୍ଜା ଉପରେ ଗୁରୁତ୍ୱ ଦେଉଛି। ୨୦୩୦ ସୁଦ୍ଧା ଭାରତ ତାହାର ମୋଟ୍ ବିଦ୍ୟୁତ୍ ଉତ୍ପାଦନର ୫୦% ଅଣପାରମ୍ପରିକ ଉତ୍ସରୁ ଉତ୍ପାଦନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିବାବେଳେ ୨୦୭୦ ସୁଦ୍ଧା ଅଙ୍ଗାରକାମ୍ଳ ନିଷ୍କାସନ ହାରକୁ ଶୂନ୍ୟ ସ୍ତରରେ ପହଞ୍ଚାଇବାର ଲକ୍ଷ୍ୟ ରଖିଛି। ଆନ୍ତର୍ଜାତୀୟ ସୌରଶକ୍ତିମେଣ୍ଟ ସମେତ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଅନ୍ୟାନ୍ୟ ସବୁଜ ଇନ୍ଧନ ଉତ୍ପାଦନ ପାଇଁ ଭାରତ ଯେଉଁ ବ୍ୟାପକ ଅଭିଯାନ ଆରମ୍ଭ କରିଛି, ସେଥିରେ ଆମ ଦେଶର ଉଦ୍ଦେଶ୍ୟ ଓ ପ୍ରତିଶ୍ରୁତିକୁ ପ୍ରଶ୍ନ କରାଯାଇ ନପାରେ। ଏବେ ପ୍ରଶ୍ନ ଉଠୁଛି ଦୁବାଇରେ ହେବାକୁ ଥିବା ପ୍ରସ୍ତାବିତ ଚୁକ୍ତିରେ ଆମେରିକା, ଚୀନ୍ ଓ ଅନ୍ୟାନ୍ୟ ଶିଳ୍ପୋନ୍ନତ ରାଷ୍ଟ୍ର ସ୍ୱାକ୍ଷର କରିବେ ତ? ବଡ଼ କଥା ହେଉଛି ପାରସ୍ପରିକ ପ୍ରତିଯୋଗିତା। ଯାହା ପାଖରେ କୋଇଲା ଓ ତୈଳ ଅଛି ସେମାନେ ଏହାକୁ ଇନ୍ଧନ କରି ନିଜର ଶିଳ୍ପ ଓ ଅର୍ଥନୀତିକୁ ସମୃଦ୍ଧ କରୁଛନ୍ତି। ବିଶ୍ୱ ଜଳବାୟୁ ଚିନ୍ତା କେବଳ ଏକ ଧୂଆଁ ବାଣ। ଆମେରିକା ଓ ରୁଷିଆ ରାଷ୍ଟ୍ରପତି ଏହି ସମ୍ମିଳନୀରେ ଯୋଗ ଦେଉନାହାନ୍ତି। ଚୀନ୍ ରାଷ୍ଟ୍ରପତିଙ୍କ ଯୋଗଦେବା ସ୍ପଷ୍ଟ ହୋଇନାହିଁ। ତେଣେ ଏହି ସମ୍ମିଳନୀ ଅବସରରେ ନିଜର ତୈଳ ସଂପଦର ବିକ୍ରି ବୃଦ୍ଧି ପାଇଁ ଆୟୋଜକ ସଂଯୁକ୍ତ ଆରବ ଏମିରେଟ୍ସର ଶାସନ ମୁଖ୍ୟ ବିଭିନ୍ନ ଦେଶର ନେତାମାନଙ୍କ ସହ ଗୁପ୍ତ ଆଲୋଚନା କରିବାର କାର୍ଯ୍ୟ ସୂଚୀ ରଖିଥିବା କଥା ପ୍ରଘଟ ହେବା ପରେ ବିବାଦ ସୃଷ୍ଟି ହୋଇଛି। ବ୍ୟକ୍ତିଗତ ସ୍ୱାର୍ଥ କିନ୍ତୁ ସାମୂହିକ ସ୍ୱାର୍ଥର ପରିପନ୍ଥୀ। ୨୦୨୩ ବିଶ୍ୱର ସବୁଠୁ ଉତ୍ତପ୍ତ ବର୍ଷ ହେବାର ରେକର୍ଡ ସ୍ଥାପନ କରିବାକୁ ଯାଉଛି। ପ୍ରତିଶ୍ରୁତି ସତ୍ତ୍ୱେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ବନ୍ଦ ହେଉନାହିଁ। ନିର୍ଗମନହାର ୯ ଶତାଂଶ ବରଂ ବଢ଼ିଛି। ପୃଥିବୀକୁ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଜନିତ ବିପଦରୁ ରକ୍ଷା କରିବାକୁ ହେଲେ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନ ହାରକୁ ୪୩% ହ୍ରାସ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଯୁଦ୍ଧ ବିଗ୍ରହ, ଅଶାନ୍ତି, ଅର୍ଥନୈତିକ ମାନ୍ଦାବସ୍ଥା, ପ୍ରାକୃତିକ ବିପତ୍ତି ଓ ଖାଦ୍ୟାଭାବ ଭଳି ଗୁରୁତର ସଂକଟ ଦେଇ ସମଗ୍ର ବିଶ୍ୱ ଏବେ ଗତି କରୁଛି। ଏଭଳି ସମୟରେ ଆୟୋଜିତ କୋପ୍ ୨୮ ଶିଖର ସମ୍ମିଳନୀରେ ଯଥାର୍ଥ ଆଲୋଚନା ହୋଇ ଜଳବାୟୁ ପରିବର୍ତ୍ତନ ଭଳି ପ୍ରମୁଖ ପ୍ରସଙ୍ଗରେ କି ପ୍ରକାର ରାଜିନାମା ସ୍ୱାକ୍ଷରିତ ହେବ, ତାହା ଦେଖିବାକୁ ସମଗ୍ର ବିଶ୍ୱ ଉତ୍କଣ୍ଠିତ।

# ମାଟି - ସମାଜ ଓ ସଭ୍ୟତାର ନିଆରା ଦୃଶ୍ୟପଟ୍ଟ



## ଡ଼ି ଶୁଭମ୍

ମାଟି ହିଁ ଫସଲ ଆଉ ଉତ୍ପାଦନର ପେଣ୍ଠସ୍ଥଳୀ । ମାଟି ଉପରେ ହେଉ କି ମାଟି ତଳେ ଗଛଟିଏ ବଢିବା ପାଇ ଏତିକି ହିଁ ଯଥେଷ୍ଟ । ମାଟିର ଉର୍ବରତା ବୃଦ୍ଧି ହିଁ ଉତ୍ପାଦନର ହାରକୁ ଦ୍ୱିଗୁଣିତ କରେ । ପରନ୍ତୁ ସାମ୍ପ୍ରତିକ ସମୟରେ ଅନେକ ସମସ୍ୟା ହେତୁ ମୃତ୍ତିକାର ଉର୍ବରତା ହାର ହ୍ରାସ ପାଇବା ସହ ଉତ୍ପାଦକତା କମୁଛି । ଯାହା ଫଳରେ ଚାଷ ଜମିର ମାଟି ଆଜି ତ୍ରାହି ତ୍ରାହି ଚିତ୍କାର କରୁଛି ।

ଏହା ଏପରି ଏକ ମାଧ୍ୟମ ଯାହା କି ଖଣିଜଲବଣ,ପାଣି , ବାୟୁ , ଜୈବିକ ପଦାର୍ଥ ତଥା ଅଣୁଜୀବ ମାନଙ୍କ ସମାହାରରେ ଗଠିତ । କହିବାକୁ ଗଲେ ଏହି ପାଂଚଟି ଉପାଦାନକୁ ନେଇ ମାଟିର ସଂଜ୍ଞା ନିରୂପଣ କରାଯାଏ । ଖଣିଜଲବଣ- ମୃତ୍ତିକା ଗଠନରେ ଖଣିଜଲବଣର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ସବୁଠାରୁ ଅଧିକ ଭାଗ ଉପାଦାନ ଖଣିଜଲବଣ ଉପରେ ନିର୍ଭର କରେ । ଶତକଡ଼ା ୪୫ ରୁ ୪୯ ଭାଗ ଖଣିଜଲବଣକୁ ନେଇ ମାଟିର ଗଠନ କରାଯାଇଥାଏ । ପାଣି- ଏହା ଦ୍ୱିତୀୟ ମୁଖ୍ୟ ଉପାଦାନ । ମୃିକାର ଜଳଧାରଣ କ୍ଷମତା ଉପରେ ଫସଲର ଉତ୍ପାଦନ ହାର ନିର୍ଭର କରେ । ଯେଉଁ ମାଟିର ଜଳଧାରଣ କ୍ଷମତା ଅଧିକ ସେ ମାଟିରେ ଚାଷ କାମ ଭଲ ହୋଇଥାଏ । ଜୈବିକ ପଦାର୍ଥ- ମାଟିରେ ଜୈବିକ ପଦାର୍ଥ ଅନ୍ୟ ଏକ ଉପାଦାନ ଭାବେ ବିଦିତ । ଜୈବିକ ପଦାର୍ଥ ଯେକୌଣସି ପଚିଥିବା କିମ୍ବା ସଢ଼ିଥିବା ଗଛ ବା ପଦାର୍ଥରୁ ପ୍ରସ୍ତୁତ ହୋଇପାରେ । ଯେଉଁ ମାଟିରେ ଜୈବ ପଦାର୍ଥ ଅଧିକ ପରିମାଣରେ ଥାଏ ସେଥିରେ କାଟାୟନ ଏକ୍ସଚେଂଜ କ୍ୟାପାସିଟି ଅଧିକ ଥାଏ । ସୁତରାଂ ସେଇ ମାଟିରେ ଭଲ ଭାବରେ ଫସଲ ଉତ୍ପାଦନ କରାଯାଇଥାଏ । ବାୟୁ - ପାଣି ପରି ମାଟି ଭିତରେ ବାୟୁର ଆବଶ୍ୟକତା ବି ସେତିକି ଗୁରୁତ୍ୱପୂର୍ଣ୍ଣ । କାରଣ ଗଛର ଚେର ପାଇଁ ଅମ୍ଳଜାନ ଅପରିହାର୍ଯ୍ୟ । ଠିକ ସେମିତି ଅଙ୍ଗାରକାମ୍ଳ ଓ ଯବକ୍ଷାରଜାନ ମାଟି ତଳେ ନାଇଟ୍ରୋଜେନ ଫିକ୍ସିଂ ବ୍ୟାକ୍ଟେରିଆଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଅଣୁଜୀବ- ଯଦିଓ ମାଟି ମଧ୍ୟରେ ଅଣୁଜୀବମାନେ ଅଧିକ ପରିମାଣରେ ଦେଖାଯାଆନ୍ତି ପରନ୍ତୁ ମୃକା ଗଠନରେ ଏମାନଙ୍କ ଭୂମିକା ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ମୃକାର ଉପର ସ୍ତରରେ ପାଖାପାଖି ୨୦୦୦୦ରୁ ଅଧିକ ଅଣୁଜୀବ ବସବାସ କରନ୍ତି । ସେମାନଙ୍କ ମଧ୍ୟରୁ ଜିଆ ଓ ସୂତ୍ରକୃମି ମାନଙ୍କ ସଂଖ୍ୟା ଅଧିକ । ଜୈବ ପଦାର୍ଥ ବିଘଟନରେ ଅଣୁଜୀବମାନେ ମୁଖ୍ୟ ଭୂମିକା ନେଇଥାନ୍ତି । ଚାଷ ଜମିର ମାଟି ଆଜି କାନ୍ଦୁଛି । ଭାରତର ମୋଟ ଭୌଗୋଳିକ କ୍ଷେତ୍ର (ପାଖାପାଖି ୩୨୮.୭ ନିୟୁତ ହେକ୍ଟର) ର ୨୯% (୯୬ ନିୟୁତ ହେକ୍ଟର) ଏଯାବତ୍ ନଷ୍ଟ ହୋଇଛି । ଏ ସମ୍ବନ୍ଧୀୟ ବିଭିନ୍ନ କାରଣ ଏଠାରେ ଉପସ୍ଥାପନ କରୁଛି ।

ମୃକାରେ ଲବଣୀକରଣ ବା ସାଲିନିଟି ଏକ ପ୍ରମୁଖ ସମସ୍ୟା । ଏହା ଫସଲ ବଢ଼ିବାକୁ ଠିକ ଭାବରେ ଦିଏ ନାହି । ଲବଣ ଜମିରେ ଫସଲର ଅମଳ ପରିମାଣ କମାଇଦେଇଥାଏ । ତେଣୁ ଏହାକୁ କିପରି ଠିକ ଭାବରେ ସମାଧାନ କରାଯାଇପାରିବ, ମୃତ୍ତିକାରେ ଲବଣର ପରିମାଣକୁ ଅନୁପାତ ଅନୁସାରେ ରଖାଯାଇପାରିଲେ ଫସଲର ଗୁଣାତ୍ମକ ମାନ ବୃଦ୍ଧି ହୋଇପାରିବ । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ ୧୯୯୦ ରୁ ୨୦୧୪ ମସିହା ମଧ୍ୟରେ ପାଖାପାଖି ୫୦୦୦ଏକର ଜମି ଏହି ଲବଣୀକରଣ ସମସ୍ୟା ଯୋଗ ନଷ୍ଟ ହୋଇଛି । ତେଣୁ ଆଜିର ଦିନରେ ଏ ଲବଣୀକରଣର ସମାଧାନ ଏକ ଆହ୍ୱାନ ।

ସାଧାରଣତଃ ଲବଣୀକରଣ କହିଲେ ଆମେ ମାଟିରେ ଥିବା ଦ୍ରବଣୀୟ ଲବଣକୁ ବୁଝାଉ । ମୃତ୍ତିକା ବିଜ୍ଞାନରେ ଏ ଲବଣ ଗୁଡ଼ିକ ସୋଡ଼ିୟମ , ପଟାସିୟମ, କ୍ୟାଲସିୟମ,କ୍ୟାଲସିୟମ ପ୍ରଭୃତିକୁ ବୁଝାଏ । ଏହି ସବୁ ଲବଣ ଗୁଡ଼ିକ ଯୋଗୁଁ ଗଛ ଗୁଡ଼ିକ ସଠିକ ପରିମାଣରେ ପାଣି ନେଇ ପାରନ୍ତି ନାହିଁ ଯାହାକି ଫସଲର ବୃଦ୍ଧିରେ ପ୍ରମୁଖ ସମସ୍ୟା ସାଜେ । ଏକ ସର୍ଭେରୁ ଜଣାଯାଇଛି ୨.୫ବିଲିୟନ ଏକର ଜମି ଲବଣୀକରଣ ଦ୍ୱାରା ପ୍ରଭାବିତ ହୋଇଛି।

ମୁଖ୍ୟତଃ ମୃତ୍ତିକାର ଲବଣୀକରଣ ଅତ୍ୟଧିକ ବାଷ୍ପୀକରଣ , ଠିକ ଭାବରେ ଡ୍ରେନେଜର ଅଭାବ, ଅତ୍ୟଧିକ ଦ୍ରବଣୀୟ ଲବଣ ମାଟିରେ ରହିବା ଯୋଗୁଁ ହୋଇଥାଏ । ମୁଖ୍ୟତଃ ଲବଣୀକରଣ ମାଟିହେଲେ ଆମେ ଜମିରେ ଧଳା ଚିହ୍ନ ଦେଖିବାକୁ ପାଇଥାଉ । ଏହି ଲବଣୀକରଣ ପ୍ରକ୍ରିୟା ଯୋଗୁଁ ଗଛ ଠିକ୍ ଭାବରେ ବଢ଼ିପାରେ ନାହି ।

ଏହି ଲବଣୀକରଣକୁ କମ୍ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବା ଆବଶ୍ୟକ । ଠିକ୍ ଭାବରେ ଜଳସେଚନ କରିବା ଆବଶ୍ୟକ ମାଟିରେ ଠିକ ଭାବରେ ଜୈବିକ ସାର ଓ କମ୍ପୋଷ୍ଟ ବ୍ୟବହାର କରିବା ଦରକାର । ଠିକ ଭାବରେ ମଲ୍‌ଚିଂ କରିବା ଆବଶୃକ । ଲବଣ କ୍ଷମ ଗଛ ଗୁଡ଼ିକ ଲଗାଇବା ଦ୍ୱାରା ଏହାର ପ୍ରଭାବ କମ୍ ହୋଇଥାଏ । ମାଟିରେ ଜିପସମକୁ ସଠିକ ଭାବରେ ପ୍ରୟୋଗ କରିବା ଆବଶ୍ୟକ । ବାଷ୍ପୀକରଣ ପ୍ରକ୍ରିୟାକୁ କମ୍ କରିବା ଦ୍ୱାରା ଲବଣୀକରଣ କମ୍ ହୋଇଥାଏ।

ମାଟିର ଉର୍ବରତା ଉପରେ ଫସଲର ମାନ ନିର୍ଭର କରେ । କାରଣ ମାଟି ଯେତେ ଉର୍ବର ହୁଏ ଫସଲର ଗୁଣବା ବି ସଠିକ ପରିମାଣରେ ବଜାୟ ରହେ । ତେବେ ବୈଜ୍ଞାନିକ ଅର୍ଥରେ ଯେଉଁ ମାଟି ଫସଲକୁ ତାର ଆବଶ୍ୟକତା ଅନୁସାରେ ସଠିକ ଅନୁପାତରେ ସମସ୍ତ ଖାଦ୍ୟ ଉତ୍ପାଦନ ଯୋଗାଇଥାଏ ତାହାକୁ ହିଁ ଉର୍ବର ମାଟି କୁହାଯାଏ । କାରଣ ଏହା ନହେଲେ ଆମେ ଆଶାନୁରୂପ ଖାଦ୍ୟ ଉତ୍ପାଦନ କରିପାରିବା ନାହିଁ ।

ଚାଷୀଭାଇମାନେ ଜମିରେ ରାସାୟନିକ ସାର ପ୍ରୟୋଗ କରି ଅଧିକ ଫସଲ କରିପାରୁଥିଲେ ମଧ ମାଟିର ଉର୍ବରତା ପ୍ରତି ସାଧାରଣତଃ ଦୃଷ୍ଟି ଦିଅନ୍ତି ନାହିଁ । କାରଣ ରାସାୟନିକ ସାର ଫସଲକୁ ତାର ଆବଶ୍ୟକତା ଅନୁସାରେ ସମସ୍ତ ପୋଷକ ତ୍ୱ ପ୍ରଦାନ କରିପାରିଲେ ମଧ ଏହି ଉର୍ବରତା କ୍ଷଣସ୍ଥାୟୀ ହୋଇଥାଏ । ୧୯୭୩, ୧୯୮୫, ଏବଂ ୨୦୦୬ ରେ ଯଥାକ୍ରମେ ୩୧, ୩୮, ଏବଂ ୫୬ ଟନ୍ ହେକ୍ଟର ପ୍ରତି ମୃତ୍ତିକା କ୍ଷୟ ବୃଦ୍ଧି ପାଇଲା । ମାଟିର ଉର୍ବରତା ବଜାୟ ରଖିବା ପାଇଁ ରାସାୟନିକ ସାରର ସମୁଚିତ ପ୍ରୟୋଗ କରିବା ସଙ୍ଗେସଙ୍ଗେ ଜମିରେ ଜୈବିକ ସାର ମଧ ପ୍ରୟୋଗ କରାଯିବା ନିତ୍ୟାନ୍ତ ଆବଶ୍ୟକ । ସମ୍ପ୍ରତି ଦେଶରେ ୧୨୦.୭ ମିଟର ହେକ୍ଟର ଚାଷ ଜମି ଅବନତି ଦ୍ୱାରା ପ୍ରଭାବିତ ହୋଇଛି । ସେଥିମଧ୍ୟରୁ ୮୫.୭ ମିଟର ହେକ୍ଟର ଜମି ଜଳ ଏବଂ ପବନ ଦ୍ୱାରା ମୃକା କ୍ଷୟ ହୋଇଛି । ୨୦୦୧ ରୁ ୨୦୨୧ ପର୍ଯ୍ୟନ୍ତ ଜଙ୍ଗଲ ନଷ୍ଟ, ମାତ୍ରାଧିକ ବର୍ଷା, ଗାଇଗୋରୁ ମାନଙ୍କର ତଥା ଅଧିକ ସାରର ବ୍ୟବହାର ମଧ ଅନ୍ୟାନ୍ୟ କାରଣ ମଧ୍ୟରେ ଅନ୍ତର୍ଭୁକ୍ତ । ର୍ବମାନ ସମୟରେ ଆଶାତୀତ ଭାବରେ ଯେପରି ରାସାୟନିକ ସାର ବ୍ୟବହାର କରାଯାଉଛି ଏହା ମୃକାର ମାନ ହ୍ରାସ କରିବା ସହ ଆମ ଶରୀରର ବି ହାନି କରୁଛି ଏକଥାକୁ ବୁଝିବାର ସମୟ ଆସିଛି । ଏ ଦିଗରେ ଆମକୁ ସଚେତନ ହୋଇ ଅନ୍ୟ ମାନଙ୍କୁ ବୁଝାଇବାର ବେଳ ଆସଛି ।

ଉତ୍ପାଦନକୁ ସର୍ବାଧିକ ଗୁରୁତ୍ୱ ଦେଇ ଚାଷୀ ମାନେ ଚାଷ କରି ନିଜର ଉତ୍ପାଦିତ ଫସଲକୁ ସଠିକ ଭାବରେ ବିକ୍ରୟ କରିବାକୁ ଶତ ଚେଷ୍ଟା କରନ୍ତି ସତ କିନ୍ତୁ ଏଥିରେ ବିଫଳ ହୁଅନ୍ତି । ଏଇ କିଛି ବର୍ଷ ହେବ ଜଳବାୟୁ ପରିର୍ବନ କୃଷି କ୍ଷେତ୍ରରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ସମୟ ଥିଲା ଖରା ଦନେ ଖରା, ବର୍ଷା ଦିନେ ବର୍ଷା ଆଉ ଶୀତ ଦିନେ ଶୀତ – ଏସବୁ ସଠିକ ଭାବରେ ଲୋକେ ଅନୁଭବ କରିପାରୁଥିଲେ । ଥରେ ଭାବନ୍ତୁ ନା ଆଜି ଆମେ ଆଷାଢ଼ର ଧାରା ଶ୍ରାବଣ ସମୟରେ ନିଦାଘର ତାପକୁ ଅନୁଭବ କରୁଛୁ । ଖରା ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୨-୪୪ଡ଼ିଗ୍ରୀ ଯାଏଁ ବି ଯାଉଛି । ଜଳବାୟୁ ପରିର୍ବନ କୃଷିକୁ ଏବେ ଏକ ଅବନତି ଦିଗରେ ଟାଣି ନେଲାଣି ।

ଜୈବ ବିବିଧତା ହେଉଛି ମୃକା ଗଠନରେ ସାହାଯ୍ୟ କରେ । ଏହା ଭୂତଳ ଜଳ ସଂରକ୍ଷଣ , ମାଟିର ସଂରଚନା,ଗଠନ,ଉର୍ବରତା ଠାରୁ ଆରମ୍ଭ କରି ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ନେଇଥାଏ । ଜଳବାୟୁ ପରିବର୍ତ୍ତନ ଏବଂ ମୃତ୍ତିକାର ପରିଚାଳନା ପରସ୍ପର ସହ ଜଡିତ ପ୍ରକ୍ରିୟା । ଗ୍ଲୋବାଲ ୱାର୍ମିଂ – ଏବେ ଏକ ପରିଚିତ ଶବ୍ଦ । ଆମେ ଏହା ବିଷୟରେ ଏବେ ପାଠ ପଢୁଛନ୍ତି କିନ୍ତୁ ଏହାର କୁପ୍ରଭାବ ବିଷୟରେ ଅବଗତ ହେବା ବି ସେତିକି ଜରୁରୀ । କାରଣ ଗ୍ଲୋବାଲ ୱାର୍ମିଂ ଆମ ଜଳବାୟୁ ପରିର୍ବନର ପ୍ରଥମ ଓ ମୁଖ୍ୟ କାରଣ । ଏହା କୃଷିକୁ ଅନେକ ଉପାୟରେ ପ୍ରଭାବିତ କରିଥାଏ । ମୃକାର ଗୁଣବା ହ୍ରାସ ହେବା ସହ ତାପମାତ୍ରା, ବର୍ଷାର ପରିମାଣ ଏବଂ ରୋଗ ପୋକର ଅଚାନକ ବୃଦ୍ଧି ଏସବୁର ମୁଖ୍ୟ କାରଣ ଜଳବାୟୁ ପରିର୍ବନ । ଏହାର ପ୍ରଭାବ ବି ମାଟିର ଗଠନ ଉପରେ ପଡ଼ିବା ଯୋଗୁଁ ପ୍ରଭାବିତ ହେଉଛି ।

ଏସବୁକୁ ଦେଖିଲେ ଏହା ସ୍ପଷ୍ଟ ଭାବେ ଅନୁମେୟ ଯେ ମୃକା କ୍ଷୟ ଏକ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବାକୁ ଯାଉଛି । କାରଣ ମାଟି ନଥିଲେ ଚାଷର ପରିକଳ୍ପନା କରିବା ଏକ ଅସମ୍ଭବ ବ୍ୟାପାର । ତେଣୁ ମୃକା ସୁରକ୍ଷା ଦିଗରେ ସଭିଏଁ ଆଗଭର ହେବା ଆବଶ୍ୟକ । ପରିବେଶ ସ୍ଥିରତା ପାଇଁ ମୃତ୍ତିକା ସଂରକ୍ଷଣ ହେଉଛି ଚାବିକାଠି: ଏହା ପ୍ରାକୃତିକ ସମ୍ପଦକୁ ସୁରକ୍ଷା କରିବାରେ ସାହାଯ୍ୟ କରେ, ଉଦ୍ଭିଦ ଏବଂ ବନ୍ୟଜନ୍ତୁଙ୍କ ପାଇଁ ବାସସ୍ଥାନ ପୁନରୁଦ୍ଧାର କରେ, ଜଳର ଗୁଣବତ୍ତା ଉନ୍ନତ କରେ ଏବଂ ମୃତ୍ତିକାକୁ ସୁସ୍ଥ କରିଥାଏ । ନୋ-ଟିଲ୍ ଚାଷ ଉଚ୍ଚ ତାପମାତ୍ରା ହେତୁ ମୃତ୍ତିକାକୁ ଆର୍ଦ୍ରତା କ୍ଷୟରୁ ରକ୍ଷା କରିଥାଏ କାରଣ କଭର କ୍ରପ୍ ବା ଆଚ୍ଛାଦିତ ଫସଲର ଅବଶିଷ୍ଟ ଅଂଶ ମାଟି ପୃଷ୍ଠରେ ରହିଥାଏ । ଅବଶିଷ୍ଟ ସ୍ତର ମଧ ମାଟିରେ ଜଳ ପ୍ରବେଶ କରିବାରେ ସାହାଯ୍ୟ କରେ ଏବଂ ମାଟିକୁ ଆହୁରି ସମୃଦ୍ଧ କରିଥାଏ । ଏହା ସହ ଟେରାସ୍ ଚାଷ ହେଉଛି ଏକ କୃଷି ଅଭ୍ୟାସ ଯାହା ଫସଲ ପାଇଁ ଜଳଧାରଣ ପ୍ରଣାଳୀ ସୃଷ୍ଟି କରେ । ଏହା ଦ୍ୱାରା ବର୍ଷା ଜଳ ପୁଷ୍ଟିକର ଖାଦ୍ୟ ଏବଂ ଉଦ୍ଭିଦକୁ ଗୋଟିଏ ଟେରାସରୁ ଅନ୍ୟ ସ୍ଥାନକୁ ନେଇଥାଏ, ତେଣୁ ମାଟି ସୁସ୍ଥ ରହିଥାଏ । ଟେରାସ ଚାଷ ମଧ ମୃତ୍ତିକାର କ୍ଷୟକୁ ହ୍ରାସ କରିଥାଏ ଏବଂ ମୃତ୍ତିକାର ଉତ୍ପାଦନକୁ ଉନ୍ନତ କରିଥାଏ । ଏହା ସହ ବଫର ଷ୍ଟ୍ରିପ୍ , କୋର ଚାଷ, ଫସଲ ଘୂର୍ଣ୍ଣନ ବା କ୍ରପ୍ ରୋଟେସନ୍ ପରି ବିଭିନ୍ନ ଉପାୟ ଅବଲମ୍ବନ କରି ଆମେ ମାଟିର ରକ୍ଷା କରିପାରିବା । ଏ ଦିଗରେ ସମସ୍ତଙ୍କର ମିଳିତ ସହଭାଗିତା ଏକାନ୍ତ ଆବଶ୍ୟକ । କାରଣ ମାଟି ରହିଲେ ଜୀବ ବଂଚିବାର ରାହା ପାଇବ । ପୁଣିଥରେ ପରିବେଶ ସବୁଜିମାର ମହକରେ ମହକି ଉଠିବ ।

+ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ -୯୪୩୮୪୬୭୦୭୯

# କ୍ରାନ୍ତିବୀର ଲାଲା ଲଜପତ୍ ରାୟ



## ଯଶସ୍ୱିନୀ ପଟ୍ଟନାୟକ

ଓଡ଼ିଶା ଇତିହାସର ନିର୍ଭୀକ ସାମ୍ବାଦିକ ଉତ୍କଳମଣି ଗୋପବନ୍ଧୁ 'ଉତ୍କଳ ସମ୍ମିଳନୀ' ମଞ୍ଚରେ ଥରେ କହିଥିଲେ 'ବିଶ୍ୱ ଇତିହାସରେ ଓଡ଼ିଶାର ଦାନ ସାମାନ୍ୟ ନୁହେଁ।' ଅଶୋକଙ୍କର କଳିଙ୍ଗ ସମରଠାରୁ ବୀର ସୁରେନ୍ଦ୍ର ସାଏଙ୍କ ପର୍ଯ୍ୟ' ଭାରତ ନୁହେଁ ବିଶ୍ୱରେ ଓଡ଼ିଶାର ସ୍ୱାକ୍ଷର ଲିପିବଦ୍ଧ। ସେଥିରେ ବିଶ୍ୱାସଘାତୀ ଗୁପ୍ତଛୁରିକାର କାପୁରୁଷତା ନାହିଁ। ସେହି ଐତିହ୍ୟ କାଲି ଥିଲା ଆଜି ଅଛି ଯାହା ଶାଣିତ ତରବାରୀର ଝଲସ ପରି ଝଲମଲ। ଆଜି ଏକଶତ ଏକ ବର୍ଷରେ ଗୋପବନ୍ଧୁଙ୍କ 'ସମାଜ' ସେହି ଐତିହ୍ୟର ବାହକ, ଧାରକ ଆଉ ସବୁଠୁ ବଳିଷ୍ଠ ଏବଂ ସତ୍ୟ କଥା ହେଲା ସେହି 'ସମାଜ'ର ଆତ୍ମା, ସଂହିତାକାର ହେଉଛନ୍ତି 'ବାବୁଜୀ' ରାଧାନାଥ ଦାସ। ଏହି ସମାଜ ଆଜି ଓଡ଼ିଶାର ପାଣି, ପବନ, ମୃତ୍ତିକାରେ ଭୂମିଷ୍ଠ, ବଳିଷ୍ଠ, ସକ୍ଷମ ଓ ତେଜୋମୟ ହୋଇ ଓଡ଼ିଶାକୁ ତାହାର ସମସ୍ତ ସମ୍ଭାର ଦାନ କରିଛି। ପ୍ରକୃତରେ କହିବାକୁ ଗଲେ ରାଧାନାଥ ରଥ ଥିଲେ ଏକ ନିରବଚ୍ଛିନ୍ନ ବିରାମହୀନ, ସ୍ଥିତପ୍ରଜ୍ଞ, ସାଧନାରତ ଚେତନା ଓ ମାନବତାର ଉଜ୍ଜ୍ୱଳ ପ୍ରତୀକ। 'ସମାଜ' ଆଜି ମଧ୍ୟ ଦୁର୍ବିପାକ ସାମନାରେ ଭରସା, ଦୁର୍ଦ୍ଧର୍ଷ ଦୁର୍ନୀତି ବିରୁଦ୍ଧରେ ଅଟଳ ସଂକଳ୍ପବଦ୍ଧ ବୀରତ୍ୱର ପ୍ରତୀକ। ବହୁ ଆଘାତ ଝଡ଼ଝଞ୍ଜା ଆସିଛି ହେଲେ ଯେଉଁ ଦୀପଶିଖା ଗୋପବନ୍ଧୁ ଜାଳିଦେଇ ଯାଇଥିଲେ ସେହି ଦୀପଶିଖାକୁ ମଧ୍ୟ ଜଳାଇ ରଖିଥିଲେ ରାଧାନାଥ ରଥ।

ବାବୁଜୀ ଏକ ବ୍ୟକ୍ତି ନଥିଲେ, ସେ ଥିଲେ ଇତିହାସ। ଯେତେବେଳେ ଓଡ଼ିଶାରେ ୧୯୮୦ରୁ ୧୯୮୫ ମସିହା ମଧ୍ୟରେ ଶିଶୁହତ୍ୟା ଓ ନରବଳି ଭଳି ଅନ୍ଧବିଶ୍ୱାସ ଦ୍ୱାରା ପ୍ରାୟତଃ ୧୩୦ ଜଣ ପ୍ରାଣତ୍ୟାଗ କରିଥିଲେ କିନ୍ତୁ ରାଜ୍ୟ ସରକାର କୋର୍ଟ ଜରିଆରେ କୌଣସି ପଦକ୍ଷେପ ନେଇ ନଥିଲେ। ଏହି ଦୁଃଖଦ ଘଟଣାକୁ ବାବୁଜୀ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଭେଟି ଜଣାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରଙ୍କର ଉଦାସୀନ ମନୋଭାବ ତାଙ୍କୁ ବହୁତ ବ୍ୟଥିତ କରିଥିଲା। ସେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲ। ଏହି ଘଟଣା ହିଁ ତାଙ୍କର ଉଦାର ମାନବିକତାର ପ୍ରମାଣ ଦିଏ। ଏକ ବିଦ୍ରୋହୀ ଆତ୍ମା ଭଳି ସେ ଦୁର୍ନୀତି, ଭ୍ରଷ୍ଟାଚାର ବିରୁଦ୍ଧରେ ଆଜୀବନ ଲଢ଼ିଥିଲେ। ଓଡ଼ିଶାର ରାଜନୀତି କ୍ଷେତ୍ରରେ ମଧ ସେ ଥିଲେ ଜଣେ ପ୍ରବୀଣ ଯୋଦ୍ଧା ଏବଂ ସାଲିସ୍ ବିହୀନ ସଂଗ୍ରାମୀ। ବିଚ୍ଛିନ୍ନାଞ୍ଚଳ ସମସ୍ୟା ଓ ଉପାନ୍ତ ଅଞ୍ଚଳର ଓଡ଼ିଆଙ୍କ ଦୁର୍ଦ୍ଦଶା ପ୍ରତି ସେ ସଦାସର୍ବଦା ସଚେତନ। ନିଷ୍ପେସିତ, ଲାଞ୍ଛିତ ମଣିଷର ମର୍ମବେଦନାର ସ୍ୱର 'ସମାଜ'ରେ ସର୍ବଦା ପ୍ରତିଧ୍ୱନିତ ହୋଇ ଉଠୁଥିଲା। ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ଦେଖିଲେ ସେ ଉତ୍ତ୍ୟକ୍ତ ହୋଇ ଉଠି।

ତାଙ୍କର ଚଳଚଞ୍ଚଳ ଲେଖନୀ ସର୍ବଦା ବ୍ୟଭିଚାରୀ, ମିଥ୍ୟାବାଦୀ, ଉତ୍କୋଚଗ୍ରାହୀ, ମଦ୍ୟପଙ୍କ ଚରିତ୍ର ବିରୁଦ୍ଧରେ କୁଠାରଘାତ କରୁଥିଲା। ତାଙ୍କ ପାଇଁ ସାମ୍ବାଦିକତା କେବଳ ଏକ ବୃତ୍ତି ନ ଥିଲା, ଥିଲା ଦେଶସେବା ଯାହା ଆଜି ଆଧୁନିକ ସାମ୍ପ୍ରତିକ ସମାଜର ବିରଳ। ଯଦିଓ ଅତୀତରେ ତାଙ୍କର ନିର୍ଭୀକ ସାମ୍ବାଦିକତାକୁ ନେଇ ବହୁ କ୍ଷମତାଅନ୍ଧ ଶାସକ 'ସମାଜ'ର କଣ୍ଠରୋଧ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବାବୁଜୀଙ୍କ ଦୃଢ଼ ପଦକ୍ଷେପ କେବେ ହାର ମାନି ନ ଥିଲା। ଅସତ୍ୟ, ଅନ୍ୟାୟ ଦେଖିଲେ ବାବୁଜୀ ଯେତିକି ବଜ୍ରପରି କଠିନ ହେଉଥିଲେ ଠିକ୍ ସେତିକି ପରିମାଣ ମାନବିକତା ତାଙ୍କ ବ୍ୟକ୍ତିତ୍ୱରେ ବାରି ହୋଇ ପଡୁଥିଲା; ଯେତେବେଳେ ସେ ଦୁଃଖୀ ଦରିଦ୍ରଙ୍କ ଦୁଃଖରେ ମ୍ରିୟମାଣ ହୋଇଥିଲେ। ପ୍ରକୃତରେ ସେ ହିଁ ଥିଲେ ଏକାଧାରରେ ବୁଦ୍ଧିଜୀବୀ, ସାହିତ୍ୟିକ, ଅପ୍ରତିଦ୍ୱନ୍ଦୀ ସମ୍ପାଦକ, ସତ୍ୟନିଷ୍ଠ ନିର୍ଭିକ କବି, ସାମ୍ବାଦିକ, ଐତିହ୍ୟ ସଂରକ୍ଷକ, ପ୍ରବୀଣ ପ୍ରାବନ୍ଧିକ, ସମାଲୋଚକ, ଗାନ୍ଧିବାଦୀ ବ୍ୟକ୍ତିତ୍ୱ, ସାମାଜିକ, ରାଜନୈତିକ ସମୃଦ୍ଧିର ପଥପ୍ରଦର୍ଶକ। ଗୋପବନ୍ଧୁଙ୍କ ମାନସ ସନ୍ତାନ 'ସମାଜ ସାପ୍ତାହିକ' ପତ୍ରିକା ଭାବେ ୧୯୧୯ ମସିହା ଅକ୍ଟୋବର ୪ ତାରିଖ ଦଶହରା ଦିନ ପ୍ରଥମେ ପ୍ରକାଶିତ ହୋଇଥିଲା। ସେହି ଚାରାଗଛଟି ଆଜି ପତ୍ର, ଶାଖା ମେଲି ମହାଦ୍ରୁମରେ ପରିଣତ ହୋଇ ନିଜ କାୟା ବିସ୍ତାର କରିଛି। ଏହି ସଫଳତାର ଶ୍ରେୟ କେବଳ ସମ୍ଭବ ହୋଇଥିଲା ବାବୁଜୀଙ୍କ ପାଇଁ।

ଏବେ ୧୦୩ ବର୍ଷ ଅତିକ୍ରାନ୍ତ ପରେ ମଧ 'ସମାଜ' ଜାଗ୍ରତ ପ୍ରହରୀ ସାଜି କେବଳ ଓଡ଼ିଶାର ଜନମାନସରେ ନୁହେଁ ସମଗ୍ର ଭାରତବର୍ଷରେ କର୍ଯ୍ୟ କରୁଛି। ପ୍ରକୃତରେ ବାବୁଜୀ ଥିଲେ ଏକମାତ୍ର ଶତାୟୁ ପୁରୁଷ ଯିଏ ନିଜର ବିଚକ୍ଷଣ ବୁଦ୍ଧି, ପ୍ରତିଭା, ନୀତି, ନିଷ୍ଠା, କର୍ମ, ସେବା ଦ୍ୱାରା ସମସ୍ତଙ୍କର ପ୍ରିୟ ହୋଇପାରିଛନ୍ତି। ଓଡ଼ିଶାରେ ଜନ ଆନ୍ଦୋଳନ ପ୍ରତିଷ୍ଠା କରିବାରେ 'ସମାଜ' ପତ୍ରିକାର ଅବଦାନ ଆଜିବି ପ୍ରଶଂସନୀୟ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ମୂରୁଖ ଲୋକ

### ଦୀନବନ୍ଧୁ ପୋଇ

ହେଉ ସେ ପୁରୁଷ ଅବା ସେ ମହିଳା
ମୂର୍ଖତା ଗୁଣଟି ଥିଲେ
ନ ଜାଣଇ କିଛି ସଂସାର ନିୟମ
ଯେତେ ଯାହା ସିଏ କଲେ ।

ନିଜ ଅଙ୍ଗଭଙ୍ଗି ଚାଲିଚଳନକୁ
ଉଚ୍ଚ ବୋଲି ମନେକରେ
ଶାଳିନତା ନାହିଁ କଥା କହିବାରେ
କୁଭାଷା ମୁଖରୁ ଝରେ ।

ତା ଠାରୁ ଜନ୍ମିତ ଛୁଆ ବି ସମାଜେ
ଡିଗ୍ରୀଧାରୀ ଯଦି ହୁଏ
ଭଲ କାମେ ସିଏ ଲାଗେନି କାହାର
ଅନ୍ୟ ମନେ ଦୁଃଖ ଦିଏ ।

ରୋଜଗାରକ୍ଷମ ହେଲେ ପିଲାଛୁଆ
ନିଜକୁ ଭାବଇ ବଡ
ଅହଙ୍କାର ତାର ଏତେ ବଢିଯାଏ
ଭାବେ ସେ ଜିତିଛି ଗଡ ।

ଅନ୍ୟର ସାହାଯ୍ୟ ପାଇଛି ବୋଲି ସେ
ନ ଭାବଇ କେବେ ମନେ
ବଦଳେ ତାହାକୁ ଦୁଃଖ ଦେଲେ ସିଏ
ଈଶ୍ୱର ବୁଝିବେ ଦିନେ ?

ମିଛ ପରେ ମିଛ କହିହେଉଥାଏ
ବାଣ୍ଟିଛି ଅନେକ ଧନ
ପଥଭ୍ରଷ୍ଟ କରି ପିଲାଛୁଆ ତାର
କଳୁଷିତ କରେ ମନ ?

ପରିବାର ପରିବେଶ ପ୍ରକୃତିରୁ
ପାଇଛି ଯେତେକ ବର
ମୂର୍ଖ ବୁଝେ ନାହିଁ ଅନ୍ୟର ସାହାଯ୍ୟ
ପାଇଁ ସିଏ ଶ୍ରେଷ୍ଠ ନର ।

ଅନ୍ୟ ଉପକାର ଭୁଲି ଯାଇ ସିଏ
ନିଜକୁ ଭାବଇ ଜ୍ଞାନୀ
କରିଥିବା କର୍ମ ଫଳ ଯେ ମିଳିବ
ଭୁଲି ଯାଆନାରେ ମଣି ?

ମୂରୁଖ ଲୋକଙ୍କୁ କର ହେ ଜନତା
ଦୂରରୁ ତାଙ୍କୁ ଜୁହାର
ସ୍ୱାର୍ଥ ଛାଡିଗଲେ ଟିକିଏ ହେଲେ ବି
ନୁହଁଇ ସିଏ କାହାର ?

+ଗୋରଡ଼ା ପାଳ, ଢେଙ୍କାନାଳ
(ମୋ) ୯୯୩୮୮୦୨୪୧୨

## ପ୍ରିୟାର ହସ

### ଲକ୍ଷ୍ମୀଧର ସିଂ

ତାର ନାଲି ଓଠ ଧାରେ ଧାରେ
ମଲ୍ଲୀ ଫୁଲ ହସ ପରା ଚମକେରେ
ପ୍ରିୟା ମୋର ଯେବେ ହସୁ ଥାଏ
ସତେ ଉଇଁପଡ଼େ ଦ୍ୱିତୀୟା ଜହ୍ନରେ।
ହସ ତାର ଦେଖି ଖୁସି ମନ ମୋର
ନାଚି ଯାଏ ନାଚି ଯାଏ
ମନ କଥା ତାର ହସ କହେ ମତେ
ଭଲ ପାଏ ଭଲ ପାଏ
ପ୍ରିୟା ଲାଜେ ପୁଣି ହସି ଦେଲେ
ହାଏ ଲାଗିଯାଏ ନିଆଁ ପାଣିରେ
ତାର ନାଲି ଓଠ ଧାରେ ଧାରେ।
ହସ ତାର ସତେ ଯାଦୁ କରେ ମତେ
ଫସି ଯାଏ ଫସି ଯାଏ
ବାନ୍ଧି ଦେଲେ ମତେ ନଜରରେ ତାର
ଖୁସି ପାଏ ଖୁସି ପାଏ
ପ୍ରିୟା ହସ ଲାଗେ ମଧୁ ମାସ
ରଙ୍ଗ କରିଦିଏ ପ୍ରେମ ରଙ୍ଗରେ
ତାର ନାଲି ଓଠ ଧାରେ ଧାରେ।

ବାହାନଗା, ବାଲେଶ୍ୱର

## ମୂଲ ମଜୁରୀର ମଣିଷ

### ଜିତୁ ପ୍ରଧାନ

ଆମେ ଖଟିଖିଆ ମୂଲ ମଜୁରିର ମଣିଷ
ଆମକୁ ସ୍ୱପ୍ନ ଦେଖିବା ମନା !
ବଡ଼ ବଡ଼ିଆଙ୍କ ବହୁତଳ
ପ୍ରାସାଦ କାନ୍ଥର ପଲସ୍ତରା ଭିତରେ
ହଜି ଯାଇଛି ଆମ ରକ୍ତ ମାଂସ ।

ତା ବଦଳରେ ଆମେ ପାଇଛୁ କଣ ?
ତିନି ଶହ ଟଙ୍କା ନଚେତ୍ ଦୁଇ ଓଳିର
ଫେମ୍ପୁ ଫୁଟା ଚାଉଳ କିମ୍ବା
ମୁଠେ ପୋକରା ଡାଲି ,
ଆମ ପ୍ରତି ବଡ଼ବଡିଆଙ୍କ କଣ
ଏତିକି କର୍ତ୍ତବ୍ୟ ?



ଯୋଉ ମାଟି ପାଣି ପବନରେ
ଫଳେଇଲୁ ସୁନାର ଫସଲ
ସେତକ ତ ଧୋଇ ମରୁଡ଼ିରେ ଗଲା
ଆଉ କଣ ଥିଲା ଯେ ବ୍ୟାଙ୍କ୍ ବାଲା
ଋଣର ଫାସ ବସେଇଲା
ଏଇ କୃଷକ ଗୁଡାକ ଉପରେ ।

ସନ୍ତେଇ ଜେନାକୁ
ନିଅଣ୍ଟ ହେଲା ଖଣ୍ଡେ ରସି
ରାଜୁ ଦା ଢକ ଢକ କରି ପିଇଲା ବିଷ
ଗରିବ ଗୁଡାକ ଛାଡ଼ିଲେ ଭିଟା ମାଟି
କେତେ ମଲେଣି କେତେ ଗଲେଣି
କିଏ ତାର ହିସାବ ରଖିଛି ।

ଦେଇ ପାରିବ ଉତ୍ତର
କେତେ ବଡ ବଡିଆ ମରନ୍ତି
ଏଇ ସମାଜ ପାଇଁ ଖଟି ଖଟି ।
ନାଇଁ ନା ?
ଗରିବ ହିଁ ଗରିବ ହୋଇ ରହୁ
ଏଇ କଥା ତ ଲେଖା
ତମ ବହିର ଶେଷ ଧାଡ଼ିରେ
ତେଣୁ ଆମେ ହେଇ ଯାଇଛୁ
ମୂଲ ମଜୁରୀର ମଣିଷ ।

+ଦ୍ୱିତୀୟ ବର୍ଷ ସ୍ନାତକ ଓଡ଼ିଆ ଛାତ୍ର
ନୟାଗଡ଼ ସ୍ୱୟଂଶାସିତ
ମହାବିଦ୍ୟାଳୟ, ନୟାଗଡ଼
ଦୂରଭାଷ -୭୬୮୧୦୪୮୬୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୫ ଡିସେମ୍ବର ୨୦୨୩, ମଙ୍ଗଳବାର

# କବିତାମାଳା

## ଶୀତ

### ଶରତ କୁମାର ଦାସ



ସଞ୍ଜ ନ' ଆସୁଣୁ
ପାଦଥାପୁଛି ଶୀତ ଖୁବ୍ ସନ୍ତର୍ପଣେ
ଥରେଇ ଦେଉଛି ଦେହର ଦେହଳି
ଥରି ଉଠୁଛି ରାତିର ନିଃଶବ୍ଦ ପ୍ରହର
ଥରି ଯାଉଛି ସୋରିଷ କ୍ଷେତର ଛାତି,
ପୁଣି ବଣ-ବିଲ-ପାହାଡ-ପର୍ବତ ।

ବରଗଛର ଫୁଙ୍ଗୁଳା ପତ୍ରମାନେ
ଥରିଯାଉଛନ୍ତି ଶୀତର ପ୍ରକୋପରେ,
ଲୁଚି ଯାଉଛନ୍ତି ଲମ୍ୱା ଲମ୍ୱା ଡାଳର
ଝଙ୍କାଳିଆ ଆସ୍ତରଣ ଆଢୁଆଳେ ।

ବନ୍ଦ ଦୋକାନର ବାରଣ୍ଡା ଉପରେ
ବୁଲା କୁକୁରଙ୍କ ସଜବାଜ
ଆତ୍ମରକ୍ଷା କରିବାକୁ ଶୀତର ଦାଉରୁ ।

ନିଦ ମଳମଳ ଆଖିରେ ଅଳସ ଭାଙ୍ଗୁଛି ରାତି
ଜାକିଜୁକି ହେଉଛି ପୃଥିବୀର ପ୍ରତିଟି ନିଃଶ୍ୱାସ
ନିଆଁ ଉହ୍ମେଇରେ ଶୀତ ମୁରୁକି ହସୁଛି ।

ରେଜେଇ ଓ କମ୍ୱଳର ଉଷୁମ ଆବରଣ ତଳେ
ଶୀତ ବି ଖୋଜୁଛି ନିଜର ଠିକଣା
ନିର୍ଭୟ ଆଶ୍ରୟର ଏକ ସ୍ୱଚ୍ଛ ମାନଚିତ୍ର

ନିଜକୁ ଲୁଚାଇବା ପାଇଁ
ହୁଏତ ହୋଇପାରେ କିଛିକ୍ଷଣ ।

ଆଉ ଖୋଜୁଛି ଏକା ଏକା ମାଟିରୁ ଆକାଶ
ରେଳ ଷ୍ଟେସନ ଅବା କଂକ୍ରିଟ୍ ରାସ୍ତାର ପ୍ରଶସ୍ତ
ଛାତିରେ
ଆଶ୍ରୟ ନେଇଥିବା କିଛି ଫୁଙ୍ଗୁଳା ଦେହର
ସ୍ପର୍ଶକୁ ।

ଶୀତ ବି ଡରିଯାଉଛି ବେଳେ ବେଳେ
ଚିତ୍କାର କରୁଛି ନିର୍ଜନ ଦ୍ୱୀପରେ,
ଘୂରିବୁଲୁଛି ଉତ୍ତର ମେରୁ ଦକ୍ଷିଣ ମେରୁ
ଧାଉଁଛି ସେ କେତେବେଳ
ପୁଣି ଉତ୍ତପ୍ତ ମରୁରେ ।

କଳା ମଚମଚ ବହଳ ଅନ୍ଧାର,
ଅଣ୍ଡାଳୁଛି ନିଜ ଭାଗ୍ୟ ଓ ଭବିଷ୍ୟ
ଏଣେତେଣେ ବିଛାଡି ହୋଇ ପଡିଥିବା
ଭଙ୍ଗାକାଚର ଟୁକୁରା ଖଣ୍ଡ ଭଳି ।

ବେସୁରା ଲାଗୁଛି ପକ୍ଷୀମାନଙ୍କ ସ୍ୱର
ରହି ରହି ଶୁଭୁଛି ନିରୋଳା ରାତ୍ରିର
କାକର ଭିଜା ମୃଦୁ କମ୍ପନ
ନିଃଶବ୍ଦ ପ୍ରହରମାନ ଶବ୍ଦାୟିତ ହେଉଛନ୍ତି
ଶୀତର ଛମ୍ ଛମ୍ ପାଉଁଜି ଶବ୍ଦରେ ।

କିଛି ସ୍ୱପ୍ନ ଓ କିଛି ସ୍ମୃତିର ଛକାପଞ୍ଝା ବେଳେ
ଶୀତ ବି ଶୀତେଇ ଯାଉଛି ଆପଣା ଛାଏଁ
ଛାଏଁ ।

ବାଡିପଟ ଉଇହୁଙ୍କା ଭଳି
ମୁଣ୍ଡ ଟେକି ଚିତ୍କାର କରୁଛି ଶୀତ,
ନଇପଠା ଗୋହିରୀ ବିଲରେ
ଆଖି ମିଟିମିଟିକରୁଛି
ଜଡ ପାଲଟି ଯାଉଛି ସତେ ଯେପରି
ବୋଧହୁଏ ନିର୍ବାଣ ଖୋଜୁଛି ସେ
ମଣିଷଙ୍କ କୋଳାହଳ
ପୁଣି ଟଣାଓଟରା ଖୁନ୍ଦାଖୁନ୍ଦି ଜୀବନ ଭିତରୁ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ହଁ, ଏମିତି ଘଟିଥିବ

### ବୃନ୍ଦାବନ ଦାସ



କେବେ କେବେ
ଅଦିନ ମେଘଖଣ୍ଡେ
ପବନ ପିଠିରେ ଲାଉହୋଇ
ସେଇବାଟେ ବରଷି ଗଲାବେଳେ
ପାଷାଣ କଣ୍ଠରୁ ନିଷ୍ଟେ
ଗୀତ ହୋଇ ବହି ଯାଇଥିବ ପ୍ରତୀକ୍ଷାରତ
ତା' ଛାତି ତଳର କେତେ ଅକୁହା କଥା ।

ସେ ଗୀତରେ ମୁଗ୍ଧ ହେଉଥିବ
କି ସ୍ମୃତିର ଦୁଆର ଖୋଲୁଥିବ
ଆଶ୍ୱସ୍ତିରେ ହେଉ କି ଅଶ୍ୱସ୍ତିରେ
ଭାରି ଏକା ଏକା
ଶୂନ୍ ଶାନ୍ ସେଇ ପ୍ରାଚୀନ ନିରବତା ।

ସେଦିନ ବି
ସମସ୍ତଙ୍କୁ ଚକିତ କରି
ପବନ ଶୁଣେଇଥିବ କାନରୁ କାନକୁ

କେହି କେବେ ଭାବିନଥିବା
ବିଶେଷ ଖବର
ହୁରି ପଡିଥିବ
ଆସ ଆସ ବୋଲି ସାରା ମୁଲକରେ
ଏକ ନୂଆ ଯୁଗ ଆରମ୍ଭର ।

କେହିଜଣେ ପ୍ରଥମେ
ଗୋଟେ ନୂଆ ସଭ୍ୟତାର ମୂର୍ତ୍ତିକାର
ଗୋଟେ ବିଶେଷ ସମୟର ଅଗ୍ରଦୂତ
ସବୁ କଳାମୃତାକୁ ଏକତ୍ରିତ କରି
ଭୀଷଣ ଅନୁରାଗରେ
ଥାକ ଥାକ ଅନୁଭବକୁ ସଜେଇ ଦେଇଥିବ
ପାଷାଣର ସାରାଦେହ ।

ଯେହେତୁ ସଂକଳ୍ପ
କାଳେ କାଳେ ଆକାଶ ଛୁଆଁ
ନିହଣକୁ ଛୁଇଁଗଲା ବେଳେ
ମୁଗୁରର ଠକ୍ ଠକ୍ ଆବାଜରେ

ଏକ ଚକ୍ ଚକ୍ ସମୟ
ପାଦ ବଢଉଥିଲା
ଛୁଇଁବାକୁ କାଲିକୁ .. ଅନେକ କାଲିକୁ ।
ଅଅଅ

❤ ଅଧ୍ୟାପକ , ରାଜନୀତି ବିଜ୍ଞାନ
ବିଭାଗ, ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
(ମୋ) ୭୭୩୫୦୭୯୭୧୦

## ତାକୁ ମୁଁ ଭାବୁଛି ଖାଲି

### ତାରାପ୍ରସାଦ ଜେନା



ନିଆଁ ନଥାଇ ବି ଯିଏ ମୋତେ ଜାଳେ
ତାକୁ ମୁଁ ଭାବୁଛି ଖାଲି
ଛାଇ ନିଦ ମୋତେ ଆସିଗଲା ପରେ
ସପନ ଦେଖୁଛି ବୁଲି
ନିଆଁ ନଥାଇ ବି ଯିଏ ମୋତେ ଜାଳେ !

ରାତି ଆଗେ କେତେ ନେହୁରା ହୋଇଚି
ସଅଳ ପାହିବ ନାହିଁ
ପ୍ରିୟା ମୋର କାଳେ ମାନ କରିଥିବ
ଆସିବ ଉଛୁର ଚାହିଁ,

ମୋ ବାହୁ ଝୁଲଣା ଝୁଲେଇ ଦେବି ମୁଁ
ଓଠକୁ ଚୁମିବି ବୋଲି
ନିଆଁ ନଥାଇ ବି ଯିଏ ମୋତେ ଜାଳେ !

ଫୁଲର ବିଛଣା କଅଁଳ ଲାଗୁନି
ତା'ବିନେ ଲାଗୁଛି କଣ୍ଟା
ତା' କଣ୍ଠ ସ୍ୱରକୁ କାନେଇ ବସିଛି

ସିଏ ମୋ ପ୍ରୀତିର ଘଣ୍ଟା,
ଲୁହର ଖୁମାଣି ଜମାଣି ଆସିବ
ହସର ଘରକୁ ଖୋଲି
ନିଆଁ ନଥାଇ ବି ଯିଏ ମୋତେ ଜାଳେ !

ପବନ ବୋହିଲେ ବାସନା ଶୁଙ୍ଘୁଚି
ମୋ ପ୍ରିୟା ଦେହର ଗନ୍ଧ
ପ୍ରେମର ଯମୁନା ଉଜାଣି ବୋହୁଛି
ମାନୁନି ସହଜେ ବନ୍ଧ,
ଆପଣା ସଖୀକୁ ପର ଭାବୁନାହିଁ
ସ୍ମୃତିରେ ଆଜିକୁ କାଲି
ନିଆଁ ନଥାଇ ବି ଯିଏ ମୋତେ ଜାଳେ !

❤ ସା:ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬
ମୋ:୯୩୪୮୦୫୪୩୦୦

## ଆସ ସାଧବାଣୀମାନେ...

### ହରିଶ୍ଚନ୍ଦ୍ର ବେହେରା



ସାଧବାଣୀ ମାନେ
ଉଠିପଡ଼ ସହଳ ସହଳ
ବୋଇତ ସବୁ ଯିବେ ଜାଭା ସୁମାତ୍ରା
ବୋର୍ଣ୍ଣିଓ
ଆଜି ତ ଲାଗିବ ଚନ୍ଦ୍ରଗ୍ରହଣ
ଭୋର ପାଂଚ ଟା ପଇନ୍ତିଶ ପୂର୍ବରୁ
ସାରିବାକୁ ହେବ ସବୁ ଶୁଭ କର୍ମ

ଅର୍ଘ୍ୟଥାଳି ମାନ କରେ ହୁଳହୁଳି ଦେଇ
ବଂଦେଇବ ବୋଇତମାନଙ୍କୁ
ଅରୁଆଚାଉଳ ଦୁର୍ବାଦଳ ପାନ ଗୁଆ ଥୋଇ
ମଂତ୍ର ବୋଲିବେ ପୁରୋହିତ
ତମେ ଗୀତ ବୋଲିବ 'ଆ କା ମା ବୈ
ପାନ ଗୁଆ ଥୋଇ...

ଆମ ରକ୍ତ ନିଃଶ୍ୱାସ ପ୍ରଶ୍ୱାସରେ
ଯୋଡ଼ିହୋଇ ରହିଛି
ହଜାର ହଜାର ବର୍ଷର ଇତିହାସ
କେତେ ରୋମାଂଚକର କାହାଣୀ
ଅବୋଧ ଆବେଗ, କାରୁଣ୍ୟ

ସୁଲୁ ସୁଲୁ ବୋହୁଛି ଉତ୍ତର-ପୂର୍ବ ମୌସୁମୀ
ଢେଉରେ ନାଚି ନାଚି
ଦୋହଲି ଦୋହଲି ଚାଲିଯିବେ

କାଳିକାପ୍ରସାଦ, କମଳାପ୍ରସାଦ,
ଗୋରୀ ପ୍ରସାଦମାନେ

ଝଡ଼ ନହେଉ, ବାତ୍ୟା ନହେଉ
ଲୁଣ୍ଠନ ନକରନ୍ତୁ ଜଳଦସ୍ୟୁମାନେ
ସାହା ଆମ ବରୁଣ ଦେବତା ଦଶ ଦିଗପାଳ
ହୀରା ନୀଳା ମୋତି
ଡାଲିଚିନି ବୋଝେଇ ଜାହାଜ
ଫେରି ଆସୁ ନିର୍ବିଘ୍ନରେ...

ଆଲୋ ସାଧବାଣୀମାନେ ଯାଅ ଯାଅ
ଅଶୁଦ୍ଧି ସମୟ ଆସିବା ଆଗରୁ
ଆଙ୍କିଦିଅ ଚନ୍ଦନ ତିଳକ ସାଧବଙ୍କ ଲଲାଟରେ
ବଂଦେଇ ଦିଅ ଚିତ୍ର ବିଚିତ୍ର ବୋଇତମାନଙ୍କୁ
ହେଉପଛେ କଦଳୀ ପୁଟୁକା
ଅବା ଶୋଲରେ ତିଆରି
ଉଦାସୀ ପବନ ପାଇଁ

ଶୁଣ ଶୁଣ ଝାଉଁ ବଣ ର ସାଇଁ ସାଇଁ ରୁ
ଭାସିଆସୁଛି କାହାର ଗୀତ

'ଲିଭିନି ଲିଭିନି ଅତୀତ କାହାଣୀ
ହଜିନି ହଜିନି ଗତ ଗଉରବ ଯେତେ
ଲୁହ ଭିଜା ଆମ ଜାତି ଇତିହାସ
ବେଦନା ହୋଇଲା କେତେ
ଗୁରୁ ଅବା ସତେ
ଶିଶିର ପଖଳା ଅବିର ମଖାସେ
ମଧୁ ମାଧବୀ ର ରଜନୀ ହୋଇଛି ଶେଷ
କର୍ପୂର ଯାଇଛି କନା ବି ଯାଇଛି
ଅଛି ଲୁହ ଆଉ କୋହ ମିଶା ଦୀର୍ଘଶ୍ୱାସ'

ଭିଡ଼ ଜମିବ ବାଲିଘାଟରେ
ବାଲିଯାତ୍ରା ପଡ଼ିଆରେ
ଆମ ନୌବାଣିଜ୍ୟକୁ ନେଇ
ଚକା ଚକା ଭାଷଣରେ
ପୋତି ପକେଇବେ ଜନତାଙ୍କୁ ନେତା ମନ୍ତ୍ରୀ
ଫିମ୍ପି ମରା ଐତିହ୍ୟ ଆବର୍ଜନାରେ
ରୁଦ୍ଧଶ୍ୱାସ ହେଉଥିବ
ନଈ ନାଳ ପୋଖରୀ ସମୁଦ୍ର
ଆମ ଛାଇଟା ବଢ଼ି ବଢ଼ି
ଦିନେ ପାଲଟି ଯିବ ଗୋଟେ ଛାୟା ଦୈତ୍ୟ

ହାମଗୁଡ଼ି ଦେଇ ସୂର୍ଯ୍ୟ ଉଠିଲାଣି ଆକାଶକୁ
ଆସ ସାଧବାଣୀ, ଭସେଇଦିଅ ତୁମ
ଦିଶାହୀନ ସୁଲୁପମାନଙ୍କୁ
ଯେଣେ ଇଚ୍ଛା ।।

❤ କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ହୃଦ ହୁଏ ଚୋରି

### ଭରତ ଚନ୍ଦ୍ର ଦାଶ




ମୋ ମନର ଚାବିକାଠି ହଜିଛି କେଉଁଠି ମିଳିନି ଏ ଯାଏ,
ପାଇଛକି ବନ୍ଧୁତୁମେ ଦେବଯଦି ମୋତେ ସଦୟ ଚିତ୍ତରେ,
ମନ ତଳେ ହୃଦୟଟେ ରଖିଥିଲି ଯତ୍ନେ ଖୁବ୍ ଭଲପାଏ,
ଚାବିଯଦି ମିଳିଯାଏ ତୁମହୃଦ ତରଳିବ ଲଘୁ ସଂଗୀତରେ।

ଦରଦୀ ହୃଦୟ ମୋ ଖୋଜୁଥିଲା ଅନ୍ୟଏକ ହୃଦୟର ସଙ୍ଗ,
ଖୋଜୁଥିଲା ଆଜିବି ଖୋଜୁଛି କ'ଣ ପ୍ରେମିଳହୃଦୟ ଦୁର୍ଲ୍ଲଭ,
ମିଳୁନାହିଁ ଅନ୍ତହୀନ ଅନ୍ୱେଷା ଅପ୍ରାପ୍ତିର କିବା ମୋହଭଙ୍ଗ,
ହଜିବା ମିଳିବା ମଧ୍ୟ ଅନ୍ତହୀନ ପ୍ରତୀକ୍ଷା ଜୀବନର ଲାଭ ।

ଦେଖା ହେଲେ ଚାବିଖୋଲି ଦେଖାଇବି ମୋ ହୃଦ ଅଳିନ୍ଦ,
କେତେକଣ ସାଇତିଛି ସଜାଇଛି ପସନ୍ଦର ଯତ୍ନ ସହକାର,
ପରସ୍ତ ପରସ୍ତ ପ୍ରେମର ଗାଢ ଆସ୍ତରଣ ନାହିଁ ଟିକେ ଦ୍ୱନ୍ଦ୍ୱ,
ମୋ ହୃଦୟ ତୁମ ଦେହଠାରୁ ନୁହେଁ ଦୂର ଏକାନ୍ତ ନିଜର ।

ମନଯଦି ଅନ୍ୟସହ ମିଶିଯାଏ ଅଜ୍ଞାତରେ ହୃଦହୁଏ ଚୋରି,
ଚାବିହଜେ ମିଳେନାହିଁ ଜମା ଦୁଇପ୍ରାଣ ଦୁଃଖେ ହୁଏ ଘାରି ।

❤ ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ସିମୁଳିଆ, ବାଲେଶ୍ୱର-୭୫୬୧୨୬
ମୋ: ୯୪୩୭୩୭୨୧୬୬



## ଈଶ୍ୱର

### କ୍ଷଣପ୍ରଭା ମହାନ୍ତି



ହେ ଈଶ୍ୱର ତୁମେ କଣ ସୃଷ୍ଟି ସ୍ଥିତି,
ଆରମ୍ଭର ସ୍ୱର ?
ନା ତୁମେ ପ୍ରଳୟର କର୍ଣ୍ଣଧାର ।

ତୁମେ କି ସେ ଦିବ୍ୟ ଅନୁଭବ
ନା ତୁମେ ନିଃସଙ୍ଗତା ବୋଧ ।
ତୁମେ କଣ ଅବ୍ୟକ୍ତ ବିଶ୍ୱାସ
ଜୀବନ ବିନ୍ଦୁର ପୁଣି ଆଦ୍ୟ ଅନୁପ୍ରାସ
ତୁମେ କଣ ହୋଇପାର, ସୀମାହୀନ
ଆକାଂକ୍ଷା ର ଭବ୍ୟ ପ୍ରତିଶୃତି,
ନା ତୁମେ ଅନୁକମ୍ପାର ଅମଳିନ ଜ୍ୟୋତି।

ହେ ଈଶ୍ୱର, ତୁମେ ଭାବ ପୟୋଧିର
ନୈଶର୍ଯ୍ୟ ଓଁଙ୍କାର, ବ୍ୟାପ୍ତି କେଉଁ
ଅନନ୍ତ କାଳର ।

❤ ନୀଳାଦ୍ରି ନଗର
ଖଣ୍ଡଗିରି

## ସମ୍ଭାବନା ସୃଷ୍ଟି ହୁଏ ଅବା ଇତିହାସ

### ସୁଚରିତା ମହାନ୍ତି



ଆସ ନାରୀକୁ ଉଲଗ୍ନ କରିବା
ଅକ୍ଷତ କୋମଳ ଯୌବନକୁ ଖିନ୍‌ଭିନ୍ କରିବା
ନାରୀ ପରା ଉଲଗ୍ନ ହେଲେ
ନୂଆ ଏକ ସମ୍ଭାବନା ସୃଷ୍ଟି ହୁଏ !
ତେଣୁ ନାରୀ ବାରଂବାର
ଉଲଗ୍ନ ହେବା ଜରୁରୀ
ସେ ବିଚ୍ ରାସ୍ତାରେ ହେଉ କି କାଠଗଡ଼ାରେ।

ଯେଉଁଠି ପୁରୁଷ ପାଲଟି ଯାଏ ନପୁଂସକ
ସେଠି ମାନବିକତା ର ମୃତ୍ୟୁ ହୁଏ ।

ଭାରତ ଭୂଖଣ୍ଡ କୁ ଯେଉଁମାନେ କହନ୍ତି,
ମୁନିଋଷି ସଂସ୍କୃତିର ଦେଶ,

ଯେଉଁଠି ଡିଣ୍ଡିମ ବାଜେ ନାରୀ ସୁରକ୍ଷାର

ସେଇଠି ନାରୀ ଉଲଗ୍ନ ହେଲେ ଖୁସି ହୁଅନ୍ତି
କେଡ଼େ କେଡ଼େ ଅଲାଜୁକ ମାନେ
ନାକରେ କାନରେ ଆଙ୍ଗୁଠି ଗୁଞ୍ଜି
କରନ୍ତି ଉଦଣ୍ଡ ନୃତ୍ୟ,

କେତେ କେତେ ମିଛ ନାରା, ମିଛ ଭାଷଣ
ମିଛରେ ମିଛରେ କାଗଜର ପୃଷ୍ଠା ଭରିଯାଏ

କଥା କବିତାର ଦୁର୍ବଳ ଧାଡ଼ିରେ ଅଟକି
ରହିଯାଏ ସେଇ 'ମାନବିକତା'ର
ଯେତେ ସବୁ କ୍ଳାନ୍ତ ମୂଲ୍ୟବୋଧ ।

ଶେଷକୁ ହୁଏ କ'ଣ
ନାରୀ ପାଲଟି ଯାଏ ଇତିହାସ
ରାଜ୍ୟ ଗାଏ ଦେଶ ଗାଏ
ମା' ମାଟି ମାତୃଭାଷା କଥା

ପୁଣି ଯାହାକୁ ତାହା ହୋଇ ରହେ
କଞ୍ଚା ମାଂସ ଭକ୍ଷଣ କରେ ନରରାକ୍ଷସ
ରକ୍ତ ରଞ୍ଜିତ କରେ ଧରା ବକ୍ଷକୁ
ଓଡ଼ିଶା ହେଉ କି ଉତ୍ତର ପ୍ରଦେଶ
କ'ଣ ବା ଫରକ୍ ପଡ଼େ !

ଏଇତ ଏବେ ଏବେ
ମଣିପୁର ମୋ ବେଦନାର ଗାଥା ଗାଏ
ନାରୀ ଉଲଗ୍ନ ହୁଏ
ହଁ
ନାରୀ ଉଲଗ୍ନ ହୁଏ;
ନାରୀ ଉଲଗ୍ନ ହେଲେ
ନୂଆ ସମ୍ଭାବନା ସୃଷ୍ଟିହୁଏ
ନୂଆ ଇତିହାସ ରଚାଯାଏ ।

❤ ମାହାଙ୍ଗା, କଟକ
ମୋ: ୮୯୧୭୫୭୧୨୦୨

## ଶୀତ ଆସେ ଯେବେ

### ବାବାଜୀ ଚରଣ ଜେନା



ସନ୍ଧ୍ୟା ନଇଁଗଲେ ଶୀତ ଆସେ
ଯେବେ ମହାନଦୀ ଜଳ ଛୁଇଁ
ହସିଉଠେ ଏଇ କଟକ ସହର
ପ୍ରଣୟେ ଅଧିର ହୋଇ ।

କିଚିରି ମିଚିରି ପକ୍ଷୀଙ୍କ
ଗଜଲ ମନଦିଏ ଚହଲାଇ
ଆକାଶରେ ଜହ୍ନ ହସୁକି ମୁହଁଟି
ଲାଜରେ ତ ଝାଉଁଳଇ

ବାଲିଯାତ୍ରାର ଭିଡର ଭିତରେ
ନିଜକୁ ହଜାଇ ଦେଇ
ବାହାନା କରିକି ଖୋଜେ ସେଇ ଝିଅ
ଅଜଣା ପରିକା ହୋଇ ।

ପ୍ରଜାପତି ପରି ଉଡି ବୁଲୁଥାଏ
ପ୍ରୀତିରଙ୍ଗ ବୋଳିହୋଇ
ପଚାରିଲେ ତାକୁ ଠିକଣା ତାହାର
ଚାଲିଯାଏ ଗୀତଗାଇ
ହଜିବା ଖୋଜିବା ଭିତରେ ତ ସିଏ
ମୋ ମନେ ଯାଇଛି ରହି
ଏ ଆଖିରେ ମୋର ନିଦ ଥିଲା ଯେତେ
ସବୁସେ ଯାଇଛି ନେଇ ।

❤ ଅହଲ୍ୟା ନିବାସ ପୋପରଡା
ନୂଆବଜାର କଟକ-୪
ମୋ: ୯୪୩୭୮୩୪୭୧୯

## ପ୍ରେମରାଗ

### ସୁବ୍ରତ କୁମାର ଜେନା



ତୁ କହିବୁ ତ ହେଇଯିବି
ତୋ ପାଦର ମୁଁ ରେଣୁ
ତୁ ଚାଲୁଥିବୁ ଗାଲିଚାରେ
ପାଦ କରି ରୁଣୁଝୁଣୁ ।

ଭାବିବିନି ଛୋଟ କେବେ
ତୋ ସଫଳତା ଦେଖି
ଭାବିବିମୁଁ ଭାଗ୍ୟବାନ
ତୋ ପାଖେ ରହି ସଖି ।

କେବେ ଯଦି ମନେପଡେ
ମୋର ପୁରୁଣା କଥା
ଆଦରରେ ଆଉଁଷିବୁ
ତୁ ତରୁ ଡାଳ ଲତା ।

ନଖରେ ଆଙ୍କିବୁ ଯେବେ
ତୁ ଭୂମି ପରେ ଚିହ୍ନ
ମହ ମହ ବାସିବତୋ
ଲାଜେଇ ସେଇ ମନ।

ତରୁ ଡାଳେ ଯେବେ ଯେବେ
ଗାଇବେତ ବିହଙ୍ଗ
ଦୂରେ ଜହ୍ନ ଥିବ ଲୁଚି
ପ୍ରେମେ ହୋଇ ମାତଙ୍ଗ ।

ରାତି ବେଶି ହେଲାପରେ
ସେ ତାରା ଦେବେ ହସି
ତୁ କିନ୍ତୁ ଝୁରୁଥିବୁ ମତେ
ମନରେ କେତେ ରୁଷି ।

ମୁଁ ଥିବି ପାଖେ ତୋର
ତୋ ନିଶ୍ୱାସେ ପ୍ରଶ୍ୱାସେ
ତୁ କିନ୍ତୁ ପାରିବୁନି ଖୋଜି
ତୋ ବିଫଳ ପ୍ରୟାସେ ।

ତୋ ପ୍ରେମର ମହକରେ
ମୁଁ ହେଇଯାଏ ଦୋଷୀ
ଚାହିଁଲେ ତୁ ଦେଇପାରୁ
ମତେ ପ୍ରେମରେ ଫାଶୀ ।

❤ ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ନିରବତା

### ଆନନ୍ଦ କୁମାର ମାଇତି



ନିରବତା !
ମୁଁ କେତେ ଭଲପାଏ ତୁମକୁ
କଅଁଳ ସକାଳର ସରସତା ତୁମେ
ଚୁଆ ଚନ୍ଦନର ମୃଦ୍ୟୁ ବାସନା
ଶୁଷ୍କ ଧୂଳିରେ କୁହୁଡ଼ିର ନିଃଶବ୍ଦ ପତନ
ନିଦ ଭଙ୍ଗା ଗୁଣ୍ଠିତ ଅବେଶ ମିଶ୍ରିତ

ନିବିଡ଼ ଅଳସତା
ଭଲପାଏ ତୁମକୁ ନିରବତା।

ନିଦାଘ ଖରାବେଳେ ତୁମେ
ମନ ଦରିଆ କୂଳେ ଉର୍ମିମୟ
ଶୈଶବର ସ୍ମୃତି ସୁଖ।
ଶାନ୍ତ ହରିଣୀର ଚଞ୍ଚଳି ଆଖି

କହିଯାଏ କେତେ ଗହନ କଥା
ଭାଷାହୀନ ମୁଖରତା
ଭଲପାଏ ତୁମକୁ ନିରବତା।

ଦେବ ଦେଉଳର ମଣ୍ଡପରେ ତୁମେ
ସଂଜ ଆଳତିର ଶିଖା
ଧୂପ ଜ୍ୱଳନର ନୀରବ ବ୍ୟଥା
ସୁବାସମୟ ଅଭିମାନ
ରାତି ଉଜାଗର ରଜନୀଗନ୍ଧା।

❤ ମୋ: ୯୪୩୯୦୭୭୩୯୫

# କଂଗ୍ରେସର ବିଶାଳ ସମ୍ବର୍ଦ୍ଧନା ସଭା ଓ କର୍ମୀ ସମ୍ମିଳନି

ଜୟପୁର, ୦୪/୧୨ (ନି.ପ୍ର): ଜୟପୁର ଠାରେ କଂଗ୍ରେସର ବିଶାଳ ସମ୍ବର୍ଦ୍ଧନା ସଭା ଓ କର୍ମ ସମ୍ମିଳନି ଆଜି ଅନୁଷ୍ଠିତ ହୋଇଛି । ନାନାକେ ଡାକରେ ଦୁଲୁକିଥିଲା ଜୟପୁର । ଆସ ଦୁର୍ନିତୀ ହଟାଇବା ନୁଆ ଓଡିଶା ଗଢିବା ସ୍ଲୋଗାନରେ ଜୟପୁର ଗ୍ଲୋକାଲ ହସପିଟାଲ ଠାରୁ ବିଶାଳ ବାଇକ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆ ଠାରେ ପହଂଚି ଥିଲା । ସେଠାରେ କର୍ମି ସମ୍ମିଳନି ଅନୁଷ୍ଠିତ ହୋଇଥିଲା । ସମ୍ମିଳନିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନଓାଜ, ପିସିସି ସାଧାରଣ ସମ୍ପାଦିକା ମିନାକ୍ଷି ବାହିନିପତି , ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମିଳନିରେ ନବ ନିଯୁକ୍ତ କର୍ମକର୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ବିଜେପି ଓ ବିଜେଡି ଛାଡି ଶତାଧିକ କର୍ମି ଓ ନେତା ବିଧାୟକ ତାରା ପ୍ରସାଦ ବାହନିପତିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ସାମିଲ ହୋଇଥିଲେ । ଏଠାରେ ବିଧାୟକ ବାହିନିପତି ଉଦବୋଧନ ଦେଇ ରାଜ୍ୟ ସରକାର ଉପରେ ବର୍ଷି ଥିଲେ । ଜୟପୁର ରେ ବିଜେଡି ନେତା ମାନେ ସାହି ସାହି ବୁଲି ମନ୍ଦିର, ମସଜିଦ ର କଣ ଦରକରା ନିବିନ ବାବୁ କହିଛନ୍ତି କହି ବୁଲୁଛନ୍ତି । ଆଗକୁ ନିର୍ବାଚନ ଅଛି ବୋଲି ମନ୍ଦିର ମସଜିଦ ମନେପଡୁଛି । କିନ୍ତୁ, ବର୍ଷ ସାରା ବାହିନିପତି ମନ୍ଦିର, ମସଜିଦ, ଚର୍ଚକୁ ମନେ ରଖିଥିବା କହିଥିଲେ । କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତିକୁ ସ୍ଥାନୀୟ ନିଯୁକ୍ତି ଦିଆଯାଉ ନାହିଁ । ଏଠାରେ ବାହାର ଜିଲାର ପିଲା ନିଯୁକ୍ତି ପାଉଛନ୍ତି । ନବିନ ବାବୁ କୋରାପୁଟ ଜିଲା କୁ ଦେଇଛନ୍ତି କଣ । ନନ୍ଦପୁର, ଜୟପୁର ବ୍ଲକ, କାଶିପୁର ଅବିଭକ୍ତ କୋରାପୁଟ ଜିଲାର ଖଣି ଖାଦନକୁ ବିକ୍ରି କରିଦେଲେ । ଥିବା କଳ କାରଖାନାକୁ ବନ୍ଦ କରିଥିଲେ । ଜୟପୁର ପେପର ମିଲକୁ ରାଜ୍ୟ ସରକାର କଣ ଦେଇଛନ୍ତି । ଏଠାକାର ବିଜେଡି ନେତା ମାନେ ରାଜନିତି କରି ପେପର ମିଲ କୁ ଚାଲାଇବାକୁ ଦେଉ ନାହାନ୍ତି, ବନ୍ଦ କରିବା ଯୋଜନା କରୁଛନ୍ତି । ବିଜୁ ବାହିନି କଲେ ରାଜ୍ୟର ବିକାଶ ହେବ ନାହିଁ ପୋଷା ଆଇନ ଆଣ ବୋଲି ବିଧାୟକ ବାହୀନିପତି ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କୁ ଆହ୍ୱାନ କରିଥିଲେ । ପେଷା ଆଇନ ଆଣିଲେ କଂଗ୍ରେସ ବିଧାନସଭାରେ ସମର୍ଥନ କରିବ ବୋଲି ଘୋଷଣା କରିଥିଲେ । ବିଜେପି ଓ ବିଜେଡି ଗୋଟିଏ ଟଙ୍କାର ଦୁଇ ପାଶ୍ୱ ବୋଲି ବିଧାୟକ ବାହିନିପତି କହିଥିଲେ । ବିଜେଡି କୁ ଭୋଟ ଦେବା ଯାହା ବିଜେପି କୁ ଭୋଟ ଦେବା ତାହା ବୋଲି କହିଥିଲେ । ଅନ୍ୟ ଅତିଥି ଦେବେନ୍ଦ୍ର ବାହୀନିପତି କହିଥିଲେ, ଜୟପୁର ନିର୍ବାଚନ ମଣ୍ଡଳିରେ ଦୀର୍ଘ ୧୫ ବର୍ଷ ଶାସନ କରି ପୂବତନ ମନ୍ତ୍ରୀ ଭୟବୀତ କରି ଲୋକ ଙ୍କୁ ରଖି ଶୋଷଣ କରୁଥିଲେ । ଏହି କଥାକୁ ଲୋକ ମାନେ ଆଜି ଯାଏ ଭୁଲି ନାହାଁନ୍ତି । ବିଧାୟକ ବାହୀନିପତି ଯେବେ ଜୟପୁର ବିଧାୟକ ହେଲେ ବିକାଶର ଧାରା ଆରମ୍ଭ ହେଲା, ବିକ୍ରମ ଦେବ କଲେଜ ୟୁନିଭରସିଟି କଲେ, ଜିଲା ଚିକିତ୍ସାଳୟ , ମୁଖ୍ୟ ଟ୍ରାଫିକ ଛକରେ ବିରାଟ ପ୍ଲାଗ, ଗମନା ଗମନ, ପ୍ରତ୍ୟେକ ଓାର୍ଡର ବିକାଶ ରାସ୍ତା ଘାଟର ବିକାଶ, ପାନିୟ ଜଳର ବିକାଶ, ସାହି ସାହିରେ ପାର୍କ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଯେପରି ଲୋକ ପାଇପାରିବେ ଭତା, ଆବାସ ଆଦି ଉପରେ ଗୁରୁତ୍ୱ ଦିଆଯାଇ ପ୍ରକୃତ ହିତାଧିକାରି ଙ୍କୁ ଦିଆଯାଇଛି । ଶିକ୍ଷକ. ଶିକ୍ଷୟତ୍ରୀ, ସରକାରି ଚାକିରିଆ ଶାନ୍ତିରେ ନିଜ କାଯ୍ୟ କରୁଛନ୍ତି । ଆଗାମି ନିର୍ବାଚନରେ ଜୟପୁର ବିଧାୟକ ତାରା ବାହିନିପତିଙ୍କୁ ଭୋଟ ଦେଇ ବିଧାନସଭାକୁ ପଠାଇବାକୁ ଆନୁରୋଧ କରିଥିଲେ । ଜୟପୁର ନିବାଚନ ମଣ୍ଡଳିର ବୋରିଗୁମ୍ମା ଜୟପୁର ବ୍ଲକ ଓ ଟାଉନର ହଜାର ହଜାର କଂଗ୍ରେସ ନେତା ଓ କର୍ମି ଉପସ୍ଥିତ ଥିଲେ । ଏଠାରେ ଅନ୍ୟ ମାନଙ୍କ ମଧରେ ବିନୋଦ ମହାପାତ୍ର, ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, ଜିଲା ଯୁବ କଂଗ୍ରେସ ସଭାପତି ସନ୍ଦିପ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟା ପିଙ୍କୁ ଶତପଥି, ବୋରିଗୁମ୍ମା ବ୍ଲକ ସଭାପତି ଅଶୋକ ଗନ୍ତାୟତ,ନବରଙ୍ଗପୁର ଯୁବ କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ, ମାଲକାନଗିରି ଜିଲା ଯୁବ ସଭାପତି ମନୋଜ ନାୟକ, ସମସ୍ତ କାଉନସିଲର କଂଗ୍ରେସର ବ୍ଲକ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଦଳିତଙ୍କୁ ଆକ୍ରମଣ ମାମଲା, କାର୍ଯ୍ୟାନୁଷ୍ଠାନ ଦାବି କଲା ମୂଳନିବାସୀ ୟୁନାଇଟେଡ ଫୋରମ

କୋରେଇ, ୦୪/୧୨ (ନି.ପ୍ର): ଯାଜପୁର ଜିଲ୍ଲା ଜେନାପୁର ଥାନାର ପାରିକ୍ଷେତ ଗ୍ରାମରେ ହୋଇଥିବା ଜାତିଆଣା ଆକ୍ରମଣ ପରେ ଅଭିଯୋଗ ପରେ ଥାନାରେ ୩୪୨/୨୩ ମାମଲା ରୁଜୁ କରାଯାଇଥିଲା । ତଦନ୍ତାଧିକାରୀ ଡିଏସପି ମିନତୀ ବିଶ୍ୱାଳ ଘଟଣାସ୍ଥଳକୁ ୨ ଥର ଯାଇ ତଦନ୍ତ କରିଛନ୍ତି । ମାତ୍ର ଏହି ଘଟଣାର ସମ୍ପୃକ୍ତ ଅଭିଯୁକ୍ତ ମାନେ ପୋଲିସ ସହିତ ଗାଁରେ ବୁଲୁଥିବା ବେଳେ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରୁନାହିଁ । ଫଳରେ ଦଳିତ ଲୋକଙ୍କୁ ପୁନଃର୍ବାର ଧମକ ଚମକ ଦେଇ ଭୟଭୀତ କରାଯାଇ ରାସ୍ତା ବଜାର ବନ୍ଦ କରିଥିବାର ଅଭିଯୋଗ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭିନୀତ ଅଗ୍ରୱାଲଙ୍କୁ କାର୍ଯ୍ୟାଳୟରେ ମୂଳ ନିବାସୀ ୟୁନାଇଟେଡ ଫୋରମ ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଂଜନ ଜେନାଙ୍କ ନେତୃତ୍ୱରେ ଭେଟି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ନିବେଦନ କରିଛନ୍ତି । ପାରିକ୍ଷେତ ଗ୍ରାମରେ ସବର୍ଣ୍ଣ-ଅସବର୍ଣ୍ଣଙ୍କ ମିଳିତ ଗ୍ରାମ ଦେବତୀ ମା ବିଭିକ୍ଷିଆଣୀ ଘର ପାଇଁ ସରକାରୀ ଅର୍ଥ ଆସିଥିଲା । ଏହି ଘରକୁ ସବର୍ଣ୍ଣ ତରଫରୁ ରଂଜନ ପାତ୍ର ଏକ ପାଖିଆ ମନମୁଖି ଭାବେ ଗତ ମାସ ୨୭ ତାରିଖରେ ଭିତି ପ୍ରସ୍ତର ଫଳକ ପାଇଁ ପିଣ୍ଡି କରିଥିଲା । ଯାହାକୁ ଅସବର୍ଣ୍ଣ ଲୋକମାନେ ବିରୋଧ କରିଥିଲେ । ଏହାକୁ ସବର୍ଣ୍ଣ ଲୋକ ମାନେ ଦଳିତ ସାହି ଲୋକମାନଙ୍କୁ ମାଡ ମାରିଥିଲେ । ଏଥିରେ ଉଦ୍ଧାର କରିବାକୁ ଯାଇଥିବା ମହିଳାଙ୍କୁ ମଧ୍ୟ ଆକ୍ରମଣ କରଇଥିଲେ । ତଦନ୍ତ ଅଧିକାରୀ ୨୮ ଓ ୩୦ ତାରିଖରେ ତଦନ୍ତ କରିଥିଲେ ମଧ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ଗିରଫ କରାଯାଇନଥିବା ଅଭିଯୋଗ ଆଣିଥିଲେ । ଏହା ଉପରେ ତୁରନ୍ତ ସୁରକ୍ଷା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନିକ ନିର୍ଦ୍ଦେଶ ଦେଇଛନ୍ତି ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ଜୟପୁର, ୦୪/୧୨ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ତଥା ଜିଲ୍ଲା ଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସତ୍ୟନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବାରିଣିପୁଟ ପଂଚାୟତ ସ୍ଥିତ ସୁଣ୍ଡିଗୁଡ଼ା ଗ୍ରାମରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ଯ ଅତିଥି ଭାବରେ ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚାରପତି ସୁମନ ଜେନା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧରେ ଡେପୁଟି ଆଇନ ସହାୟତା ପ୍ରତିରକ୍ଷା ପରାମର୍ଶଦାତା କେ. ଦିବାକର ରାଓ, ହରିଶ୍ଚନ୍ଦ୍ର ମୁଦୁଲି, ଜିଲ୍ଲା ଆଇନସେବା ପ୍ରାଧିକରଣର ମୁଖ୍ଯ କିରାଣୀ ଶ୍ରୀକାନ୍ତ ଦଣ୍ଡସେନା ଯୋଗଦେଇ ସୁଣ୍ଡିଗୁଡ଼ା ଗ୍ରାମବାସୀ ମାନଙ୍କୁ ଭିନ୍ନକ୍ଷମ ଦିବସ ଅବସରରେ ଭିନ୍ନକ୍ଷମ ମାନଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ଯେମିତିକି ଇନ୍ଦିରାଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତା, ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଦିବ୍ୟାଙ୍ଗ ଭତା, ବାଣିଶ୍ରୀ ବୃତି, ଜାତିୟ ବୃତି (ପ୍ରି-ମେଟ୍ରିକ), ଦିବ୍ୟାଙ୍ଗ ବିବାହ ପ୍ରୋତ୍ସାହନ, ଦିବ୍ୟାଙ୍ଗଙ୍କ ସନ୍ତାନ ନିମନ୍ତେ ବୃତି ଇତ୍ୟାଦି ବିଷୟରେ ସଚେତନତା ବାର୍ତା ଦେଇଇଥିଲେ । ଏହା ବ୍ୟତୀତ ଯାହାର ଭିନ୍ନକ୍ଷମ ଭତା ପାଇବାର ଯୋଗ୍ୟତା ଥାଇ ମଧ ଭତା ପାଇବାରୁ ବଂଚିତ ହେଉଛନ୍ତି ତାହା ହେଲେ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କ ମାଧମରେ ଦରଖାସ୍ତ କରିପାରିବେ ବୋଲି ସଚିବ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସଚିବ ଶ୍ରୀ ଜେନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ କାର୍ଯ୍ୟକାରୀତା ଉପରେ ଯେପରି ମାଗଣା ଆଇନସେବା, ମଧସ୍ତିତା ଓ ଆପୋଷ ମିଳାମିଶା ମାଧମରେ ମାମଲାର ସମାଧାନ, ପ୍ରାକ-ମକଦ୍ଦମା ସମ୍ପର୍କରେ ମଧ ଆଲୋକପାତ କରିଥିଲେ । ଏହି ଶିବିର ଟିକୁ ଆୟୋଜନ କରିବାରେ ଦାୟିତ୍ୱ ଗ୍ରହଣ କରିଥିଲେ ପାରାଲିଗାଲ ସ୍ୱେଚ୍ଛାସେବୀ ଶ୍ରୀମତୀ ରେଣୁକା ମହାନ୍ତି ଏବଂ ରୀନା ପାଢ଼ୀ ।

# କୁଟାସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି: ନହେଲେ ଆନ୍ଦୋଳନ

ବଲାଙ୍ଗିର, ୦୪/୧୨ (ନି.ପ୍ର): ଆଗଲପୁର (ଡୁଡୁକା ) ବ୍ଲକ ଅନ୍ତର୍ଗତ କୁଟାସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି । ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ସ୍କୁଲର ଛାତ୍ର ଛାତ୍ରୀ ସଂଖ୍ୟା ପଂଚାନବେ ଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାତ୍ର ତିନି ଜଣ, ପ୍ରଧାନ ଶିକ୍ଷକ ପଦବୀ ବହୁ ଦିନରୁ ଖାଲି ରହି ଥିବାରୁ ଜଣେ ସହକାରୀ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଉଛନ୍ତି । ପୁଣି ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଧିକାଂଶ ସମୟ ସରକାରୀ କାଯ୍ୟରେ ବ୍ୟସ୍ତ ରହୁ ଥିବାରୁ ସ୍କୁଲର ପିଲାଙ୍କୁ ପାଠ ପଢା କାମ ପୁରା ବନ୍ଦ କହିଲେ ଚଳେ ବୋଲି ସ୍କୁଲ ପରିଚାଳନା କମିଟି ଦୃଢ଼ ଅଭିଯୋଗ କରିଛନ୍ତି । ଏମିତି ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପାଇଁ କିଛି ଅଭିଭାବକ ନିଜ ପିଲାଙ୍କୁ ଘରୋଇ ସ୍କୁଲରେ ପଢ଼େଇବାକୁ ଉଚିତ ମନେକରିବା ଶୁଣିବାକୁ ମିଳୁଛି । ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ । ଯେତେ ଅଭିଯୋଗ କଲେ ମଧ କିଛି ପଦକ୍ଷପ ନେଉନଥିବା ସ୍କୁଲ ପରିଚାଳନା କମିଟି କହିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସ୍କୁଲ ପରିଚାଳନା କମିଟି ତଥା ଗ୍ରାମ ବାସି ଦୃଢ଼ ଦାବି କରିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନମ୍ନକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ମଧ ଦେଇଛନ୍ତି ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ: ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ପାଇଁ ଯୋଗ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୦୪/୧୨ (ନି.ପ୍ର): ସୁବର୍ଣ୍ଣପୁରର ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଓ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରଯୋଜନାରେ ଅନୁଷ୍ଠାନର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଚାଲିଛି କ୍ରୀଡ଼ା, ସାମାଜିକ କାର୍ଯ୍ୟକଳାପ ଓ ସଂସ୍କୃତିର ମହାପର୍ବ ୨୦୨୩ ନାମରେ ନାମିତ କରାଯାଇଥିବା ଏହି ଉତ୍ସବର ସାମାଜିକ କାର୍ଯ୍ୟ ଓ କାର୍ଯ୍ୟକଳାପର ଅଂଶ ସ୍ୱରୂପ ୨.୧୨.୨୩ ସକାଳ ୯ଟାରେ 'ସ୍ୱାସ୍ଥ୍ୟ ପାଇଁ ଯୋଗ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଗୋପାଳ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସିଦ୍ଧାର୍ଥ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ନିରଂଜନ ପାଣ୍ଡିଆ ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ସାମାଜିକ କାର୍ଯ୍ୟକଳାପର ତତ୍ୱାବଧାରକ ପ୍ରାଧ୍ୟାପକ ଶ୍ରୀମତୀ ସୌମିତ୍ରି ପଧାନଙ୍କ ତତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବରେ କ୍ରୀଡ଼ା ବିଭାଗର ତତ୍ୱାବଧାରକ ଅଧାପକ ପ୍ରଫୁଲ୍ଲ ପାତ୍ର, କ୍ରୀଡ଼ା ଶିକ୍ଷକ ଗୋବିନ୍ଦ ପଧାନ ଉପସ୍ଥିତ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ନୋଡ଼ାଲ୍ ଅଫିସର୍ ପ୍ରାଧାପକ ଡକ୍ଟର ପୁରୁଷୋତମ ମିଶ୍ର । ଅଧାପକ ଓ ସ୍ଥାନୀୟ ଜନସାଧାରଣ ଏବଂ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଅତି ସୁନ୍ଦର ଏବଂ ଶାନ୍ତି ଶୃଙ୍ଖଳାର ସହିତ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

# କେନ୍ଦ୍ରାପଡ଼ାରେ ବିଜେପିର ବିଜୟ ଉତ୍ସବ ପାଳନ

କେନ୍ଦ୍ରାପଡ଼ା, ୦୪/୧୨ (ନି.ପ୍ର): ଭାରତୀୟ ଜନତା ପାର୍ଟିର ୩ଟି ରାଜ୍ୟରେ ହୋଇଥିବା ନିର୍ବାଚନରେ ଅଦ୍‌ଭୂତ ପୂର୍ଣ୍ଣ ସଫଳତା ପାଇଁ କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ପୌରାଂଚଳ ଅନ୍ତର୍ଗତ ତିନିମୁହାଣୀ ଠାରେ ବିଜୟ ଉତ୍ସବ ପାଳନ କରାଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତୃ ମଣ୍ଡଳୀ ଓ କାର୍ଯ୍ୟକତାମାନେ ବ୍ୟାଣ୍ଡ ବାଜା ସହିତ ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଦେଶର ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବିକାଶ ରେ ସାଧାରଣ ଜନତା ଖୁସି ବ୍ୟକ୍ତ କରିଛନ୍ତି ବୋଲି ପରିଲକ୍ଷିତ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା ଉପପ ସଭାପତି ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ଉପ ସଭାପତି କଳ୍ପନା ମଲିକ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ସମେତ ଅମିତାବ ସୁଆର, ବିକ୍ରମାଦିତ୍ୟ ସାହୁ, ରମାକାନ୍ତ ନାୟକ, ପ୍ରଶାନ୍ତ ସେଠୀ, ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ଅନୁପ କୁମାର ପରିଡା, ଦିଲିପ ଦାଶ, ଝିଲ୍ଲୀ ଦାସ ପ୍ରମୁଖ ଯୋଗ ଦେଇ ବିଜୟ ଉତ୍ସବ ପାଳନ କରିଥିଲେ ।

# ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘର ୫ମ ଜିଲ୍ଲା ସମ୍ମିଳନୀ

କେନ୍ଦ୍ରାପଡ଼ା, ୦୪/୧୨ (ନି.ପ୍ର): ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଜିଲ୍ଲା କମିଟିର ୫ମ ଜିଲ୍ଲା ସମ୍ମିଳନୀ ଜିଲ୍ଲା ସଭାନେତ୍ରୀ ସୁହାନା ବେଗମଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀକୁ ରାଜ୍ୟ ଉପ ସଭାପତି ସାଥୀ ରାଜକିଶୋର ସାମଲ ଉଦ୍‌ଘାଟନ କରି ପାଚିକା ସହାୟିକାମାନଙ୍କୁ ମାସିକ ସର୍ବନିମ୍ନ ଦରମା ୧୪୦୦ରୁ ବୃଦ୍ଧି କରିବା, ବର୍ଷକୁ ୧୦ ମାସ ପରିବର୍ତେ ୧୨ ମାସର ପ୍ରାପ୍ୟ ପ୍ରଦାନ କରିବା ଏବଂ ସରକାରୀ ଚାକିରୀର ମାନ୍ୟତା ଆଦି ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକା ସାଥୀ ଶୋଭାଗିନୀ ପତି ବିଗତ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନା କରିଥିଲେ । ଉକ୍ତ ସମ୍ମିଳନୀରେ ଜିଲ୍ଲା ସଂପାଦିକା ସାଥୀ କାଂଚନବାଳା ରାଉତ, ବରିଷ୍ଠ ଆଇନଜୀବି ତଥା ଏଆଇଟିୟୁସିର ନେତା ସାଥୀ ରମଣୀ ରଞ୍ଜନ ରାଉତରାୟ, ଅକ୍ଷୟ ମଲିକ ଯୋଗଦାନ କରି ଆସନ୍ତା ଡିସେମ୍ବର ୧୬ ତାରିଖରେ ଭୁବନେଶ୍ୱରରେ ହେଉଥିବା ରାଜ୍ୟସ୍ତରୀୟ ସମାବେଶରେ ଯୋଗ ଦେବାକୁ ରାଜ୍ୟ ନେତା ସାଥୀ ଅଜୟ ସାମଲ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମର ଆଶା ସଂଘର ଜିଲ୍ଲା ସଂପାଦିକା କାନ୍ତିପ୍ରଭା ନାୟକ, ଜିଲ୍ଲା କୋଷାଧକ୍ଷ ନନ୍ଦିନୀ ସ୍ୱାଇଁ, ଅହଲ୍ୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ସଭାପତି ଭାବେ ସୁହାନା ବେଗମ ଓ ସଂପାଦିକା ଭାବେ ସୌଭାଗିନୀ ପତି ପୁନର୍ବାର ନିର୍ବାଚିତ ହେବା ସହ ୨୧ ଜଣିଆ କମିଟି ଗଠନ କରାଯାଇଛି ।

# ଜିଲ୍ଲା ଓକିଲ ସଂଘ ବାର୍ଷିକ ଉତ୍ସବ: ଦଶ ଜଣଙ୍କୁ ପଚାଶ ବର୍ଷ ଅବଦାନ ପାଇଁ ସମ୍ବର୍ଦ୍ଧନା

କେନ୍ଦୁଝର, ୦୪/୧୨ (ନି.ପ୍ର): ଗୁରୁ ଶିଷ୍ୟ ପରମ୍ପରା ଭାରତୀୟ ସଂସ୍କୃତିର ଅଭିହ୍ନ ଅଙ୍ଗ । ସମସ୍ତ ଶିଷ୍ୟ ପାଇଁ ଗୁରୁଙ୍କ ନିତ୍ୟାନ୍ତ ଆବଶ୍ୟକ । ସେଥିପାଇଁ ଭାରତୀୟ ଆଇନ ସେବାରେ ଯୋଗ ଦେଇଥିବା ବ୍ୟକ୍ତି ବିନା ଗୁରୁରେ ଆଗକୁ ବଢିବା ଅସମ୍ଭବ ବୋଲି ପ୍ରକାଶ କରିଛନ୍ତି ଓଡ଼ିଶା ହାଇକୋର୍ଟର ପୂର୍ବତନ ଆଟର୍ଣି ଜେନେରାଲ ସୂର୍ଯ୍ୟ ପ୍ରାସାଦ ମିଶ୍ର । ପ୍ରକାଶ ଯେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ଓକିଲ ସଂଘର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ଆଟର୍ଣି ଜେନେରାଲ ତଥା ବରିଷ୍ଠ ଆଇନଜୀବି ସୂର୍ଯ୍ୟ ପ୍ରାସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସୋଆ ଇୟୁନିଭର୍ଷ୍ଟି ଆଇନ୍ ବିଭାଗ ପ୍ରଫେସର ପ୍ରବୀର୍ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜଜ ଅଶୋକ ପଣ୍ଡା, ଅବସର ପ୍ରାପ୍ତ ବିଚାରପତି ରାଜ କୁମାର ସାହୁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଓକିଲ ସଂଘ ରେ ପଚାଶ ବର୍ଷ ଧରି ଆଇନ ପେଷାରେ ଥିବା ବରିଷ୍ଠ ଆଇନଜିବୀଙ୍କୁ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଓକିଲ ସଂଘ ସଭାପତି ଆଶିଷ ଚକ୍ରବର୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସମ୍ପାଦକ ସଂଜିତ୍ ଦାସ ଓ ଉପସଭାପତି ଆଲୋକ ମହାନ୍ତ ପରିଚାଳନା କରିଥିଲେ । ବାର୍ଷିକ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ବେଳେ ଶତାଧିକ ଆଇନଜିବୀ ଏହି ଉତ୍ସବରେ ଯୋଗ ଦେଇଥିଲେ ।

## ବ୍ରହ୍ମାକୁମାରୀ କମଳେଶ ଦିଦିଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, ୦୪/୧୨ (ନି.ପ୍ର): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସଂଗଠନର ସହରର ସୁନାଇଲୋ ସ୍ଥିତ ଜ୍ଞାନ ଜ୍ୟୋତି ଭବନ ପରିସରରେ କମଳେଶ ଦିଦିଙ୍କ ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ସଂଚାଳିକା ବ୍ରହ୍ମାକୁମାରୀ ସ୍ନେହ ଅଧକ୍ଷତା କରିଥିଲେ । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିବାବେଳେ ଆମେରିକାର ଆଲାସ୍କା ବିଶ୍ୱ ବିଦ୍ୟାଳୟ ର ପ୍ରଫେସର ତଥା କେନ୍ଦ୍ରାପଡା ମାଟିର ପୁଅ ଡ଼ଃ ଦେବେନ୍ଦ୍ର କୁମାର ଦାସ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସହକାରୀ ସାଧାରଣ ପରିଚାଳକ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥରବାବେଳେ ବ୍ରହ୍ମାକୁମାର ନଥମଲ, ବ୍ରହ୍ମାକୁମାର ଅରୁଣ ପ୍ରମୁଖ କମଳେଶ ଦିଦିଙ୍କ ଉତ୍ସର୍ଗୀକୃତ ସେବା ଭାବ ତଥା ଆଧାତ୍ମିକ ଚେତନା ଜାଗରଣର ନିରବଚ୍ଛିନ୍ନ ପ୍ରକ୍ରିୟା ଉପରେ ଆଲୋକପାତ କରିବା ସହ ଓଡିଶା ମାଟିରେ ତାଙ୍କର ୫୦ ବର୍ଷର ନିଃସ୍ୱାର୍ଥପର ଈଶ୍ୱରୀୟ ସେବାକାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । କଟକ କେନ୍ଦ୍ରର ସହ ସଂଚାଳିକା ବ୍ରହ୍ମାକୁମାରୀ ସୁଲୋଚନା ଓ ବ୍ରହ୍ମାକୁମାରୀ ଉଷା ମଂଚ ପରିଚାଳନା କରିଥିବା ବେଳେ ରାଜ୍ୟର ୧୦ଟି ଜିଲ୍ଲାରୁ ୨୦୦୦ରୁ ଉର୍ଦ୍ଧ୍ୱ ବ୍ରହ୍ମାକୁମାର, ବ୍ରହ୍ମାକୁମାରୀ ଭାଇ ଭଉଣୀ ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଏନଏମଏମଏସ ପରୀକ୍ଷା ପରିଚାଳନାଗତ ତୃଟି ଯୋଗୁ ପରୀକ୍ଷା ଦେବାରୁ ବଂଚିତ ତିନି ଶହ ଛାତ୍ରଛାତ୍ରୀ

କୋରେଇ, ୦୪/୧୨ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ଶିକ୍ଷା ମଣ୍ଡଳାଧିଶ ଅଧିନସ୍ଥ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ଦିନ ଏନଏମଏମଏସ (ନେସନାଲ ମିନ୍ସ କମ ମେରିଟ) ପରୀକ୍ଷା ଚାଲିଥିବା ବେଳେ ପ୍ରଶ୍ନ ପତ୍ର ବିଭ୍ରାଟକୁ ନେଇ ଠିକ ସମୟରେ ବିଦ୍ୟାଳୟ ପରିସରରେ ପରୀକ୍ଷାର୍ଥୀଙ୍କ ଅଭିଭାବକ ମାନଙ୍କ ତୁମୁଳକାଣ୍ଡ ଦେଖିବାକୁ ମିଳିଛି । ପ୍ରତମ ପର୍ଯ୍ୟାୟ ପରୀକ୍ଷା ସରିଥା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରୁ ବଂଚିତ ହେଲେ ଛାତ୍ର/ଛାତ୍ରୀ । ଦ୍ୱତୀୟ ପର୍ଯ୍ୟାୟରେ ପ୍ରତମ ପର୍ଯ୍ୟାୟର ୭୬ରୁ ଉର୍ଦ୍ଧ ପ୍ରଶ୍ନ ପତ୍ର ପ୍ୟାକେଟରେ ଥବାରୁ ପରୀକ୍ଷା ଦେଇପାରିନଥିଲେ ଛାତ୍ର/ଛାତ୍ରୀ । ୨ ଘଂଟା ବିଳମ୍ବରେ ପ୍ରଶ୍ନପତ୍ର ପହଂଚିଥିଲେ ବିଶେଷରେ ଅଭିଭାବକଙ୍କ ଅସନ୍ତୋଷକୁ ଦେଖି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାକୁ ବାତିଲ କରାଯାଇଛି । ଉକ୍ତ ପରୀକ୍ଷା ନିମନ୍ତେ ପ୍ରଥମ ସିଟିଙ୍ଗରେ ମାନସିକ ଶକ୍ତି ବିଷୟରେ ପରୀକ୍ଷାଥିବା ବେଳେ ୨୯୭ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୨୮୩ ଜଣ ପରୀକ୍ଷା ଦେଇଥିଲେ ଓ ବାକି ୧୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ପରେ ଦ୍ୱିତୀୟ ସିଟିଙ୍ଗରେ ମେଧା ଶକ୍ତି ବିଷୟରେ ପରୀକ୍ଷା ଥିବା ବେଳେ ବିଭ୍ରାଟ ଉପୁଜୁଥିଲା । ଉକ୍ତ ବିଷୟରେ ୨୨୮ଟି ସଂପୃକ୍ତ ବିଷୟର ପ୍ରଶ୍ନ ପତ୍ର ଥିବା ବେଳେ ୭୬ଟି ପ୍ରଥମ ପର୍ଯ୍ୟାୟର ପ୍ରଶ୍ନ ପତ୍ର ବାହାରିଥିଲା । ତେବେ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ଦୁଇଟା ବେଳେ ଥିବା ବେଳେ ପ୍ରଶ୍ନପତ୍ର ବିଭ୍ରାଟ ଯୋଗୁଁ ପରୀକ୍ଷାର୍ଥୀ ମାନେ ନିଜ ନିଜ ସ୍ଥାନରେ ବସି ରହିଥିଲେ ମଧ୍ୟ ପ୍ରଶ୍ନ ପତ୍ର ପାଇନଥିଲେ । ତେବେ କୌଣସି କାରଣରୁ ଉକ୍ତ ବିଷୟ ଜଣାପଡ଼ିବା ପରେ ବିଦ୍ୟାଳୟ ବାହାର ଅପେକ୍ଷାରତ ଅଭିଭାବକ ମାନେ ବିଦ୍ୟାଳୟ ପରିସରକୁ ପଶି ହୋ ହାଲ୍ଲା କରିଥିଲେ । ଯାହାକୁ ନେଇ ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱରେ ଥିବା ଜ୍ୟୋତିର୍ମୟୀ ମିଶ୍ର ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ନାୟକ ଉକ୍ତ ତ୍ରୁଟି ପରୀକ୍ଷା କେନ୍ଦ୍ରର ନୁହେଁ ବରଂ ବୋର୍ଡ଼ର ବୋଲି କହିବା ସତ୍ୱେ ଅଭିଭାବକ ମାନେ ମାନିନଥିଲେ । ତେବେ ଜିଲ୍ଲାର ବହୁ ଦୁରରୁ ଆସିଥିବା ଛୋଟ ଛୋଟ ପିଲାମାନେ ପ୍ରଶ୍ନ ପତ୍ର ବିଭାଟ ଲାଗି ଘଂଟା ଘଂଟା ଧରି ନିଜ ସ୍ଥାନରେ ବସିରହିବା ଫଳରେ ଅଭିଭାବକ ମାନେ ଉତେଜିତ ହୋଇପଡ଼ିଥିଲେ । ଆମ ପିଲାମାନେ ଆଉ ପରୀକ୍ଷା ଦେବେ ନାହିଁ ଆମେ ପିଲାମାନଙ୍କୁ ନେଇଯାଉଛୁ କହି ବହୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ନେଇଯାଇ ଥିଲେ । ପରେ ଖବର ପାଇ କୋରଶି ବିଡିଓ ଅଶୋକ କୁମାର ମାଝୀ, ପାଣିକୋଇଲି ଥାନଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ସରପଂଚ ପଦ୍ମାବତୀ ପଣ୍ଡା,ନାଏବ ସରପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ବିଦ୍ୟାଳୟରେ ପହଂଚି ବୁଝାସୁଝା କରିଥିଲେ ମଧ୍ୟ ଅଭିଭାବକ ମାନେ କୌଣସି ମତେ ମାନିନଥିଲେ । ଫଳରେ ଉଚ୍ଚ କର୍ତୁପକ୍ଷଙ୍କ ସହିତ ଆଲୋଚନା କରି ପରୀକ୍ଷାକୁ ବାତିଲ କରାଲା ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ନାୟକ ସୁଚନା ପ୍ରଦାନ କରିଛନ୍ତି । ପରେ ଆଡମିଟ କାର୍ଡକୁ କେନ୍ଦ୍ର କରି ଦ୍ୱିତୀୟ ପର୍ଯ୍ୟାୟ ହୋ ହାଲ୍ଲା ହୋଇଥିଲା । ବିଦ୍ୟାଳୟ କର୍ତୃପକ୍ଷ ଛାତ୍ର/ଛାତ୍ରୀଙ୍କ ଆଡମିଟ କାର୍ଡ ରଖିଥିବା ବେଳେ ଅଭିଭାବକ ଜିଦ ଆଗରେ ଶେଷରେ ଆର୍ଡମିଟ କାର୍ଡ ଫେରାଇବାକୁ ବାଧ୍ୟ ହୋଇଥିଲେ ।


# ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ଜିଲ୍ଲାସ୍ତରୀୟ ଅମଲା

ଜୟପୁର, ୦୪/୧୨ (ନି.ପ୍ର): ରାଜ୍ୟ ମିଳିତ ଅମଲା ମଂଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଭୁବନେଶ୍ୱର ଗିତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଅମଲା ମାନଙ୍କ ଏକ ମାତ୍ର ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା, ରାଜ୍ୟ ଆବାହକ ଚିତରଞ୍ଜନ ତରାସିଆଙ୍କ ଆହ୍ୱାନ କ୍ରମେ ଚାରି ଗୋଟି ସମଭାବାପନ୍ନ ( ଓଡ଼ିଶା ଅମଲା ସଂଘ, ରାଜସ୍ୱ ଅମଲା ସଂଘ, ଟ୍ରେଜେରି ଅମଲା ସଂଘ ଓ ନିବନ୍ଧକ ଅମଲା ସଂଘ)ସଂଘ ର ରାଜ୍ୟ ସଭାପତି, ସମ୍ପାଦକ ଓ ନେତୃବୃନ୍ଦ ଯୋଗଦାନ କରିଥିଲେ । ତତ୍ ସହିତ ସମସ୍ତ ଜିଲ୍ଲା ର ମିଳିତ ଅମଲା ମଂଚ ଅଧକ୍ଷ, ଆବାହକ ଓ ନେତୃବୃନ୍ଦ ଯୋଗଦାନ କରିଥିଲେ । କୋରାପୁଟ ଜିଲ୍ଲା ରୁ ଶଶୀଭୂଷଣ ଦାଶ ସଭାପତି ତଥା ଆବାହକ ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ଉପସ୍ଥିତ ରହିବା ସହିତ କୋରାପୁଟ ଜିଲ୍ଲା ତରଫରୁ ଦାବି ସଂପର୍କରେ ମତାମତ ଉପସ୍ଥାପନ କରିଥିଲେ । ରାଜ୍ୟ ମିଳିତ ଅମଲା ମଂଚ ଆବାହକ ଚିତରଞ୍ଜନ ତରାସିଆ ସଭାପତିତ୍ୱ କରିଥିଲାବେଳେ, ସମସ୍ତ ଜିଲ୍ଲାର ଅଧକ୍ଷ, ଆବାହକ ଓ ନେତୃବୃନ୍ଦ ନିଜ ନିଜ ଜିଲ୍ଲାର ମତାମତ ଉପସ୍ଥାପନ କରିଥିଲେ । ମୁଖ୍ୟତଃ ସରକାର ତା ୧୭.୦୬.୨୦୨୩ ରିଖ ଦିନ ଲୋକସେବା ଭବନ ଭୁବନେଶ୍ୱର ଠାରେ ଅମଲା ମାନଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ପ୍ରଦାନ କରିବା ନିମନ୍ତେ ପ୍ରତିଶୃତି ଦେଇ ଦୀର୍ଘ ୬ ମାସ ଅତିକ୍ରମ କରିଯାଇଥିଲେ ସୁଧା ଏ ଯାଏଁ କୌଣସି ପଦକ୍ଷେପ ନିଆ ଯାଇନଥିବା ନେଇ ସମସ୍ତେ ତିବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନ କୁ ପୁଣିଥରେ ଚାଲୁ କରିବା ନେଇ ନିଷ୍ପତି ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି । ପ୍ରକାଶ ଥାଉକି ଓଡ଼ିଶାର ସମସ୍ତ ଜିଲ୍ଲାର ଜିଲ୍ଲା ସ୍ତରୀୟ ସମସ୍ତ ଅମଲା ଜୁନ ୧ ତାରିଖରୁ ସମୁହ ଛୁଟିରେ ରହିବା ସହ ସମସ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପୁର୍ବତନ ୫ଟି ସଚିବ ଓ ବର୍ତମାନ ର ୫ଟି ଅଧକ୍ଷଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା । ଯେହେତୁ ପ୍ରତିଶ୍ରୁତି ପାଇ ପ୍ରତାରଣା ପାଇବା ପରେ ଅମଲା ମାନେ ପୁଣିଥରେ ସରକାର ଙ୍କୁ ତା ୧୨.୧୨.୨୦୨୩ ରିଖ ସମୟ ଦେଇଥିବା ସୁଚନା ମିଳିଛି । ଯଦି ସରକାର ଆସନ୍ତା ୧୨ ରିଖ ସୁଧା ଦାବି ପୁରଣ ନ କରନ୍ତି ତାହେଲେ ୧୪.୧୨.୨୦୨୩ ରିଖ ଦିନ ରାଜ୍ୟ ର ସମସ୍ତ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆସନ୍ତା ୧୫.୧୨.୨୦୨୩ ରିଖ ଦିନ ଠାରୁ ଜିଲ୍ଲା ସ୍ତରୀୟ ସମସ୍ତ ଅମଲା ସମୁହ ଛୁଟିରେ ରହିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତି ନିଆଯାଇଥିବା ସୂଚନା ମିଳିଛି ।

# କଳିଙ୍ଗ ବାଲିଯାତ୍ରା ୨୦୨୩ ଉଦ୍‌ଯାପିତ




ପାରାଦ୍ୱୀପ, ୦୪/୧୨ (ନି.ପ୍ର): ଗତକାଲି ସନ୍ଧ୍ୟାରେ ପାରାଦ୍ୱୀପ ସ୍ଥିତ ବିଜୁ ମଇଦାନ ଠାରେ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇ ୮ଦିନଧରି ଚାଲିଥିବା କଳିଙ୍ଗ ବାଲିଯାତ୍ରା ୨୦୨୩ ର ଉଦଯାପନୀ ସମାରୋହ ମହା ଆଡମ୍ବର ରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ ଅର୍ଥ ବିଭାଗ, ଓଡିଶା ସରକାର,ପ୍ରାଚୀନ ନୌ ବାଣିଜ୍ୟ ର ଐତିହ୍ୟ ଓ ପରମ୍ପରାର ସ୍ମୃତିଚାରଣ ନିମନ୍ତେ ଜଗତସିଂହପୁର ଜିଲ୍ଲାର ଏହି ପ୍ରୟାସ କୁ ଅନେକ ପ୍ରଶଂସା କରିଥିଲେ। ଉତ୍କଳର ନୌ ବାଣିଜ୍ୟ ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ଏଥିପାଇଁ ଦିନେ ବଙ୍ଗୋପସାଗର କୁ କଳିଙ୍ଗ ସାଗର ଭାବେ ଅଭିହିତ କରାଯାଉଥିଲା।ଏହି ମହାନ ପରମ୍ପରାର ପୁନରୁଦ୍ଧାର ପାଇଁ ଜଗତସିଂହପୁର ବାସୀ ସର୍ବଦା ତତ୍ପର ଓ ଆଜି କଳିଙ୍ଗ ବାଲିଯାତ୍ରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।ସେଥିପାଇଁ ପାରାଦ୍ୱୀପ ଆଜି ଉନ୍ନତି ର ମୁଖଶାଳା ପାଲଟିଛି ବୋଲି ସେ କହିଥିଲେ।ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ତୁଷାର କାନ୍ତି ବେହେରା, ମାନ୍ୟବର ରାଷ୍ଟ୍ରମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ,କ୍ରୀଡା ଓ ଯୁବ ସେବା,ସ୍ୱରାଷ୍ଟ୍ର ବିଭାଗ କହିଲେ ଯେ, ଜଗତସିଂହପୁର ମାଟି, ବିଜୁ ବାବୁଙ୍କ ମାଟି ଏବଂ ଏହା ସବୁବେଳେ ଐତିହ୍ୟର ଗୁଣଗାନ କରିଥାଏ। ପାରାଦ୍ୱୀପ ରେ ଅନୁଷ୍ଠିତ ହେଉଥିବା କଳିଙ୍ଗ ବାଲିଯାତ୍ରା ଆମର ପୂର୍ବ ସାଧବ ପୁଅ ମାନଙ୍କ ର ମହାନ କିର୍ତ୍ତୀରାଜି କୁ ମନେ ପକାଇବା ସହ ଅର୍ଥନୈତିକ ଅଭିବୃଦ୍ଧି ର ସୋପାନ ବୋଲି ଶ୍ରୀ ବେହେରା କହିଥିଲେ।ସ୍ଥାନୀୟ ଲୋକ ମାନଙ୍କ ଆମୋଦ ପ୍ରମୋଦ କୁ ଦୃଷ୍ଟିରେ ରଖି ଆଗାମୀ ଦିନରେ କଳିଙ୍ଗ ବାଲିଯାତ୍ରା କୁ ଆଉ ଅଧିକ ଦିନ କରିବା ପାଇଁ ସେ ଜିଲ୍ଲାପାଳ ତଥା ପାରାଦ୍ୱୀପ ପୋର୍ଟ କର୍ତ୍ତୃପକ୍ଷ ଙ୍କୁ ଅନୁରୋଧ କରିଥିଲେ। ପାରାଦ୍ୱୀପ ବିଧାୟକ ଶ୍ରୀ ସମ୍ବିତ ରାଉତରାୟ ପାରାଦ୍ୱୀପ ସମେତ ସମସ୍ତ ଜିଲ୍ଲାବାସୀ ଙ୍କୁ ଆଗାମୀବର୍ଷ ଆହୁରି ସଫଳତାର ସହ କଳିଙ୍ଗବାଲିଯାତ୍ରା କୁ ସ୍ୱାଗତ କରିବାପାଇଁ କହିଥିଲେ । ସୁଦୂର ଇଣ୍ଡୋନେସିଆ ରେ ଯେଉଁ ସଂସ୍କୃତି ପରମ୍ପରା ଦେଖାଯାଏ ତାହାର ଓଡିଶା ସଂସ୍କୃତି ସହିତ ଅନେକ ସାମଞ୍ଜସ୍ୟ ରହିଛି ଯାହା ସମ୍ଭବ ହୋଇ ପାରିଛି କଳିଙ୍ଗ ନୌବାଣିଜ୍ୟ ପାଇଁ।ବର୍ତ୍ତମାନ ର ଯୁବପିଢି ଙ୍କୁ ଏହାର ମହାନତା ବିଷୟ ରେ ଅବଗତ କରାଇବା ପାଇଁ ଶ୍ରୀ ରାଉତ କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱରି କହିଲେ ଚଳିତ ବର୍ଷ କୋଭିଡ ପରବର୍ତ୍ତି ଦ୍ୱିତୀୟ ବାଲିଯାତ୍ରା।ଏ ବର୍ଷ ଖୋଲାଯାଇଥିବା ୮୦୦ ଟି ଷ୍ଟଲ ରେ ଯଥେଷ୍ଟ କିଣା ବିକା ହୋଇଛି ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ରେ ଜିଲ୍ଲାର ଅର୍ଥନୀତି କୁ ସୁଦୃଢ କରିବା ସହ ଅନେକଙ୍କୁ ଆତ୍ମ ନିର୍ଭର କରିପାରିଛି।ରାଜ୍ୟ ତଥା ରାଜ୍ୟ ବାହାରୁ , ଯେପରି ରାଜସ୍ଥାନ, ଦିଲ୍ଲୀ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ, ବିହାର ପରି ୯ ଟି ରାଜ୍ୟ ରୁ ଆସିଥିବା ୨୮୦ ସ୍ୱୟଂ ସହାୟକ ଗୋଷ୍ଠୀ ର ହସ୍ତ ଶିଳ୍ପ ସାମଗ୍ରୀ ଗୁଡିକ ଆଦୃତ ହୋଇଛି।ଓରମାସ ପଲ୍ଲୀଶ୍ରୀ ମେଳାରେ ଗତ ବର୍ଷ ୧ କୋଟି ବ୍ୟବସାୟ ହୋଇଥିବା ବେଳେ ଏ ବର୍ଷ ଏହା ୧ କୋଟି ୫୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ କରିଛି ଯାହା ନିଶ୍ଚିତ ଭାବରେ ଏକ ଖୁସିର କଥା ବୋଲି ଜିଲ୍ଲାପାଳ କହିଥିଲେ। ଜି ଏମ୍ ଡି ଆଇ ସି ତରଫରୁ ହୋଇଥିବା ୪୦ ଟି ଷ୍ଟଲ୍ ଓ ଜଗତସିଂହପୁର ଜିଲ୍ଲାର ୩୦ ଟି ଷ୍ଟଲ ରେ ଜିଲ୍ଲାର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ନିଜର ସ୍ୱାବଲମ୍ବନ ର ପନ୍ଥା ଖୋଜି ପାଇଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳ ଚଳିତ ବର୍ଷ ର ବାଲିଯାତ୍ରା ର ସୁପରିଚାଳନା ପାଇଁ ପୋଲିସ ପ୍ରଶାସନ, ପାରାଦ୍ୱୀପ ପୌର ପରିଷଦ, ବାଲିଯାତ୍ରା ଆୟୋଜକ କମିଟି ତଥା ସମସ୍ତ ଜନସାଧାରଣ ଏବଂ ଗଣମାଧ୍ୟମ ପ୍ରତିନିଧି ଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ମନୋଜ କୁମାର ଭୋଇ କହିଲେ ଯେ ,କଳିଙ୍ଗ ବାଲିଯାତ୍ରା ଏକ ସୁନ୍ଦର ପରମ୍ପରା ଯାହା ଇତିହାସର ମୂକସାକ୍ଷୀ ଓ କଳିଙ୍ଗ ବାଲିଯାତ୍ରା ବର୍ତ୍ତମାନ ରାଜ୍ୟରେ ଦ୍ୱିତୀୟ ସର୍ବବୃହତ୍ ବାଣିଜ୍ୟ ସ୍ଥଳ ହୋଇପାରିଛି । ଚଳିତ ବର୍ଷର ସଫଳ ଆୟୋଜନ ନିଶ୍ଚିତ ଭାବେ ଆଗାମୀବର୍ଷ ପାଇଁ ପ୍ରେରଣାର ଉତ୍ସ ହେବ ଏହାକୁ ଆହୁରି ଉନ୍ନତ କରିବାପାଇଁ। ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଶ୍ରୀ ରାହୁଲ ପି.ଆର ମଧ୍ଯ କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ଏବଂ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।ଏହି ଉଦଯାପନୀ ସମାରୋହରେ ପାରାଦ୍ୱୀପ ର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଥିବାବେଳେ ପାରାଦ୍ୱୀପ ପୌର ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ସାହା ଧନ୍ୟବାଦ ଅର୍ପଣ କରିଥିଲେ ।


ସଠିକ୍ ଭାବରେ ରିପୋର୍ଟ କରନ୍ତୁ (ଉଦାହରଣ ଗୁଡ଼ିକ)
୧. ଘର ଭଡ଼ା ଦେୟ
୨. ଗୃହଋଣ ଉପରେ ପ୍ରିନ୍ସପାଲ ଏବଂ ସୁଧ-ଦେୟ
୩. ଶିକ୍ଷା ଋଣ ଉପରେ ଦିଆଯାଇଥିବା ସୁଧ
୪. ଇନସୁରାନ୍ସ ବୀମା ପ୍ରିମିୟମ ସ୍ୱୟଂ ଏବଂ ପରିବାର ପାଇଁ ପ୍ରଦାନ କରାଯାଇଛି
୫. ଅକ୍ଷମ ବ୍ୟକ୍ତିଙ୍କ ପାଇଁ ରିହାତି
୬. ରାଜନୈତିକ ଦଳ/ଦାନକାରୀ ଅନୁଷ୍ଠାନ / ଟ୍ରଷ୍ଟକୁ ଦାନ

କୌଣସି ରିହାତି/ଛାଡ଼ ଦାବି କରିବା ପୂର୍ବରୁ ଦୟାକରି ମନେରଖନ୍ତୁ ଯେ ଆପଣଙ୍କର ଆଇଟିଆର ହେଉଛି ଆପଣଙ୍କ ଦାୟିତ୍ୱ ଏବଂ ଏଗୁଡ଼ିକ ନିଶ୍ଚିତ କରନ୍ତୁ :
୧. ସମସ୍ତ ରିହାତିଗୁଡ଼ିକ ଅସଲ ଏବଂ ପ୍ରକୃତ ଅଟେ
୨. ଏହା ପ୍ରକୃତ ଦେୟ ଏବଂ ଦଲିଲ ଦ୍ୱାରା ସମର୍ଥିତ
୩. ଏହା ଆୟର ଭୁଲ ତଥ୍ୟ ଦିଏ ନାହିଁ।

ପରିଣାମ:
ଆୟକର ଅଧିନିୟମ ୧୯୬୧ର ବ୍ୟବସ୍ଥା ଅନୁଯାୟୀ ପ୍ରବର୍ତ୍ତନ ପ୍ରକ୍ରିୟାରେ ଆୟର ଭୁଲ ଦର୍ଶାଇବା ଦଣ୍ଡନୀୟ ଅଟେ।

କିପରି ସଂଶୋଧନ କରିବେ:
✓ଏ.ୱାଇ. ୨୦୨୩-୨୪ ପାଇଁ ଏକ ସଂଶୋଧିତ ଆଇଟିଆର ଫାଇଲ କରନ୍ତୁ।
✓ଏ.ୱାଇ. ୨୦୨୧-୨୨ ଏବଂ ଏ.ୱାଇ. ୨୦୨୨-୨୩ ପାଇଁ ଏକ ଅଦ୍ୟତିତ ଆଇଟିଆର ଫାଇଲ କରନ୍ତୁ।

cbc 15401/13/0019/2324

ଇ-ବ୍ରୋଚର୍ ପାଇଁ, QR କୋଡ୍ ସ୍କାନ୍ କରନ୍ତୁ

ଆୟକର ବିଭାଗ
ସେଣ୍ଟ୍ରାଲ ବୋର୍ଡ଼ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ
ଅଧିକ ଜାଣିବାପାଇଁ ଦୟାକରି ପରିଦର୍ଶନ କରନ୍ତୁ www.incometax.gov.in

@IncomeTaxIndia @incometaxindia.official @incometaxindiaofficial @Income Tax India @Income Tax India Official


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବୁଡ଼ିଲା ଚେନ୍ନାଇ: ଭାସିଗଲା ...

ଯାଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ସେହିପରି ପ୍ରବଳ ବର୍ଷା ଯୋଗୁ ରାସ୍ତା ଉପରକୁ ବିରାଟ ବଡ଼ କୁମ୍ଭୀର ମଧ ଚାଲି ଆସିଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଲୋକେ ଭୟଭୀତ ହୋଇପଡିଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତାରେ ପାଣି ଚାଲୁଛି। ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାରୁ ଲୋକେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତାରେ ଉପରେ ଅନେକ ଗାଡି ଅଟକି ରହିଛି। ଆମ୍ବୁଲାନ୍ସ ମଧ ଯିବାରେ ଅସୁବିଧା ସୃଷ୍ଟି ହୋଇଛି। ବଡ଼ ବଡ଼ ଗାଡି ସହ କାର ଓ ଅଟୋ ମଧ ବୁଡିଯାଇଥିବାର ଦେଖିବାକୁ ମିଳିଛି। ବର୍ଷା ସହ ପ୍ରବଳ ବେଗରେ ପବନ ମଧ ବହୁଛି। ଫଳରେ ରାସ୍ତାରେ ଅନେକ ଗଛ ଭାଙ୍ଗି ପଡ଼ିଛି। ରାସ୍ତା ଉପରୁ ଗଛକୁ ବାହାର କରିବା ପାଇଁ ଯୁଦ୍ଧକାଳୀନ ଭିତିରେ ଉଦ୍ୟମ ଆରମ୍ଭ ହୋଇଛି। ବାତ୍ୟା ପ୍ରଭାବରେ ବର୍ଷା ହେଉଥିବାରୁ ଲୋକଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଭାର ସୂଚନା ମୁତାବକ, ଆସନ୍ତାକାଲି ବାତ୍ୟା ମିଗଜୋମ୍ ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍‌ରେ ସ୍ଥଳ ଭାଗ ଛୁଇଁବା ସମ୍ଭାବନା ରହିଛି। ତେଣୁ ତାମିଲନାଡ୍ଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ପୁଡୁଚେରୀରେ ଏହାର ଅଧିକ ପ୍ରଭାବ ପଡିବ ବୋଲି ଆକଳନ କରାଯାଉଛି। ତେଣୁ ପଡୁଚେରୀରେ ପ୍ରଶାସନ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ୧୪୪ ଧାରା ଲାଗୁ କରିଛନ୍ତି। ଏଥିସହ ସମୁଦ୍ର ପାଖକୁ ଯିବା ପାଇଁ ଲୋକଙ୍କୁ ବାରଣ କରାଯାଇଛି।

## ଆଜି ଓ ବୁଧବାର ଓଡ଼ିଶାରେ...

ବୁଧବାର ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷାକୁ ଦେଖି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଚାଷୀଙ୍କ ପାଇଁ ସତର୍କ ସୂଚନା ଜାରି କରିଛି। କଚ୍ଚା ଘରେ ନରହିବା ପାଇଁ ପରାମର୍ଶ ଦିଆଯାଇଛି। ଅମଳ ହୋଇଥିବା ଧାନ, ପନିପରିବା, ମିଲେଟ୍ସ, କପା ଓ ଅନ୍ୟାନ୍ୟ ଫସଲକୁ ଘରକୁ ନେଇ ଯିବାକୁ କୁହାଯାଇଛି। ପରିପରିବା ଜମିରୁ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ସେପଟେ ଦେଖିବାକୁ ଗଲେ ରାଜ୍ୟରେ ବର୍ତ୍ତମାନ ଧାନ ଅମଳ ବେଳ ଚାଲିଛି। ଚାଷୀ କାଟି ବିଲ ଓ ଖଳାରେ ପକାଇଛି। ବାତ୍ୟାକୁ ଦେଖି ତରତର ହୋଇ ଚାଷ ଜମିରୁ ଅମଳ ହୋଇଥିବା ଧାନକୁ ଘରକୁ ନେଇ ଆସୁଛି।

## ମିଜୋରାମରେ ସରକାର ...

ଭୋଟରେ ହରାଇଛନ୍ତି ଲାଲଦୁହୋମା। ମିଜୋରାମ ଗଡ ବିଜୟ ସହ ଦଳ ୨୭ଟି ଆସନରେ ଗାଦି ଅକ୍ତିଆର କରିଛି। ମଧ୍ୟାହ୍ନ ଭୋଟ୍ ଗଣତି ସୁଦ୍ଧା ଶାସକ ଦଳରେ ଥିବା ଗଘର ୭ଟି ଆସନରେ ବିଜୟୀ ହୋଇସାରି ଥିବାବେଳେ ତିନୋଟି ଆସନରେ ଆଗୁଆ ରହିଥିଲା। ସେହିପରି ବିଜେପି ଦୁଇଟି ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି।

## ପୂର୍ବତନ ସହକର୍ମୀଙ୍କୁ ....

ହେଲେ କାମ କରି ଦେବା ପାଇଁ ନିତ୍ୟାନନ୍ଦ ତାଙ୍କୁ ଲାଞ୍ଚ ମାଗିଥିଲେ। ତେଣୁ ପୂର୍ଣ୍ଣଚନ୍ଦ୍ର ବାଧ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ଆଜି ନିତ୍ୟାନନ୍ଦଙ୍କୁ ୧୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚି ଯାଇଥିଲେ। ଲାଞ୍ଚ ନେଉଥିବା ବେଳେ ଧରାପଡ଼ିବା ପରେ ବରିଷ୍ଠ କିରାଣି ନିତ୍ୟାନନ୍ଦ ନିତ୍ୟାନନ୍ଦ ଗାଇଗରିଆଙ୍କ ତିନିଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିଛି। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଏହି ଚଢ଼ାଉ କରିଛି।

## ଓଡ଼ିଶାରେ ବି ଗେମଚେଞ୍ଜର...

ଆକଳନ କରୁଛନ୍ତି । ରାଜନୀତିକ ବିଶ୍ଳେଷକଙ୍କ ମତରେ ୨୦୧୯ ସାଧାରଣ ନିର୍ବାଚନ ପରଠୁ ବିଜେପି ଓ ବିଜେଡିର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ରାଜନୀତିକ ସମ୍ପର୍କର ପରିଭାଷା ବଦଳି ଯାଇଛି । କେନ୍ଦ୍ରରେ ବିଜେପି ସରକାରକୁ ଉପରେ ପଡ଼ି ସବୁପ୍ରକାରର ସମର୍ଥନ ଓ ଏପରିକି ଗୋଟିଏ ରାଜ୍ୟସଭା ଆସନ ମଧ ଦେବାକୁ ବିଜେଡି ପଛାଇ ନାହିଁ । କେନ୍ଦ୍ରୀୟ ବିଜେପି ନେତୃତ୍ୱଙ୍କ ଶୁଭଦୃଷ୍ଟିରେ ରହିବା ପାଇଁ ବିଜେଡି ଗତ ସାଢ଼େ୪ବର୍ଷ ଧରି ସବୁପ୍ରକାର କଳକୌଶଳ ଆପଣାଇଛି । ଆଉ ଏହି ଅବଧି ମଧରେ ବିଜେଡି ନିଜର କଟ୍ଟର ଆଂଚଳିକବାଦ ଆଭିମୁଖ୍ୟ ଓ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗରୁ ବି ଓହରି ଯାଇଛି । ଏପରିକି ବିଜେପି ରାଜ୍ୟରେ ପ୍ରମୁଖ ବିରୋଧୀ ଦଳ ହୋଇଥିଲେ ମଧ ବିଜେପିର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ୍ ଶାହଙ୍କ ସମ୍ପର୍କରେ ପଦୁଟିଏ ବି ବିଜେଡି କହିବାକୁ ସାହାସ ଜୁଟାଇ ପାରିନି । ବିଜେପିର ଏହି ଦୁଇ ଶୀର୍ଷ ନେତାଙ୍କ ବିରୁଦ୍ଧରେ ପ୍ରତିକୂଳ ଟିପ୍ପଣୀ ଦେବାକୁ ବିଜେଡିର ମୁଖପାତ୍ର ହୁଅନ୍ତୁ ଅବା ବିଧାୟକ ଓ ସାଂସଦ, କେହି ବି ଏପର୍ଯ୍ୟନ୍ତ ସାହାସ କରିନାହାନ୍ତି । ଯଦିଓ ରାଜ୍ୟ ବିଜେପି ନେତୃତ୍ୱ ପ୍ରତିଦିନ ଶାସକ ବିଜେଡିକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା ସହ ସରକାର ବିରୁଦ୍ଧରେ ବିକ୍ଷୋଭ-ଧାରଣା ଆଦି ଜାରି ରଖିଛନ୍ତି । ହିନ୍ଦି ହାର୍ଟଲ୍ୟାଣ୍ଡରେ ବିଜେପିର ବୃହତ୍ ବିଜୟ ପରେ ବିଜେଡି ମୁଖ୍ୟମନ୍ତ୍ରୀ ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟେଲିଫୋନ୍ କରି ଶୁଭେଚ୍ଛା ଜଣାଇଛନ୍ତି । କେନ୍ଦ୍ରୀୟ ରାଜନୀତିକ ପରିଦୃଶ୍ୟରେ ବିଜେଡିର ଭୂମିକା ସର୍ବଦା ବିଜେପିର ବି-ଟିମ୍ ସଦୃଶ ବୋଲି ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରି ଆସୁଛନ୍ତି । ଯଦିଓ ଏଭଳି ଚର୍ଚ୍ଚା ଓ ଅଭିଯୋଗକୁ ଉଭୟ ବିଜେଡି ଓ ରାଜ୍ୟ ବିଜେପି ନେତୃତ୍ୱ ଖଣ୍ଡନ କରିଆସୁଛନ୍ତି । ତେବେ ସାଧାରଣ ନିର୍ବାଚନର ମାତ୍ର ୪ମାସ ପୂର୍ବରୁ ନିର୍ବାଚନୀ ସେମିଫାଇନାଲରେ ବିଜେପିର ଅଭୂତପୂର୍ବ ବିଜୟ ପରେ ବିଜେଡିର ଟେନସନ୍ ବଢ଼ିଯାଇଛି । ନିଜ ଉପରେ ଚାପ ବଢ଼ିବାର ଆଶଙ୍କା ବିଜେଡି କରୁଛି । ବିଜେପି ରାଜ୍ୟରେ ଫ୍ରେଣ୍ଡଲି ମ୍ୟାଚ୍ ଖେଳିବ ନା ଏକପାଖିଆ କ୍ଷମତା ଦଖଲ ପାଇଁ ରଣନୀତିକୁ କାର୍ଯ୍ୟକାରୀ କରାଇବ ତାହା ମଧ ବିଜେଡିକୁ ଆଶଙ୍କାରେ ପକାଇଛି ।

## ହନିଟ୍ରାପ୍ ମାମଲାରେ...

ଫଟୋ ଭାଇରାଲ୍ ହେବା ପରେ ରାଜ୍ୟ ରାଜନୀତିରେ ଝଡ଼ସୃଷ୍ଟି ହୋଇଥିଲା। ସେପଟେ ଅର୍ଚ୍ଚନା କୋର୍ଟରେ ହାଜର ବେଳେ ବଡ଼ବଡ଼ ରାଜନେତାଙ୍କ ମୁଖା ଖୋଲିବେ ବୋଲି ଗର୍ଜନ କରୁଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଖୋଲିଲେ ନାହିଁ। ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ଖୋଲିଲା ନାହିଁ ମହା ଠକେଇ ରାଜ୍। ଏହି ମାମଲାରେ ପୂର୍ବରୁ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ତା'ପରେ ସେ ଜେଲ୍‌ରୁ ବାହାରିଥିଲେ। ଏବେ ଅର୍ଚ୍ଚନାଙ୍କୁ ସର୍ତ୍ତମୂଳକ ଜାମିନ୍ ମିଳିଲା। ସ୍ୱାମୀଙ୍କ ପରେ ପରେ ଅର୍ଚ୍ଚନା ଜେଲ୍‌ରୁ ବାହାରିବେ ବୋଲି ଚର୍ଚ୍ଚା ହେଉଛି।

## ୩ ରାଜ୍ୟରେ ପରାଜୟ ପରେ....

ଯୋଗ ଦେଇପାରିବେନି ବୋଲି କୁହାଯାଉଛି । ସୂଚନାଯୋଗ୍ୟ ଯେ, ନିର୍ବାଚନ ହୋଇଥିବା ୫ଟି ରାଜ୍ୟରୁ ୩ଟି ରାଜ୍ୟରେ ବିଜେପି ବଡ ବିଜୟ ହାସଲ କରିଛି । ମଧ୍ୟପ୍ରଦେଶ, ଛତିଶଗଡ ସହିତ ରାଜସ୍ଥାନରେ ସରକାର ଗଠନ କରୁଛି ବିଜେପି । ତେଲେଙ୍ଗାନାକୁ ଛାଡିଦେଲେ ଏହି ତିନୋଟି ରାଜ୍ୟରେ କଂଗ୍ରେସକୁ ମିଳିଛି ଜବରଦସ୍ତ ଝଟକା । ଆଉ ଏବେ ବିରୋଧୀ ମେଣ୍ଟର ବୈଠକରେ ମମତା ବାନାର୍ଜୀ ସାମିଲ ନହେବାକୁ କଂଗ୍ରେସକୁ ଦ୍ୱିତୀୟ ଝଟକା ବୋଲି କୁହାଯାଉଛି । ଲୋକସଭା ନିର୍ବାଚନ ପୂର୍ବରୁ ବିଜେପିକୁ ମୁକାବିଲା କରିବାକୁ ବିରୋଧୀ ଦଳମାନେ ଏକଜୁଟ୍ ହେଇ ଇଣ୍ଡିଆ ମେଣ୍ଟ ଗଠନ କରିଥିଲେ । ସେତେବେଳେ ଏହି ମେଣ୍ଟରେ ୨୬ଟି ଦଳ ସାମିଲ ହେଇଥିଲେ । ଏହି ମେଣ୍ଟର ଦ୍ୱିତୀୟ ବୈଠକ ବେଙ୍ଗାଲୁରୁ ଏବଂ ତୃତୀୟ ବୈଠକ ମୁମ୍ବାଇରେ ଆୟୋଜିତ ହେଇଥିଲା । ତେବେ ଆସନ୍ତା ଡିସେମ୍ବର ୬ ତାରିଖରେ ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ଚତୁର୍ଥ ବୈଠକ ବସିବାକୁ ଅଛି ।

## ତେଲଙ୍ଗାନାରେ କିଏ ହେବେ...

କଂଗ୍ରେସ ସଭାପତି ରେବନ୍ଥ ରେଡ୍ଡୀ ଏନେଇ ପ୍ରସ୍ତାବ ଦେଇଥିଲେ। ତାଙ୍କ ପ୍ରସ୍ତାବକୁ ଉପସ୍ଥିତ ସମସ୍ତ ବିଧାୟକ ସମର୍ଥନ କରିଥିଲେ। ତେଲଙ୍ଗାନାରେ ମୁଖ୍ୟମନ୍ତ୍ରୀ ଚୟନ ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ଏହାକୁ ଦଳର ବିଧାୟକମାନେ ସମର୍ଥନ ଜଣାଇଛନ୍ତି ବୋଲି ଶିବକୁମାର କହିଛନ୍ତି। ମୁଖ୍ୟମନ୍ତ୍ରୀ ବାଛିବା ପୂର୍ବରୁ ଦଳର ସମସ୍ତ ୬୪ ଜଣ ବିଧାୟକଙ୍କ ମତାମତ ନିଆଯିବ। ସମସ୍ତ ବିଧାୟକ ଯେପରି ମନଖୋଲି ସେମାନଙ୍କର ପସନ୍ଦର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସଂପର୍କରେ କହିପାରିବେ, ସେଥିପାଇଁ ଶିବକୁମାର ସେମାନଙ୍କୁ ଜଣ ଜଣ କରି ଭେଟିବେ ବୋଲି ଜଣାପଡ଼ିଛି। ଆଜି ଏଆଇସିସି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକା ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ ତେଲଙ୍ଗାନା ଦାୟିତ୍ୱରେ ଥିବାଏଆଇସିସି ଇନ୍‌ଚାର୍ଜ ମାନିକରାଓ ଠାକରେଙ୍କ ଅଧକ୍ଷତାରେ କଂଗ୍ରେସ ବିଧାୟକ ଦଳର ବୈଠକ ବସିଥିଲା। କଂଗ୍ରେସ ତେଲଙ୍ଗାନାରେ ସରକାର ଗଠନ କରିବା ପାଇଁ ରବିବାର ରାତିରେ ରାଜ୍ୟପାଳଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲା। ତେବେ କେବେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ, ସେ ନେଇ ଦଳ ପକ୍ଷରୁ କିଛି ନିଷ୍ପତ୍ତି ହୋଇନି। ୧୧୯ଟି ଆସନ ବିଶିଷ୍ଟ ତେଲଙ୍ଗାନା ବିଧାନସଭାରେ କଂଗ୍ରେସ ୬୪ଟି ଆସନରେ ବିଜୟୀ ହୋଇଥିବା ବେଳେ କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କ ଭାରତ ରାଷ୍ଟ୍ର ସମିତି ୩୯ଟି ଆସନ ଜିତିଛି। ସେହିପରି ୮ଟିରେ ବିଜେପି ଓ ୮ଟିରେ ଅନ୍ୟାନ୍ୟ ଦଳ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଠାରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବର ୬୦ ରହିଥିବା ବେଳେ କଂଗ୍ରେସ ପାଖରେ ଏହି ସଂଖ୍ୟା ରହିଛି। ମୁଖ୍ୟମନ୍ତ୍ରୀ ରେସ୍‌ରେ ସର୍ବାଗ୍ରେ ରହିଛି ତେଲଙ୍ଗାନା କଂଗ୍ରେସ ସଭାପତି ରେବନ୍ଥ ରେଡ୍ଡୀଙ୍କ ନାଁ। ସେହିପରି ଭଟ୍ଟି ବିକ୍ରମାର୍କ ମାଲୁ ଓ ଉତ୍ତମ କୁମାର ରେଡ୍ଡୀଙ୍କ ନାଁ ମଧ ରେସ୍ ?ରେ ଅଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ଥିଲେ ଭଟ୍ଟି ବିକ୍ରମାର୍କ ମାଲୁ। ନିର୍ବାଚନ ପୂର୍ବରୁ ସେ ୧୪୦୦ କିମି ପଦଯାତ୍ରା କରିଥିଲେ। ଉତ୍ତମ କୁମାର ରେଡ୍ଡୀ ପୂର୍ବରୁ ତେଲଙ୍ଗାନା କଂଗ୍ରେସ ସଭାପତି ଥିଲେ। ୨୦୨୧ରେ ରେବନ୍ଥ ରେଡ୍ଡୀ ତାଙ୍କଠାରୁ ଦାୟିତ୍ୱ ନେଇଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# କପ୍ତିପଦାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଉଦଳା , ୦୪/୧୨ (ନି.ପ୍ର): କପ୍ତିପଦା ସଂସ୍କୃତି ଭବନ ପରିସରରେ ସମ୍ଭବ ଭିନ୍ନକ୍ଷମ ମଂଚ ଆନୁକୁଲ୍ୟରେ ଚଳିତ ଡ଼ିସେମ୍ବର ୩ ତାରିଖ ରବିବାର ଦିନ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ରକ୍ତଦାନ ଶିବିର ଓ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇଥିଲା । ଭିନ୍ନକ୍ଷମ ମଂଚର ସଭାପତି ମନୋରଂଜନ ଜେନାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ଶିକ୍ଷାବିତ ପ୍ରଫୁଲ ମହାଳିକ ସାଧାରଣ ସଭାରେ ସଭାପତିତ୍ୱ କରି ଆଜିର ଦିବସ ପାଳନର ଉଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜର ପ୍ରଫେସର ଡ଼ା. ମନୋରଂଜନ ମଳିକ ଓ କପ୍ତିପଦା ଥାନାର ଆରକ୍ଷୀ ନିରୀକ୍ଷକ ଆଦିତ୍ୟ ପ୍ରସାଦ ଜେନା ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କ ଦ୍ୱାରା କିପରି ବିଜ୍ଞାନ, ଦର୍ଶନ ଓ ସାହିତ୍ୟ କ୍ଷେତ୍ରରେ ବିପ୍ଳବାତ୍ମକ ପରିବର୍ତ୍ତନ ଆସିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶିକ୍ଷକ ସଂତୋଷ କୁମାର ସାହୁ, ନିରଂଜନ ପରିଡ଼ା ଓ ରାଜକିଶୋର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ । ସମ୍ଭବ ଭିନ୍ନକ୍ଷମ ମଂଚର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।





# ଭଙ୍ଗା ସାଇକେଲ ଧରି ଓଡ଼ିଶାର ପ୍ରତି ଜିଲ୍ଲା ଗସ୍ତକରି ସ୍ୱଚ୍ଛଭାରତ ଓ ମାନବସେବାର ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ଗୟାଧର ବିଶ୍ୱାଳ

ନିଳଗିରି, ୦୪/୧୨ (ନି.ପ୍ର): ସ୍ୱଚ୍ଛଭାରତ ଓ ମାନବସେବାର ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ଖଣ୍ଡେ ଭଙ୍ଗା ସାଇକେଲ ଧରି ଓଡ଼ିଶାର ବିଭିନ୍ନ ଜିଲ୍ଲା କାର୍ଯ୍ୟାଳୟ, ଅଫିସ, ରାସ୍ତାଘାଟ ଝାଡୁ ଧରି ସଫେଇ କରି ନିଜ ପରିବେଶକୁ ନିଜେ ସ୍ୱଚ୍ଛ ରଖିବା ସହିତ ମାନବ ସେବା ପାଇଁ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ଗୟାଧର ବିଶ୍ୱାଳ । ଓଡ଼ିଶାର ଏଯାବତ୍ ୮ଟି ଜିଲ୍ଲାର ବିଭିନ୍ନ ସରକାରୀ ଅଫିସ ସବୁକୁ ସଫେଇ କରିଥିବାବେଳେ ସାଇକେଲରେ ବୁଲି ବୁଲି ଅନ୍ୟ ସମସ୍ତ ଜିଲ୍ଲା ଗସ୍ତ କରିବେ ବୋଲି ପ୍ରକାଶ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ୍ ଅନ୍ତର୍ଗତ ଡଗରପଡ଼ା ପୁରୁଷୋତ୍ତମପୁର ଗ୍ରାମର ୫୭ବର୍ଷୀୟ ଗୟାଧର




ବିଶ୍ୱାଳ । ନିଜର ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ନେଇ ଏବେ ସେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ନିଜର ଏକ ଭଙ୍ଗା ସାଇକେଲରେ ଝାଡୁ, ସ୍ୱଚ୍ଛତା ଉପରେ ଏକ ବେନର ବାନ୍ଧି ଖରା, ବର୍ଷା, ଶୀତ କାକରକୁ ଖାତିର ନ କରି ନିଜର ଲକ୍ଷ୍ୟ ପଥରେ ପ୍ରତିଦିନ ବାହାରି ଯାଆନ୍ତି । ଏଯାବତ୍ ଗୟାଧର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ ଜିଲ୍ଲା ସାଇକେଲରେ ଯାତ୍ରା କରିସାରିଥିବା ବେଳେ ଅବଶିଷ୍ଟ ସବୁ ଜିଲ୍ଲା ଗସ୍ତ କରି ସ୍ୱଚ୍ଛତା ଉପରେ ସଚେତନତା ବାର୍ତ୍ତା ବାଣ୍ଟିବେ ବୋଲି ପ୍ରକାଶ କରିଛନ୍ତି । ଏହା ସହିତ ସେ ମହାମହିମ ରାଷ୍ଟ୍ରପତି, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ସାକ୍ଷାତ କରିବେ ବୋଲି ଆଶା ଭରଷା ରଖିଛନ୍ତି । ତାଙ୍କର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଛି । ଜଣେ ଗରିବ ଖଟିଖିଆ ଗୟାଧର ପାଖରେ ଆର୍ଥିକ ପରିସ୍ଥିତି ଭଲ ନଥିବା ବେଳେ ରାଜ୍ୟ ସରକାର କିଛି ଆର୍ଥିକ ସାହାଯ୍ୟ ଯୋଗାଇ ଦିଅନ୍ତି ତେବେ ଗୟାଧର ସବୁ ଜିଲ୍ଲା ବୁଲିବୁଲି ଏହିଭଳି ଅନେକ ସଚେତନତାର ବାର୍ତ୍ତା ବାଣ୍ଟି ପାରନ୍ତେ ବୋଲି ଆଶା ରଖିଛନ୍ତି ।

# ଦୀପିକା ଦାଶଙ୍କର ନାଟକ ପୁସ୍ତକ 'ମଣିମାନ୍ତେ' ଉନ୍ମୋଚିତ




କୋଣାର୍କ, ୦୪/୧୨ (ନି.ପ୍ର): ଅର୍କ କ୍ଷେତ୍ରର କୋଣାର୍କ ମହୋତ୍ସବରେ କୋଣାର୍କ ସାହିତ୍ୟ ସଂସଦ ଦ୍ୱାରା ଆୟୋଜିତ ସାହିତ୍ୟ ଆସରରେ ଯୁବ ଲେଖିକା ଦୀପିକା ଦାଶଙ୍କର ନାଟକ ପୁସ୍ତକ ମଣିମାନ୍ତେର ଉନ୍ମୋଚନ ପର୍ବ ବେଶ ଆକର୍ଷଣୀୟ ଭାବେ ପାଳିତ ହୋଇଥିଲା । ଏହି ଉତ୍ସବରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ମଧୁସୂଦନ ଦାଶ, ସୁପ୍ରସିଦ୍ଧ ସାହିତ୍ୟିକ ଦାଶ ବେନହୁର, ସାହିତ୍ୟିକ ଦିଲ୍ଲୀପ କୁମାର ସ୍ୱାଇଁ, ସାହିତ୍ୟିକ ସୁଚେତା ମିଶ୍ର, ନୃତ୍ୟବିଦୁଷି ତଥା ପଦ୍ମଶ୍ରୀ ଡକ୍ଟର ଅରୁଣା ମହାନ୍ତି, ଓଟିଡିସିର ମହା ପ୍ରବନ୍ଧକ ଡକ୍ଟର ଲଲାଟେନ୍ଦୁ ସାହୁ ତଥା କୋଣାର୍କ ସାହିତ୍ୟ ସଂସଦର ସଭାପତି ଶ୍ରୀଯୁକ୍ତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଅତିଥି ଭାବରେ ଯୋଗଦେଇ ନାଟକ ମଣିମାନ୍ତେ ଉନ୍ମୋଚନ କରିବା ସହ ନିଜ ନିଜର ଚମତ୍କାର ବକ୍ତବ୍ୟ ପରିବେଷଣ କରିଥିଲେ । ମଣିମାନ୍ତେର ଯୁବ ନାଟ୍ୟକାରିଣୀ ଦୀପିକା ଦାଶ ତାଙ୍କ ବକ୍ତବ୍ୟରେ ନିଜ ସାରସ୍ୱତ ଯାତ୍ରା ତଥା ନାଟକ ରଚନା ବିଷୟରେ ବେଶ ମର୍ମସ୍ପର୍ଶୀ କଥା ରଖିଥିଲେ । ମୁକ୍ତାକାଶ ତଳେ ଅନୁଷ୍ଠିତ ଜାତୀୟ ଖ୍ୟାତିସମ୍ପନ୍ନ ଏହି ସଭାରେ ଓଡ଼ିଶାର ବିଶେଷ ସାହିତ୍ୟ ପ୍ରତିଭାଧାରୀ ମାନେ ଯୋଗଦେଇ ଉତ୍ସବକୁ ସଫଳତାରେ ଅଭିହିତ କରାଇବାରେ ବିଶେଷ ଯୋଗଦାନ କରିଥିଲେ ।

## ଫିଲ୍ମ ଷ୍ଟାଇଲରେ ଅପହରଣ ଉଦ୍ୟମ ଫ୍ୟୁଜ୍

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଫିଲ୍ମ ଷ୍ଟାଇଲରେ ଅପହରଣ ଉଦ୍ୟମ, କିନ୍ତୁ ସବୁ ସୋକୁ ଫ୍ଲପ କରିଦେଲା ପୋଲିସ । କମିଶନରେଟ ପୋଲିସର ବଡ଼ଗଡ଼ ଥାନାକୁ ବଡ଼ ସଫଳତା । ଦୁର୍ଘଟଣାକୁ କେନ୍ଦ୍ର କରି ଜଣେ ଡ୍ରାଇଭରଙ୍କୁ ଅପହରଣ କରୁଥିବା ଅଭିଯୁକ୍ତଙ୍କୁ କାବୁ କରିଛି ବଡ଼ଗଡ଼ ଥାନା ପୋଲିସ । ଘଟଣା ଥିଲା କିଛି ଏହିପରି । ଗତକାଲି ବିଳମ୍ବିତ ରାତିରେ ରବି ଟକିଜ ଛକ ନିକଟରେ ଏକ ପିକଅପ ଭ୍ୟାନ ସହ ଗୋଟିଏ ଡିଜେ ଗାଡିର ସାମାନ୍ୟ ଧକ୍କା ହୋଇଥିଲା । ଯାହାକୁ କେନ୍ଦ୍ର କରି ଡିଜେ ଗାଡିର ୭ ରୁ ୮ ସଦସ୍ୟ ରାସ୍ତା ଉପରେ ପିକ ଅପ ଭ୍ୟାନ ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ । ଏପରିକି ଜୋର ଜବରଦସ୍ତ ଡ୍ରାଇଭର ଜଣଙ୍କୁ ଲକ୍ଷାଧିକ ଟଙ୍କା ଦାବି କରି ଉଠାଇନେଇଥିଲେ ।

## ବିଜେପି କାର୍ଯ୍ୟାଳୟରେ ୩ ରାଜ୍ୟର ବିଜୟଦିବସ ପାଳିତ

ଜଳେଶ୍ୱର , ୦୪/୧୨ (ନି.ପ୍ର): ଗତ ରବିବାର ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଗଡ ରାଜ୍ୟରେ ବିଜେପିକୁ ଅଭୁତପୂର୍ବ ସଫଳତା ମିଳିଥିବାରୁ ବିଭିନ୍ନ ସ୍ଥାନ ଉତ୍ସବ ମୁଖରିତ ହୋଇଛି । ଜଳେଶ୍ୱର ବିଜେପି କାର୍ଯ୍ୟାଳୟରେ ମଧ୍ୟ ବିଜୟ ଉତ୍ସବ ପାଳିତ ହୋଇଛି । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମୀମାନେ ବାଜାବଜେଇ, ବାଣ ଫୁଟେଇ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରବିର ପ୍ରଧାନ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ସମୀର ପାତ୍ର, ଚନ୍ଦନ କୁମାର ଦାସ, ରଂଜନ ମହାନ୍ତି, ତପନ ବିଶ୍ୱାଳ, ସୁମତି ରଣା ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ସଫଳତା ସଂପର୍କରେ ବଖାଣିଥିଲେ ।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଭଦ୍ରକ, ୦୪/୧୨ (ନି.ପ୍ର): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ଖାଦ୍ୟ ସୁରକ୍ଷା ଓ ମାଇକ୍ରୋଫାଇନ୍ସ ସଂସ୍ଥା ଉପରେ ନିୟନ୍ତ୍ରଣକୁ ଆଧାର କରି ଦାବୀପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ସରକାରଙ୍କର ଖାଦ୍ୟ ସୁରକ୍ଷା ଆଇନ୍ ଆଜି ସାଧାରଣ ଲୋକଙ୍କ ଠାରୁ ଅପହଂଚ ହୋଇଗଲାଣି । ଖାଦ୍ୟ ସୁରକ୍ଷାରେ ମିଳୁଥିବା ଖାଦ୍ୟ ଶସ୍ୟ ୧୭କେଜି. ପ୍ରଦାନରେ ସମସ୍ୟା ଦେଖାଇଛି । ବାଇଓ୍ୱମେଟ୍ରିକ୍ସି (ଟିପଚିହ୍ନ) ଆଧାର ଲିଙ୍କ୍‌ରେ ଟିପ ଚିହ୍ନ ନ ମିଶିଲେ ଚାଉଳ ମିଳୁନାହିଁ, ୧୪ଟି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତଥା (ଡାଲି, କିରୋସିନି, ଚିନି, ତେଲ) ଆଦି ପୂର୍ବଭଳି ଯୋଗାଇ ଦିଆଯାଉ , ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ଆଇନ୍‌ରେ ଅନ୍ତର୍ଭୁକ୍ତ କରାଯାଉ ଆଦି ଦାବି ସହିତ, ମାଇକ୍ରୋଫାଇନାନ୍ସ କମ୍ପାନୀ ମାନଙ୍କ ଉପରେ ବ୍ୟାଙ୍କ୍ ଗୁଡିକର ନିୟନ୍ତ୍ରଣ ନରହୁଥିବାରୁ, ଆବଶ୍ୟକ ସୁଧହାର ଠାରୁ ଅନେକ ସୁଧ ନେବା, ମହିଳା ମାନଙ୍କୁ ଅଶାଳୀନ ବ୍ୟବହାର କରିବା ଆଦି ତଥ୍ୟ ବଢ଼ିବାରେ ଲାଗିଛି । ତେଣୁ ଜିଲ୍ଲାସ୍ତରରେ ଏହି ସଂକ୍ରାନ୍ତୀୟ ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ପାଇଁ ଦାବୀ ପତ୍ର ପ୍ରଦାନ କରାଗଲା । ବନ୍ତ ଛକରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଲୋଚନା କରାଯାଇଥିଲା ଓ ତୁରନ୍ତ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଓ ବ୍ୟାଙ୍କଙ୍କୁ ତାଗିଦ୍ କରିବାର ଓ ଏସ.ଏଚ.ଜି ସୁଧ ଟଙ୍କା ଫେରସ୍ତ ଲାଗି ପ୍ରତିଶୃତି ଦେଇଛନ୍ତି । ଉକ୍ତ ଆଲୋଚନାରେ ସର୍ବଭାରତୀୟ ନେତ୍ରୀ ତାପସୀ ପ୍ରହରାଜ, ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ଜିଲ୍ଲା ସଭାନେତ୍ରୀ ପ୍ରଭାତି ଜେନା, ସମ୍ପାଦିକା ମମତା ଜେନା, ସୁମତୀ ନାୟକ, ସଂଜିତା ମହାପାତ୍ର, ସୀତାରାଣୀ ଦାସ, ସଂଯୁକ୍ତା ଯାଦବ, ଶାନ୍ତିଲତା ଦାଶ, ମିନୁ ମହାପାତ୍ର, ଶାନ୍ତିଲତା ନାୟକ, ରୋଜାଲିନ୍ ସାମ୍ୟବାଦୀ, ବାସନ୍ତି ସୁଆର, ସବିତା ନାୟକ ପ୍ରମୁଖ ଯୋଗଦେଇଥିଲେ ।

# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ




ବାଲେଶ୍ୱର, ୦୪/୧୨ (ନି.ପ୍ର): ମୁଖ୍ୟ ଅତିଥି ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ, ଉପାଧ୍ୟକ୍ଷ ବାଲେଶ୍ୱର ମ୍ୟୁନିସିପାଲିଟି ଶ୍ରୀଯୁକ୍ତ କୌଳାଶ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ମନୋଜ କୁମାର ରାଉତ, ପୂର୍ବତନ ୱାର୍ଡ କାଉନସିଲର ଶ୍ରୀଯୁକ୍ତ ବିଶ୍ୱଜିତ୍ ମହାପାତ୍ର, ପୂର୍ବତନ ୱାର୍ଡ କାଉନସିଲର ଶ୍ରୀଯୁକ୍ତ କୌଳାଶ ବିହାରୀ ଦାସ, ବି.ଡ଼ି.ଓ ବାଲେଶ୍ୱର ସଦର ଶ୍ରୀଯୁକ୍ତ ସମରଜିତ୍ କର, 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ବାଲେଶ୍ୱର ଜିଲ୍ଲା ନୋଡ଼ାଲ ଅଫିସର ସୁବ୍ରତ କୁମାର ରଣା, ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅନ୍ନଦା ପ୍ରସାଦ ଜେନା ଉପସ୍ଥିତ ଥିଲେ ।

# ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




ବାରିପଦା, ୦୪/୧୨ (ନି.ପ୍ର): ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୩ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାର ଲକ୍ଷ୍ମୀପୋଷି ସ୍ଥିତ ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଏବଂ ଜିଲ୍ଲାର ସ୍ୱତନ୍ତ୍ର ବିଦ୍ୟାଳୟ ମାନଙ୍କର କ୍ରୀଡା ଶିକ୍ଷକ ମାନଙ୍କ ଦ୍ୱାରା ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସଚେତନତା ସଭାରେ ପୌରହିତ୍ୟକରି ଦିବ୍ୟାଙ୍ଗ ମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ସମାଜର ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ରୂପଭାନୁ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଭିନ୍ନକ୍ଷମ ସଶକ୍ତିକରଣ ଉପଲକ୍ଷେ ନିଜର ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଚାରି ଯୋଡ଼ା ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ଜିଲ୍ଲାପାଳ ପ୍ରଦାନ କରିବା ସହ ଭିନ୍ନକ୍ଷମ ସଶକ୍ତିକରଣ ପାଇଁ କାମ କରୁଥିବା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଓ କାର୍ଯ୍ୟାଳୟର କର୍ମଚାରୀ ମାନେ ପରିଚାଳନା କରିଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଜଣାଇଛନ୍ତି ।

# ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ



ଉଦଳା , ୦୪/୧୨ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ବେଗୁନାଡ଼ିହା ଓ ଛୋଟରାୟପୁର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଛୋଟରାୟପୁରର ପ୍ରଧାନ ଶିକ୍ଷୟିତ୍ରୀ ମାନସି ମହାନ୍ତି ଓ ବେଗୁନାଡ଼ିହାର ପ୍ରଧାନ ଶିକ୍ଷୟିତ୍ରୀ ମଂଜୁଲତା ପ୍ରଧାନ ଉକ୍ତ ଉତ୍ସବ ଆୟୋଜନର ନେତୃତ୍ୱ ନେଇଥିଲେ । ଉଭୟ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବରେ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ମିନତି ମଂଜରି ପଣ୍ଡା ଓ କଇଁସାରି କ୍ଲଷ୍ଟରର ସିଆରସିସି ଶାନ୍ତନୁ କୁମାର ଦାସ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଖେଳର ପ୍ରକାର ଭେଦ ଓ ପାଠ ପଢ଼ା କ୍ଷେତ୍ରରେ ଏହାର ଆବଶ୍ୟକତା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ପିଲାଙ୍କ ମଧ୍ୟରେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ, ମାନସିକ ଦକ୍ଷତା ସହିତ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମିତି ସଭ୍ୟା ସବିତା ବେହେରା ଓ ପରିଚାଳନା କମିଟି ସଭାପତି ଶୁଭସ୍ମିତା ସାହୁ ଯୋଗାସନକୁ କିପରି ଏକ ଖେଳ ରୂପେ ଗ୍ରହଣ କରାଯାଇଛି ଓ ଚଳିତ ବର୍ଷରୁ ଅଲମ୍ପିକରେ ମଧ ଯୋଗାସନ ସ୍ଥାନ ପାଇଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଖେଳ ପିଲାଙ୍କ ମଧ୍ୟରେ ହସ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା ।

## ଅଟୋକୁ ଧକ୍କାଦେଲା ଟ୍ରକ: ଅଟୋ ଚାଳକ ଗୁରୁତର

ଖୋର୍ଦ୍ଧା, ୦୪/୧୨ (ନି.ପ୍ର): ୧୬ନମ୍ବର ଜାତୀୟ ରାଜପଥର ତୋଟାପଡା ଛକଠାରେ ରାସ୍ତାପାଶ୍ୱର୍ରେ ଥୁଆ ହୋଇଥିବା ଏକ ଯାତ୍ରୀବାହୀ ଅଟୋକୁ ପଛରୁ ଏକ ମାଲବାହୀ ଗାଡି ଧକ୍କାଦେବାରୁ ଅଟୋଚାଳକ ଗୁରୁତର ଆହତ ହୋଇଛନ୍ତି । ଆହତ ଚାଳକ ହେଲେ ଜଟଣୀ ଥାନା ପଦନପୁର ଅଂଚଳର ଚନ୍ଦ୍ରଶେଖର ମହାନ୍ତି ବୋଲି ଜଣାଯାଇଛି । ସୂଚନା ଅନୁସାରେ, ଅପରାହ୍ନରେ ଚନ୍ଦ୍ରଶେଖର ଜଟଣୀ ଦିଗରୁ ଅଟୋ ରେ ଯାତ୍ରୀ ଧରି ଜାତୀୟ ରାଜପଥରେ ତୋଟାପଡା ଅଭିମୁଖେ ଆସିଥିଲେ । ତୋଟାପଡା ଛକଠାରେ ଏକ ଟ୍ରକ ପଛରେ ଅଟୋ ରଖି ଯାତ୍ରୀ ଙ୍କୁ ଓହ୍ଲାଇ ଚନ୍ଦ୍ରଶେଖର ଗାଡିରେ ବସିଥିଲେ । ଏହି ସମୟରେ ପଛପାଶ୍ୱର୍ରୁ ଲୁହାବୋଝେଇ ହୋଇ ଆସୁଥିବା ଏକ ଟ୍ରକ ଅଟୋକୁ ଧକ୍କାଦେବା ଫଳରେ ଅଟୋ ଦୁଇ ଟ୍ରକ ଭିତରେ ଚାପି ହୋଇଥିଲା । ଫଳରେ ଗୁରୁତର ଅବସ୍ଥାରେ ଚନ୍ଦ୍ରଶେଖର କୁ ଉଦ୍ଧାର କରାଯାଇ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ସେଠାରେ ଅବସ୍ଥା ସଙ୍କଟାପନ୍ନଥିବା ଜଣାଯାଇଛି । ପୁଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିବାବେଳେ ରିପୋର୍ଟ ଲେଖାହେବା ଯାଏଁ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ ସୂଚନା ଦେଇଛି ।

# ଟ୍ରକକୁ ପଛପଟୁ ଧକ୍କା ଦେଲା ବସ୍: ୧୦ ଆହତ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ସଡକ ଦୁର୍ଘଟଣା ରୋକିବା ପାଇଁ ପାଳନ ହେଉଥିବା ମୃତ୍ୟୁଶୂନ୍ୟ ଦିବସରେ ପୁଣି ଦୁର୍ଘଟଣା । ଯାଜପୁରରେ ଟ୍ରକକୁ ପଛପଟୁ ଧକ୍କା ଦେଲା ବସ୍ । ଦୁର୍ଘଟଣାରେ ୧୦ଜଣ ଯାତ୍ରୀ ଆହତ ହୋଇଛନ୍ତି । ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର କୋ କୋ ପେଟ୍ରୋଲ ପମ୍ପ ନିକଟରେ ଟ୍ରକକୁ ପଛପଟୁ ଧକ୍କା ଦେଲା ନାୟକ ବସ୍ । ବସଟି ପାଖାପାଖି ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭଦ୍ରକରୁ ଭୁବନେଶ୍ୱର ଯାଉଥିବା ବେଳେ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ୪ଜଣଙ୍କ ଅବସ୍ଥା ସଂଙ୍କଟାପନ୍ନ ରହିଛି । ଆହତଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

# ବଳରାମ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ

ଲଙ୍ଗଳେଶ୍ୱର , ୦୪/୧୨ (ନି.ପ୍ର): ବାଲିଆପାଳର ସ୍ୱାଭିମାନୀ ରାଜନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଳରାମ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବର୍ଷିକୀ ସ୍ମୃତି ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ସୋମବାର ତାଙ୍କ ଖପରାପଦା ସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ,ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ , ସରପଞ୍ଚ ଦେବ କୁମାର ଦେ , ବିଜେଡ଼ି ନେତା ରବୀନ୍ଦ୍ର ନାଥ ଅଣ୍ଡିରା , ହେମନ୍ତ କୁମାର ଦାସ ,ଲମ୍ବୋଦର ମାହାନା , ମୃତ୍ୟୁଞ୍ଜୟ ନାୟକ , ମନ୍ମଥ କୁମାର ବାରିକ,ଆଇନଜୀବୀ ଭୂବନାନନ୍ଦ ଦାସ , ମମତା ରାଣୀ ବିଶ୍ୱାଳ , ବରିଷ୍ଠ ନାଗରିକ ନାରାୟଣ ପ୍ରସାଦ ସାହୁ ଡ଼ଃ ବିଜୟ କୁମାର ଦେ ,ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ଦାସ , ରବି ରଞ୍ଜନ ତ୍ରିପାଠୀ , ସନ୍ୟାସୀ ବେହେରା, ବୀର ମାଧବ ଦାସ , ହରେକୃଷ୍ଣ ଜେନା , ମଧୁସୂଦନ ନାଥ , ଯୁବ ନେତା ସତ୍ୟ କାମ ମହାନ୍ତି ,ରଞ୍ଜନ କୁମାର ସାହୁ, ଦଳିତ ନେତା ସଦାଶିବ ସେଠୀ, ଅଶୋକ କୁମାର ମଣ୍ଡଳ ,ବରିଷ୍ଠ ସେବାୟତ ତପନ କୁମାର ପଣ୍ଡା ,ବୁଦ୍ଧ ଦେବ ପଣ୍ଡା ,ଗୋବିନ୍ଦ ଦାସ ,ସାମ୍ବାଦିକ ରାଜଶ୍ରୀ ପାଣିଗ୍ରାହୀ ,ସୂତା କଳ ପରି ଚାଳନା ନିର୍ଦ୍ଦେଶ କ ଭରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ବଳରାମ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ




କରିଥିଲେ ।ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାଥନା କରାଯାଇଥିଲା ।ଅତିଥି ମାନଙ୍କ ଦ୍ୱାରା ବଳରାମଙ୍କ ପ୍ରତିମୂର୍ତ୍ତି ଏହି ଅବସରରେ ଉନ୍ମୋଚନ ହୋଇଥିଲା ।ପରମେଶ୍ୱରୀ ସାହୁ ,ରାଧା କୃଷ୍ଣ ଦାସ ମହାପାତ୍ର,ବିଶ୍ୱେଶ୍ୱର ପ୍ରତାପ ସାହୁ ,ବାନ୍ତିଆ ନାଥ , ଜାତୀନ୍ଦ୍ର ଦଳାଇ ,ବରେନ୍ଦ୍ର ଦଳାଇ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo